୬ ବିଶ୍ୱର ନମ୍ବର-୧ ଅଲରାଉଣ୍ଡର ହେଲେ ହାର୍ଦ୍ଦିକ ପାଣ୍ଡ୍ୟା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ-୩୧ ● ସଂଖ୍ୟା-୧୫୭ ● ୪ ଜୁଲାଇ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-157 ● 4th July 2024, Thursday ● Bhubaneswar
Licensed to post without pre-payment of postage No- BN-60/22-24

## ସଂସଦରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

# ଗରିବୀ ଦୂରୀକରଣରେ ଆଗାମୀ ୫ ବର୍ଷ ନିର୍ଣ୍ଣାୟକ ହେବ

**ନୂଆଦିଲ୍ଲୀ, ୩/୭**

ମଙ୍ଗଳବାର ଲୋକସଭା ପରେ ବୁଧବାର ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେବା ଅବସରରେ ନିଜର ବକ୍ତବ୍ୟ ରଖିଛନ୍ତି। ଏହି ସମୟରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ଉଠାଇଛନ୍ତି ପ୍ରଧାନମନ୍ତ୍ରୀ।

ଏଥର ନିର୍ବାଚନକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଜନତା ଆମକୁ ଆଶୀର୍ବାଦ ଦେଇଛନ୍ତି। ସେମାନେ ନିଜର ବୁଦ୍ଧି ଓ ବିବେକ ଖଟାଇ ସରକାର ଚୟନ କରିଛନ୍ତି। ଧର୍ମ ରାଜନୀତି ଛାଡ଼ି ଭରସାର ରାଜନୀତିରେ ବିଜୟର ମୋହର ଲଗାଇଛନ୍ତି ଜନତା।

ଦେଶର ଗରିବୀ ଦୂରୀକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ୫ ବର୍ଷ ଗରିବୀ ଦୂରୀକରଣ କ୍ଷେତ୍ରରେ ନିର୍ଣ୍ଣାୟକ ଲଢ଼େଇ ହେବ। ଗରିବୀ ମୂଳୋତ୍ପାଟନ



ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିବ। ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ବିଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ଦଳର ନିର୍ବାଚନୀ ଫଳାଫଳକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ୬୦ ବର୍ଷ ପରେ ବିଜେପି ତୃତୀୟ ଥର ପାଇଁ ସରକାର ଗଢ଼ିଛି। ସରକାର ୧୦ ବର୍ଷ ପୂର୍ଣ୍ଣ କଲା, ଆଗକୁ ଆହୁରି ୨୦ ବର୍ଷ ଯିବାର ଅଛି। ମୋ ଭଳି ଲୋକଙ୍କୁ ସଂସଦରେ ପହଞ୍ଚିବାର ସୁଯୋଗ ମିଳିଛି। ଏହା କେବଳ ବାବା ସାହେବ ଆମ୍ବେଦକରଙ୍କ ପାଇଁ ସମ୍ଭବ ହୋଇ ପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ବେଳେ ବିରୋଧୀ ନାରାବାଜି କରିବା ସହ ବିଭିନ୍ନ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତାଙ୍କୁ କହିବାକୁ ଦିଅ ବୋଲି କହିଥିଲେ। ତଥାପି ପ୍ରଧାନମନ୍ତ୍ରୀ ନିଜର ବକ୍ତବ୍ୟ ଜାରି ରଖିଥିଲେ। ଏହାପରେ ବିରୋଧୀ ଦଳ ସାଂସଦମାନେ ବିଭିନ୍ନ ସ୍ଲୋଗାନ ଦେଇ କକ୍ଷତ୍ୟାଗ କରିଥିଲେ। ବିଜେଡି ସାଂସଦମାନେ ମଧ୍ୟ କକ୍ଷତ୍ୟାଗ କରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ପ୍ରଧାନମନ୍ତ୍ରୀ ଶାଣିତ ଢଙ୍ଗରେ କହିଥିଲେ, ସେମାନେ(ବିରୋଧୀ) ପଚାରିଥିବା ପ୍ରଶ୍ନର ଜବାବ ଶୁଣିପାରିବେନି, କେବଳ ପଳାୟନ କରିବେ। ସମଗ୍ର ଦେଶ ଦେଖୁଛି, ଯେଉଁମାନେ ମିଥ୍ୟା *(ପୃଷ୍ଠା ୭ରେ)*

## ମନ୍ତ୍ରୀଙ୍କୁ ମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ

# ୧୦୦ ଦିନର କାର୍ଯ୍ୟ ଖସଡ଼ା ପାଇଁ ଦେଲେ ପରାମର୍ଶ



**ଭୁବନେଶ୍ୱର, ୩/୭**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନିଜର ମନ୍ତ୍ରିମଣ୍ଡଳଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଶହେ ଦିନର ରୋଡମ୍ୟାପ ଦେଇଛନ୍ତି। ଦିଲ୍ଲୀରୁ ଆଣିଥିବା ବାର୍ତ୍ତା ମନ୍ତ୍ରୀଙ୍କ ପାଖରେ ପହଞ୍ଚାଇଛନ୍ତି। ଏହାଛଡା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ବି ପରାମର୍ଶ ଦେଇଛନ୍ତି। ମୋଟ ଉପରେ ଏହି ବୈଠକରେ ଶହେ ଦିନର କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଛି।

ମନ୍ତ୍ରୀଙ୍କୁ ନିଜ ନିଜ ବିଭାଗର ରିପୋର୍ଟ ମାଗିଛନ୍ତି। ଲୋକ-ସରକାର ଭିତରେ ଥିବା ପାଚେରୀକୁ ଭାଙ୍ଗି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମୀକ୍ଷା ପରେ ନିଜ ନିଜ ବିଭାଗର କାମକୁ ଆଗକୁ ବଢାଇବାକୁ କହିଛନ୍ତି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର କରିବା ପରେ ମୁଖମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ ଗସ୍ତରେ ଦିଲ୍ଲୀ ଯାଇଥିଲେ। ଏହି ଗସ୍ତରେ ତାଙ୍କ ସହ ୨ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ଥିଲେ। ଗସ୍ତ ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ବିଜେପିର ତୁଙ୍ଗନେତାଙ୍କୁ ଭେଟି ଶାସନ ସମ୍ପର୍କରେ ଗୁରୁମନ୍ତ୍ର ଆଣିଥିଲେ। ଆଉ ଏହାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଶ୍ରୀ ମାଝୀ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ମନ୍ତ୍ରୀମଣ୍ଡଳରେ ଅନେକ *(ପୃଷ୍ଠା ୭ରେ)*

## ୬ରୁ ଛେଚିବ ! ବଢ଼ିବ ବର୍ଷା



**ଭୁବନେଶ୍ୱର, ୩/୭**
**ନ୍ୟୁଜ ବ୍ୟୁରୋ**

ବର୍ତ୍ତମାନ ରାଜ୍ୟରେ ବଡ଼ ବର୍ଷା ସମ୍ଭାବନା ନାହିଁ। କିନ୍ତୁ ପ୍ରତିଦିନ କିଛି କିଛି ସ୍ଥାନରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ୫ ତାରିଖରୁ କିଛି ମାତ୍ରାରେ ବଢ଼ିପାରେ ବର୍ଷାର ପରିମାଣ। ୬ ତାରିଖରେ କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ବୁଧବାର ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିଥିଲା। କାଁ ଭାଁ କେଉଁଠି ହୋଇଛି ଝିପିଝିପି ବର୍ଷା। ସେପଟେ ମୌସୁମୀ ସିଜିନରେ ଏଯାଏଁ ରାଜ୍ୟରେ ୨୬ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ୧୧ ଜିଲ୍ଲାରେ ବର୍ଷା ପରିମାଣ ସ୍ୱାଭାବିକ ରହିଛି। ମୟୂରଭଞ୍ଜ ଜିଲ୍ଲାରେ ସବୁଠୁ କମ୍ ବର୍ଷା ହୋଇଥିବା ବେଳେ ୧୭ ଜିଲ୍ଲାରେ ନିଅଣ୍ଟିଆ ବୃଷ୍ଟିପାତ ରେକର୍ଡ କରିଛି ପାଣିପାଗ ବିଭାଗ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ବଦଳିବ 'ମୋ' ବସ୍'ର ନାଁ

## ସେବା ଭଲ ଅଛି, ସଂଖ୍ୟା ବଢ଼ିବ : ମନ୍ତ୍ରୀ

**ଭୁବନେଶ୍ୱର, ୩/୭**
**ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଚାଲୁଥିବା ମୋ' ବସର ନାମ ପରିବର୍ତ୍ତନ ହୋଇ ଆମ ବସ ହୋଇପାରେ। ମୁଁ କିମ୍ବା ମୋ' ଶବ୍ଦ ଦ୍ୱାରା କିଛି ହୁଏ ନାହିଁ। ଆମ ସରକାର, ଲୋକଙ୍କ ସରକାର । ତେଣୁ 'ଆମ ବସ୍' ନାଁ ରହିଲେ ଭଲ ହେବ। ଏଭଳି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ବୁଧବାର ମାଷ୍ଟରକ୍ୟାଣ୍ଟିନଠାରୁ ମୋ' ବସ୍‌ରେ ମନ୍ତ୍ରୀ ପ୍ରେସ ଛକ ଯାଏ ଯାତ୍ରା କରିଥିଲେ। ଏହି ସମୟରେ ସେ ଯାତ୍ରୀଙ୍କ ସମେତ ଷ୍ଟାଫଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ।

ଲକ୍ଷ୍ମୀ ବସର ନାମ ଓ ରଙ୍ଗ ବଦଳିବା ପ୍ରସଙ୍ଗରେ ସେ କହିଛନ୍ତି, ପ୍ରଥମେ 'ମୋ ବସ୍'ର ବ୍ୟବସ୍ଥା ବଦଳିବ। ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ମୋ' ବସର ନାମ ଓ ରଙ୍ଗ ବଦଳିବ।



ମୋ' ବସ୍ ସେବା ଭଲ ଅଛି। କିନ୍ତୁ ସଂଖ୍ୟା ବଢ଼ାଇବାର ଆବଶ୍ୟକତା ଅଛି। ଯାତ୍ରୀ ଅଧିକ ବସ୍ ପାଇଁ ଦାବି କରୁଥିବା ବେଳେ ତାହାକୁ ପୂରଣ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ମନ୍ତ୍ରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪ଶହ ବିଦ୍ୟୁତ ଚାଳିତ ବସ୍ ଓଡ଼ିଶାକୁ ଦେଉଛନ୍ତି। ଅତି ଶୀଘ୍ର ତାହା ଓଡ଼ିଶାରେ ପହଞ୍ଚିବ । *(ପୃଷ୍ଠା ୭ରେ)*

# ହେମନ୍ତ ମୁଖ୍ୟମନ୍ତ୍ରୀ ହେବେ: ଚମ୍ପାଇ ସୋରେନ ଇସ୍ତଫା ଦେଲେ

**ରାଞ୍ଚି, ୩/୭**

ଝାଡଖଣ୍ଡରେ ରାଜନୈତିକ ଉଷ୍ଣତା ବୃଦ୍ଧି ପାଇଛି। ଜମି ଦୁର୍ନୀତିରେ ଜାମିନରେ ଆସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହେଉଥିବା ବେଳେ ସବୁ କଳ୍ପନାଜଳ୍ପନାର ଅନ୍ତଘଟାଇ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଇସ୍ତଫା ଦେଇଛନ୍ତି। ଫଳରେ ହେମନ୍ତ ମୁଖ୍ୟମନ୍ତ୍ରୀ ହେବା ବାଟ ସଫା ହୋଇଯାଇଛି।

ଚମ୍ପାଇ ସୋରେନ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କୁ ଭେଟି ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏହା ସହିତ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) କାର୍ଯ୍ୟନିର୍ବାହୀ ସଭାପତି ହେମନ୍ତ ସୋରେନ ସରକାର ଗଠନ ପାଇଁ ଦାବି କରିଛନ୍ତି। ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଚମ୍ପାଇଙ୍କ ଇସ୍ତଫା ପରେ ନୂତନ ସରକାର ଗଠନ ପାଇଁ ଔପଚାରିକତା ମଧ୍ୟ ଆନୁଷ୍ଠାନିକତା ଭାବେ ଆରମ୍ଭ



ହୋଇଛି ।

ପୂର୍ବରୁ ଚମ୍ପାଇ ସୋରେନଙ୍କ ଘରେ ଏ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ନେତୃତ୍ୱାଧୀନ ବିଧାୟକ ଦଳର ବୈଠକରେ ହେମନ୍ତ ସୋରେନ ପୁଣି ଥରେ ରାଜ୍ୟର ଦାୟିତ୍ୱ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ସୋରେନଙ୍କୁ ଜୁନ୍ ୨୮ରେ ଜାମିନ ମିଳିଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନଙ୍କ ଇସ୍ତଫା ନେଇ କଳ୍ପନାଜଳ୍ପନା ମଧ୍ୟ ବୃଦ୍ଧି ପାଇଥିଲା। ହେମନ୍ତ ସୋରେନ ବୁଧବାର ଇଣ୍ଡିଆ ଆଲାଇନ୍ସର ନେତାଙ୍କ ସହ ଏକ ବୈଠକ କରିଥିଲେ। ଖବର ଅନୁଯାୟୀ, ଚମ୍ପାଇ ସୋରେନଙ୍କୁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ର କାର୍ଯ୍ୟକାରୀ ସଭାପତି କରାଯିବ।

## ଜଷ୍ଟିସ ବି.ଆର. ଷଡ଼ଙ୍ଗୀ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ



**ନୂଆଦିଲ୍ଲୀ, ୩/୭**

ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଡ. ବି.ଆର. ଷଡ଼ଙ୍ଗୀଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ଗତ ବର୍ଷ ଡିସେମ୍ବର ୨୭ରେ ସୁପ୍ରିମକୋର୍ଟ କଲେଜିୟମ ଦ୍ୱାରା କରାଯାଇଥିବା ଏକ ସୁପାରିସ ଆଧାରରେ ଏହି ନିଯୁକ୍ତି ଦିଆଯାଇଛି। ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହା ନିଶ୍ଚିତ କରିଛନ୍ତି। ଜଷ୍ଟିସ ଷଡ଼ଙ୍ଗୀ ୧୯୮୫ରେ ଆଇନଜୀବୀ ଭାବରେ କାର୍ଯ୍ୟ ଆରମ୍ଭ କରି ଓଡ଼ିଶା ହାଇକୋର୍ଟ ତଥା ସୁପ୍ରିମକୋର୍ଟରେ ବହୁ ମାମଲାର ନେତୃତ୍ୱ ନେଇଥିଲେ। ସେ ୨୦ ଜୁନ୍ ୨୦୧୩ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ। ଓଡ଼ିଶା ହାଇକୋର୍ଟର ୱେବସାଇଟ୍ ଅନୁଯାୟୀ , ଜଜ୍ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଷଡ଼ଙ୍ଗୀ ୧,୫୨,୦୦୦ରୁ ଅଧିକ ମାମଲାର ସମାଧାନ କରିଛନ୍ତି ଏବଂ ପ୍ରାୟ ୧,୫୦୦ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି।

# ଗୁଜବକୁ ବିଶ୍ୱାସ କରନ୍ତୁନି, ଖୁବ୍ ଶୀଘ୍ର ସାମନାକୁ ଆସିବ ରତ୍ନ ଭଣ୍ଡାର ଖୋଲିବା ତାରିଖ

**ଭୁବନେଶ୍ୱର, ୩/୭**
**ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଖୋଲିବା ନିଶ୍ଚିତ। ଏ ସମ୍ପର୍କୀତ ନିଷ୍ପତ୍ତି ସରିଛି। ଖୁବ୍‌ଶୀଘ୍ର ଏଥିନିମନ୍ତେ ନିଷ୍ପତ୍ତି ନିଆଯିବା ସହ ସମଗ୍ର ରାଜ୍ୟବାସୀଙ୍କୁ ଅବଗତ କରାଯିବ। ତେବେ ତାହା ପୂର୍ବରୁ ପ୍ରଚାରିତ ହେଉଥିବା ଏ ସମ୍ପର୍କୀତ ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରତ୍ନଭଣ୍ଡାର ଖୋଲିବା ସମ୍ପର୍କରେ ସର୍ବୋଚ୍ଚ ସ୍ତରରେ ସରକାର ସବୁ ପ୍ରକାର ଆଲୋଚନା କରି ସାରିଛନ୍ତି। ବୈଠକ ପରେ ତାରିଖ ଘୋଷଣା କରିବେ ସରକାର। ଖୁବ୍‌ଶୀଘ୍ର ମୋଡାଲିଟି ପ୍ରସ୍ତୁତ ହେବ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ହରିଚନ୍ଦନ । କିନ୍ତୁ



ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ରତ୍ନଭଣ୍ଡାର ଖୋଲିବା ନେଇ ଯେଉଁ ତାରିଖ ପ୍ରଚାର କରାଯାଉଛି ତାହା ସମ୍ପୂର୍ଣ୍ଣ ଗୁଜବ। ଏଥିରେ ବିଶ୍ୱାସ ନ କରିବାକୁ କହିଛନ୍ତି ଆଇନ ମନ୍ତ୍ରୀ। ସେପଟେ ଆସନ୍ତା ୫ ତାରିଖରେ ବସିପାରେ ରତ୍ନଭଣ୍ଡାର ତଦାରଖ କମିଟି ବୈଠକ। ଅଳଙ୍କାର ଗଣତି ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ଅରିଜିତ୍ ପଶାୟତ ତା ପୂର୍ବଦିନ ଅର୍ଥାତ୍ ଜୁଲାଇ ୪ ତାରିଖରେ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି। ସେ ପୁରୀରେ ୨୭ ତାରିଖ ଯାଏଁ ରହିବେ। ଏହା ମଧ୍ୟରେ ରତ୍ନ ଭଣ୍ଡାର ଖୋଲାଯିବ ବୋଲି ଅନୁମାନ କରାଯାଉଛି।

ତେବେ ଗତ ୬ ବର୍ଷ ଧରି ଚାବି ହଜି ଯାଇଥିବା ବାହାନା ଦେଖାଇ ବିଜେଡି ସରକାର ରତ୍ନ ଭଣ୍ଡାର ଚାବି ଖୋଲୁ ନ ଥିବା ବେଳେ ବିଜେପି ସରକାର ଅମଳରେ ଏପରି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ି ନ ପାରେ ବୋଲି କହିଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ । ଚାବି ନ ଖୋଲିଲେ ବିକଳ୍ପ ବ୍ୟବସ୍ଥା ସହ କମିଟି ରତ୍ନ ଭଣ୍ଡାର ଖୋଲିବାକୁ ଯିବ ବୋଲି ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି।

## ମାଲକାନଗିରିର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କ ପରଲୋକ



**ଭୁବନେଶ୍ୱର, ୩/୭**
**ନ୍ୟୁଜ ବ୍ୟୁରୋ**

ମାଲକାନଗିରିର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ିଙ୍କର ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ *(ପୃଷ୍ଠା ୭ରେ)*

## ଏକାଳ ସେକାଳ



ଔଷଧ ରାଗରେ ତାଟିଆ କାମୁଡ଼େ
ବୃଦ୍ଧ ଯୁବରାଜ ଦଳ
ସେପଟେ ବିରୋଧୀ କଳି କରୁଥାନ୍ତି
ଭାଙ୍ଗୁଛି ଭିତରୁ ବଳ
ବୁଲୁଛନ୍ତି ସବୁ ହଳ
ଦେଶ ସ୍ୱାର୍ଥ ନୁହେଁ ନ୍ୟସ୍ତ ସ୍ୱାର୍ଥ ପାଇଁ
କାଟନ୍ତି ଜୀବନ କାଳ

# ମହିଳାଙ୍କୁ ଗର୍ଭାଶୟ କର୍କଟରୁ ରକ୍ଷା କରିବା ପାଇଁ ହେଉ ଟୀକାକରଣ: ସୁଧା ମୂର୍ତ୍ତି



**ନୂଆଦିଲ୍ଲୀ, ୩/୭**

ଭାରତରେ ଏବେ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଭାରତୀୟ ମହିଳାଙ୍କ ମଧ୍ୟରେ ସ୍ତନ କର୍କଟ ହେଉଛି ସବୁଠାରୁ ସାଧାରଣ କର୍କଟ । ଯେଉଁଠାରେ ପ୍ରତିବର୍ଷ ପ୍ରାୟ ୧.୫ ରୁ ୨ ଲକ୍ଷ ନୂଆ ମାମଲା ରିପୋର୍ଟ କରାଯାଏ । ଯଦି ଆମେ ମୃତ୍ୟୁ ହାରକୁ ଦେଖିବା, ଭାରତରେ ସ୍ତନ କର୍କଟ ଯୋଗୁଁ ପ୍ରତିବର୍ଷ ପ୍ରାୟ ୨୫% ମହିଳାଙ୍କର ମୃତ୍ୟୁ ହୋଇଥାଏ । ବିଶେଷ କରି ମହିଳାମାନଙ୍କ ମଧ୍ୟରେ ସ୍ତନ କର୍କଟ ସାଙ୍ଗକୁ ସର୍ଭିକାଲ କର୍କଟ ଏବଂ ଓଭାରି କ୍ୟାନ୍ସର ଦେଖିବାକୁ ମିଳିଥାଏ । ଏହାକୁ ନେଇ ରାଜ୍ୟସଭାର ମନୋନୀତ ସଦସ୍ୟ ସୁଧା ମୂର୍ତ୍ତି ଦାବି କରିଛନ୍ତି ଯେ କରୋନା ଅବଧି ସମୟରେ ଟୀକାକରଣ ଅଭିଯାନ କରାଯାଇଥିଲା, ସେମିତି ମହିଳାମାନଙ୍କୁ ଗର୍ଭାଶୟ କର୍କଟରୁ ରକ୍ଷା କରିବା ପାଇଁ ଏକ ଟୀକାକରଣ ଅଭିଯାନ କରାଯିବା ଉଚିତ୍। ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ସେ କହିଛନ୍ତି ଯେ ବର୍ତ୍ତମାନ ମହିଳାମାନଙ୍କ କ୍ଷେତ୍ରରେ ଏହି ମାମଲା ଅଧିକରୁ ଅଧିକ ଦେଖିବାକୁ ମିଳୁଛି । ଏହାକୁ ରୋକିବା ପାଇଁ କିଶୋର ଅବସ୍ଥାରେ ଟୀକାକରଣ ପାଇଁ ବ୍ୟବସ୍ଥା କରାଯିବା ଉଚିତ ।

ସେ କହିଛନ୍ତି ଯେ ଆମର ସାମାଜିକ ବ୍ୟବସ୍ଥା ଏପରି *(ପୃଷ୍ଠା ୭ରେ)*

## ଉତ୍କ୍ଷେପଣର କିଛି ସମୟ ପରେ ଖସିପଡିଲା ଚୀନର ଘରୋଇ ରକେଟ୍



**ବେଜିଂ, ୩/୭**

ଉତ୍କ୍ଷେପଣର କିଛି ସମୟ ପରେ ଖସିପଡିଲା ଚୀନର ଏକ ଘରୋଇ ରକେଟ୍। ରକେଟ୍ ଉତ୍କ୍ଷେପଣ ଲାଗି ଯୋଜନା ନଥିଲେ ବି ତାହାକୁ ଉତ୍କ୍ଷେପଣ କରାଯାଇଥିଲା। ବେଜିଂ ସ୍ଥିତି ସ୍ପେସ ପାୟୋନିୟର ନାମକ ଏକ ଫାର୍ମ ପକ୍ଷରୁ ଚୀନର କେନ୍ଦ୍ରୀୟ ହେନାନା ପ୍ରଜାତନ୍ତ୍ରର ଗୋଞ୍ଜିରେ ତିଆନଲଙ୍ଗ-୩ ରକେଟ୍‌ର ରୁଟିନ ଗ୍ରାଉଣ୍ଡ ଟେଷ୍ଟ କରିଥିଲା। ତେବେ ଏହା ଉତ୍କ୍ଷେପଣ କରିବା ପରେ ପରେ ଆକାଶ ମାର୍ଗରେ ବିସ୍ଫୋରଣ ହୋଇ ଖସିପଡିଥିଲା। ଯାନ୍ତ୍ରିକ ତ୍ରୁଟି କାରଣରୁ ରକେଟ୍‌ଟି ଖସିପଡିଥିବା ସୂଚନା ମିଳିଛି। ଚୀନ ଭାଷାରେ ତିଆନଲଙ୍ଗ ଅର୍ଥ 'ସ୍ୱର୍ଗୀୟ ଡ୍ରାଗନ'। ଉଡାଣର ମାତ୍ର ୫୦ ସେକେଣ୍ଡ ପରେ ଏହା ବିସ୍ଫୋରଣର ସମ୍ମୁଖୀନ ହୋଇଥିଲା। ଏହି ଘଟଣାର ତଦନ୍ତ ଜାରି ରହିଛି।

# ଜଙ୍ଗଲ ସୁରକ୍ଷା ନାଁରେ କଟାଯାଉଛି ଶହ ଶହ ଗଛ : ବିଭାଗ ଚୁପ୍

**ହରିଚନ୍ଦନପୁର, ନ୍ୟୁଜ୍ ବ୍ୟୁରୋ**

ଜଙ୍ଗଲ ଆମର ଜାତୀୟ ସମ୍ପଦ ଏହାର ସୁରକ୍ଷା ଆମ ଦାୟିତ୍ୱ, କିନ୍ତୁ ଜଙ୍ଗଲ ସୁରକ୍ଷା କରିବାକୁ ଯାଇ ଶହ ଶହ ମୂଲ୍ୟବାନ ଗଛ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏମିତି ଏକ ଘଟଣା କେନ୍ଦୁଝର ଜିଲ୍ଲା ଦେଓଗାଁ ରେଞ୍ଜ ଭଗାମୁଣ୍ଡା ବନପାଳ ଅଧିନସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲରେ ଦେଖିବାକୁ ମିଳିଛି। ଲାଭଖୋର ଠିକାଦାର ଓ ବନବିଭାଗ ଖାମଖିଆଲି ମନୋଭାବ ନେଇ ନିର୍ମାଣ ହୋଇଛି ଦେଢ଼ରୁ ଦୁଇ କିଲୋମିଟର ବିଶିଷ୍ଟ ବନାଞ୍ଚଳ ବର୍ଷା ଜଳ ସଂରକ୍ଷଣ ବନ୍ଧ, ଯାହାର ଉଦ୍ଦେଶ୍ୟ ଜଙ୍ଗଲ ପାର୍ଶ୍ୱରେ ବର୍ଷା ଜଳ ସଂରକ୍ଷଣ ତଥା ବନ ମୃତ୍ତିକାକୁ ଉର୍ବର କରିବା।



ତେବେ ଏଠାରେ ପ୍ରଶ୍ନ ଉଠୁଛି ନିର୍ମାଣ ସ୍ଥାନରେ ଥିବା ଗଛଗୁଡ଼ିକର ସୁରକ୍ଷା ଏବଂ ଦାୟିତ୍ୱ ଉପରେ ବନ ବିଭାଗର ଲକ୍ଷାଧିକ ଟଙ୍କାର ବ୍ୟୟ ବରାଦରେ ଏହି ବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ବନ୍ଧ ନିର୍ମାଣ କାର୍ଯ୍ୟରେ ଶହଶହ ମୂଲ୍ୟବାନ ଗଛକୁ ନଷ୍ଟ କରି ବନ୍ଧ ତଳେ ପୋତି ଦିଆଯିବା ସହ ଅନେକ ଶୁଖିଲା ଗଛ ପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ବନ ବିଭାଗ ଏବଂ ଠିକାଦାର ଗଛର ସୁରକ୍ଷା ଉପରେ ଦୃଷ୍ଟି ନଦେଇ ଛୋଟ, ବଡ଼ ଓ ମଧ୍ୟମ ଧରଣର ଗଛଗୁଡ଼ିକୁ ନଷ୍ଟ କରି ଦେଇଥିବା ବନ ସଂଲଗ୍ନ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଗୋଟିଏ ପଟେ ସରକାର ଜଙ୍ଗଲ ସୁରକ୍ଷା ସହିତ ବନୀକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି, କିନ୍ତୁ ଏଠାରେ ବନ ବିଭାଗ ଓ ଠିକାଦାର ଗଛ ଗୁଡିକର ସୁରକ୍ଷା ଦିଗରେ ଚିନ୍ତା ନକରି ଅଧିକ ଅର୍ଥ ଲାଭ ଆଶାରେ ଗଛ ଗୁଡିକୁ ନଷ୍ଟ କରିଥିବା ନଜରକୁ ଆସିଛି। ତେବେ ଗୋଟିଏ ପଟେ ଜଙ୍ଗଲ ସୁରକ୍ଷା ତ ଆଉ ଗୋଟିଏ ପଟେ ଗଛଗୁଡ଼ିକର କ୍ଷୟକ୍ଷତି ନେଇ ଅଟେଇ ସଂରକ୍ଷିତ ଜଙ୍ଗଲରେ ଏକ ବଡ଼ ଦୁର୍ନୀତି ହୋଇ ଥିବାର ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଏଥିପ୍ରତି ବନବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣରେ ଦାବି ହୋଇଛି ।

## ଚା' ଦୋକାନରୁ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଧୀନ ବାଙ୍କି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଚା', ପାନ, ଦୋକାନ ଚାଳିଆରୁ ଯୁବକର ଝୁଲନ୍ତା ମୃତ ଶରୀର ଉଦ୍ଧାର କରାଯାଇଛି। ଯୁବକ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବିଜାତଳା ଗାଁର ଶତ୍ରୁଘ୍ନ ବେହେରାଙ୍କ ପୁଅ ବିଶ୍ୱନାଥ ବେହେରା ବୋଲି ଜଣାଯାଇଛି। କେହି ମାରି ଝୁଲେଇ ଦେଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ବିଶୋଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ମିଶନ ଶକ୍ତି ମହିଳାଙ୍କ ୭ ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ତୁଳସୀ କ୍ଷେତ୍ର (ଇସିଏମ୍) ମିଶନ ଶକ୍ତି ମହାସଂଘ ତରଫରୁ ତାଙ୍କର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଗୁଡିକରେ କାର୍ଯ୍ୟରତ ଥିବା ଇସି ସଦସ୍ୟମାନଙ୍କର ପ୍ରତି ମାସରେ ନିଜର ଦାୟିତ୍ୱରେ ଥିବା ଗ୍ରୁପ୍‌ମାନଙ୍କ ଠାରୁ ୩୦ ଟଙ୍କା ଆଦାୟ କରି ମହାସଂଘରେ ପୈଠ କରିଥାଏ। କିନ୍ତୁ ଏମବିକେ ମହୋଦୟା ବର୍ଷ ବର୍ଷ ଧରି ତା'ର କୌଣସି ହିସାବ ଦେଉ ନାହାନ୍ତି। ସରକାରଙ୍କ ତରଫରୁ ମହିଳାମାନଙ୍କ ପାଇଁ ଅସୁଥିବା ଇସି ସଦସ୍ୟମାନଙ୍କୁ ନ ଜଣାଇ କିମ୍ବା କୌଣସି ବୈଠକକୁ ନ ଡାକି କେବଳ ଖାତାରେ ଏମ୍‌ବିକେ ମହୋଦୟା ଜବରଦସ୍ତ ଦସ୍ତଖତ କରାଇ ନେଇ ରେଜୁଲେସନ ଲେଖୁଛନ୍ତି। ଏହାର




ପ୍ରତିବାଦ କଲେ ସଦସ୍ୟ ପଦରୁ ବାହାର କରିଦେବା ପାଇଁ ଧମକ ଦେଉଛନ୍ତି। ଜିଲ୍ଲାର ଅନେକ ପଞ୍ଚାୟତରେ ଏମ୍‌ବିକେ ଓ ସିଆରପି ମାନେ ସେମାନଙ୍କର ଦରମା ପାଉଥିବା ବେଳେ ଇସି ସଦସ୍ୟମାନଙ୍କର ଗସ୍ତ ଖର୍ଚ୍ଚ ପ୍ରାୟ ୨ ବର୍ଷ ହେଲା ପ୍ରଦାନ କରାଯାଇ ନାହିଁ। ଜି.ଏଲ.ଏଫ.ଏସ୍ ସ୍ତରରେ କାର୍ଯ୍ୟାଳୟ କାଗଜପତ୍ର ମହାସଂଘର ସଭାପତି ଓ ସଂପାଦକଙ୍କୁ ନ ଜଣାଇ ମାସ ମାସ ଧରି କୌଣସି ବୈଠକ ନକରି ନିଜ ଘରେ ରଖୁଛନ୍ତି। ପ୍ରଭୃତି ଦାବିଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ମହାସଂଘର ସଂପାଦିକା ଉର୍ମିଳା ମହାନ୍ତି, ସଭାନେତ୍ରୀ ବନିତା ବାରିକଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ରଥଯାତ୍ରାକୁ ନେଇ ଝାଡ଼ଖଣ୍ଡରୁ ପୁରୀକୁ ଚାଲିଲା ସ୍ୱେଶାଲ ଟ୍ରେନ

**ରାଞ୍ଚି**

ରଥଯାତ୍ରାକୁ ନେଇ ରେଲୱେ ପକ୍ଷରୁ ଓଡ଼ିଶାର ପୁରୀ ପାଇଁ ସ୍ୱେଶାଲ ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଏହାକୁ ନେଇ ରେଲୱେ ପକ୍ଷରୁ ସର୍କୁଲାର ମଧ୍ୟ ଜାରି ହୋଇଛି। ରେଲୱେ ପକ୍ଷରୁ ଚକ୍ରଧରପୁର ଡିଭିଜନରେ ତିନୋଟି ସ୍ୱେଶାଲ ଟ୍ରେନ ଚାଲିଛି। ଏଥିରୁ ଗୋଟିଏ ଟ୍ରେନ ବାଦାମପାହାଡ଼ ଷ୍ଟେସନରୁ ପୁରୀ ମଧ୍ୟରେ ଚାଲିଲା। ଏହି ଅବସରରେ ଏହି ଟ୍ରେନ ରାଇରଙ୍ଗପୁର, ଟାଟା ନଗର, ଘାଘଶିଳା ଓ ଭଦ୍ରକରେ ରହଣି କରିବ। ଏହି ଟ୍ରେନ ଦୁଇ ଜୁଲାଇରୁ ଜୁଲାଇ ୧୯ ଯାଏ ଦିନେ ଛଡା ଦିନେ ଚାଲିବ। ସେହିପରି ଦୁଇଟି ଟ୍ରେନ ଜୁଲାଇ ୨ରୁ ଜୁଲାଇ ୧୯ ଯାଏ ରାଉରକେଲା ଓ ପୁରୀ ମଧ୍ୟରେ ଚାଲିବ, ଯେଉଁଥିରୁ ଗୋଟିଏ ଟ୍ରେନ ଚକ୍ରଧରପୁର ଦେଇ ଚାଲିବ । ଅନ୍ୟ ଏକ ଟ୍ରେନ ଝାରସୁଗୁଡା, ସମ୍ବଲପୁର ଦେଇ ପୁରୀ ଯିବ।

# ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ସରକାରଙ୍କ ପ୍ରାଥମିକତା ରହିବ : ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀ କୋରାପୁଟରେ ପହଞ୍ଚିବା ପରେ ଦଳୀୟ ନେତା ଓ କର୍ମୀ ସ୍ୱତନ୍ତ୍ର ସର୍କିଟ ହାଉସରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ମନ୍ତ୍ରୀ ଶ୍ରୀ ପାତ୍ର ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ମନ୍ତ୍ରୀ ଉଦବୋଧନ ଦେଇ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ପ୍ରତି ସରକାରଙ୍କ ପ୍ରାଥମିକତା ରହିବ ବୋଲି କହିଥିଲେ । ସଠିକ୍ ସମୟରେ ଲୋକଙ୍କୁ ରାସନ ଯୋଗାଣ କରାଇବାକୁ ଗୁରୁତ୍ୱ ଦେବା ସହ ଚାଉଳ, ଗହମ, ତେଲ ସାବୁନ, ଡାଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀ ସୁଲଭ ମୂଲ୍ୟରେ କାର୍ଡଧାରୀଙ୍କୁ ଯୋଗାଇବା ନେଇ ସରକାର ଚିନ୍ତା କରୁଥିବା ମନ୍ତ୍ରୀ କହିଥିଲେ। କାର୍ଡ ପାଇବାରେ ବଞ୍ଚିତ ଗରିବ ଲୋକଙ୍କୁ ଚିହ୍ନଟ କରି କାର୍ଡ ବଣ୍ଟନ କରାଯିବ। ଏଥିନେଇ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାବଶ୍ୟକ ଜିନିଷର ବେଆଇନ ଭାବେ ଦରଦାମ ବୃଦ୍ଧି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଧାନ କିଣିବା ବେଳେ ଚାଷୀ କଟନି ଛଟନିର ଶିକାର ହେବେ ନାହିଁ ବୋଲି ସେ ଚାଷୀଙ୍କୁ ଭରସା ଦେଇଛନ୍ତି। ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ଦରରେ ଚାଷୀଙ୍କ ଠାରୁ ଧାନ କିଣାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମୀକ୍ଷା ବୈଠକରେ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପ ଭତ୍ରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର, ଜୟପୁର ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କ ସମେତ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସେହିଭଳି କୋରାପୁଟ ଜିଲ୍ଲାରେ ବିଜ୍ଞାନ ପାର୍କ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ସଡ଼କ ଦୁର୍ଘଟଣା : ୨ଶିଶୁଙ୍କ ସମେତ ୧୩ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

**ହାଭେରୀ**

କର୍ଣ୍ଣାଟକର ହାଭେରୀ ଜିଲ୍ଲାରେ ହୋଇଥିବା ସଡ଼କ ଦୁର୍ଘଟଣାରେ ଦୁଇଜଣ ଶିଶୁଙ୍କ ସମେତ ୧୩ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ପୁଣେ-ବେଙ୍ଗାଲୁରୁ ଜାତୀୟ ରାଜପଥରେ ହୋଇଛି। ସ୍ଥାନୀୟ ପୋଲିସ ମୁତାବକ ବସ୍ ଡ୍ରାଇଭରଙ୍କୁ ନିଦ ଆସିବାରୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ପୋଲିସ ଅନୁସାରେ, ଗୁଣ୍ଡେନହଲ୍ଲୀ କ୍ରସିଂରେ ଭୋର ସମୟରେ ତୀର୍ଥଯାତ୍ରୀଙ୍କୁ ଗନ୍ତବ୍ୟ ପଥରେ ନେଇକରିଯାଉଥିବା ମିନି ବସ ରାସ୍ତାରେ ଥିବା ଟ୍ରକ ସହ ଧକ୍କା ହୋଇଥିଲା। ସମସ୍ତ ପୀଡିତ ଶିବମୋଗାର ବାସିନ୍ଦା । ସମସ୍ତେ ଦେବୀ ୟଲ୍ଲମ୍ମାଙ୍କ ଦର୍ଶନ ପରେ ବେଲଗାବି ଜିଲ୍ଲାର ସୱ୍ୱାଦଟ୍ଟିରୁ ଫେରୁଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି ।

# ଅଧାରେ ଅଟକିଛି ରାସ୍ତା କାମ : ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜନସାଧାରଣ କଚ୍ଚା ରାସ୍ତାରେ ଯାତାୟାତ କରିବେ ନାହିଁ। ଏନେଇ ସରକାର ରାସ୍ତାର ଉନ୍ନତିକରଣ କରିବା ଦିଗରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ଭଲ କାର୍ଯ୍ୟ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏହା ସଫଳ ହୋଇ ପାରୁ ନାହିଁ। ନିର୍ମାଣ ଓ ମରାମତି ସମୟରେ ବହୁ ସମୟରେ ଲୋକେ ଯାତାୟାତ ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହେଲେ ଏଥି ପ୍ରତି କେହି ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଅନେକ ସମୟରେ ନିରୀହ ଜୀବନ ଯାଉଥିବା ନଜିର ରହିଛି। ଏବେ ରାସ୍ତା କାର୍ଯ୍ୟ ଅଧପନ୍ତରିଆ ହେବା ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି, ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା-ବ୍ରହ୍ମବରଦା ମୁଖ୍ୟ ରାସ୍ତା ଉତ୍ତରପ୍ରତାପ ଠାରୁ ନୀଳକଣ୍ଠପୁର ଯାଇ ଥିବା ମୁଖ୍ୟ ରାସ୍ତା କ୍ଷେତ୍ରରେ। ଏହି ଦୀର୍ଘ ଦିନ ଧରି ଅଣଓସାରିଆ ରାସ୍ତା ସହ ଏହି ରାସ୍ତାରେ ଉଭୟ ପାର୍ଶ୍ୱକୁ ପାଣି ନିଷ୍କାସନ ନ ହେବାରୁ ଉଭୟ କଡ଼ରେ ଚାଷ ଜମିରେ ପାଣି ଜମି ବ୍ୟାପକ ଫସଲ ନଷ୍ଟ ହେଉଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଉତ୍ତର-ପ୍ରତାପଠାରୁ ନୀଳକଣ୍ଠପୁର ପର୍ଯ୍ୟନ୍ତ ଏହି ପିଚୁ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଏହି ରାସ୍ତା ମଝିରେ ପାଣି ନିଷ୍କାସନ ପାଇଁ ଛୋଟ ଛୋଟ କଲଭର୍ଟ ରହିଛି। କଲଭର୍ଟ ନିର୍ମାଣ ସମୟରେ ଠିକାଦାର ରାସ୍ତା ଉପରେ ଚିପ୍ସ, ମେଟାଲ ଓ ବାଲି ଜମା କରିଛନ୍ତି। ଏଠାରେ କିଛି ଦିନ କାମ ହେବା ପରେ କଲଭର୍ଟ କାର୍ଯ୍ୟ ଅଧାରେ ପଡ଼ିରହିଛି। ରାସ୍ତା ସମ୍ପ୍ରସାରଣ ନ ହୋଇ ଅଧପନ୍ତରିଆ ହୋଇ ରହିବା ସହ ଅଣଓସାରିଆ ରାସ୍ତା ଉପରେ ଚିପ୍ସ, ମେଟାଲ ଓ ବାଲି ମହଜୁଦ ହେବା ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡି, ବାଇକ୍ ଓ ସାଇକେଲ ଚାଳକ ମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ଉପରେ କୌଣସି ବିପଦ ପୂର୍ଣ୍ଣ ଅଞ୍ଚଳ ଭାବେ ସୂଚନା ଦିଆ ଯାଇ ନାହିଁ। ଫଳରେ ରାତିରେ ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି । ଏଠାରେ ଠିକାଦାର କାହିଁକି ଅଧପନ୍ତରିଆ କରି ରାସ୍ତାକୁ ପକାଇ ରଖିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମାନସିକ ଭାରସାମ୍ୟ ହରାଇ ନିଜ ଯୌନାଙ୍ଗକୁ ଧାରୁଆ ଅସ୍ତ୍ରରେ କାଟିଲେ ଯୁବକ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ମାନସିକ ଭାରସାମ୍ୟ ହରାଇ ନିଜ ଯୌନାଙ୍ଗକୁ ଧାରୁଆ ଅସ୍ତ୍ରରେ କାଟିଲେ ଯୁବକ। ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚୁଡାପାଲି ଗାଁରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଯୁବକଙ୍କ ନାଁ ପୁରୁଷୋତ୍ତମ କୁମୁରା। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଚୁଡାପାଲି ମେଡିକାଲରେ ଭର୍ତ୍ତି କରିଥିଲେ ବି ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଯୁବକ ଜଣକ ଚେତାଶୂନ୍ୟ ଅବସ୍ଥାରେ ଥିବା ବେଳେ ଗୋଡ଼ରେ ଶିକୁଳି ବନ୍ଧା ହୋଇଛି। ଗତ କିଛିଦିନ ହେଲା ଯୁବକଙ୍କ ମାନସିକ ଅବସ୍ଥା ଠିକ୍ ନଥିବା ପରିବାର ଲୋକେ କହିଛନ୍ତି। ପୁରୁଷୋତ୍ତମ ଭଇଷାଁ କଲେଜର ଛାତ୍ର। ତେବେ କୌଣସି କାରଣକୁ ନେଇ ଚିନ୍ତିତ ରହୁଥିଲେ ଓ ଗତ କିଛିଦିନ ହେଲା ମାନସିକ ସନ୍ତୁଳନ ହରାଇ ବସିଥିଲେ। ଏନେଇ ପରିବାର ଲୋକେ ତାଙ୍କୁ ବାହାରକୁ ଛାଡୁନଥିଲେ। ତେବେ ପୁରୁଷୋତ୍ତମ ଗାଁ ନିକଟସ୍ଥ ନାଳରେ ଯୌନାଙ୍ଗ କାଟି ମୁମୂର୍ଷ ଅବସ୍ଥାରେ ପଡିଥିବା ନେଇ ପରିବାର ଲୋକେ ଖବର ପାଇବା ପରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ପ୍ରେମଜନିତ କାରଣରୁ ସେ ଚିନ୍ତିତ ହୋଇ ମାନସିକ ସନ୍ତୁଳନ ହରାଇଥିବା ଚର୍ଚ୍ଚା ହେଉଥିବା ବେଳେ ପରିବାର ଲୋକେ ଏଭଳି ଆଶଙ୍କାକୁ ଖଣ୍ଡନ କରିଛନ୍ତି। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଅବସ୍ଥା ଗୁରୁତର ଥିବା କହିଛନ୍ତି ଡାକ୍ତର। ଜଣେ ଯୁବକ ନିଜ ଯୌନାଙ୍ଗ କାଟିବା ଘଟଣା ସାରା ବଲାଙ୍ଗୀର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

## କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଅଧିକାରୀଙ୍କ ରାଜ୍ୟ ମୁଖ୍ୟାଳୟ ଆସିବା ମନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅଧିକାରୀଙ୍କ ବଦଳି ସମ୍ପର୍କିତ ଅଭିଯୋଗ ନେଇ ଅନେକ ଅଧିକାରୀ ରାଜ୍ୟ ମୁଖ୍ୟାଳୟକୁ ବାରମ୍ବାର ଆସୁଥିବା ବିଭାଗର ଦୃଷ୍ଟିଗୋଚର ହେଉଛି। ପୂର୍ବରୁ ଏ ସଂକ୍ରାନ୍ତରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ କି ବିଭିନ୍ନ ଜିଲ୍ଲା ବା କ୍ଷେତ୍ର ଅଧିକାରୀମାନେ କୌଣସି ଅଭିଯୋଗ/ ନିବେଦନ ପାଇଁ ସେମାନଙ୍କର ନିର୍ଦ୍ଧାରିତ ମୁଖ୍ୟାଳୟ ଛାଡିବା ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ନିଶ୍ଚିତ ରୂପେ ଅନୁମତି ପତ୍ର ନେଇ ଆସିବେ। ସେହିପରି ଯେ କୌଣସି ଅଭିଯୋଗ ପତ୍ର ବିଭାଗୀୟ ଇ-ମେଲ ଅଥବା ଉପଯୁକ୍ତ ଚ୍ୟାନେଲ୍ ମାଧ୍ୟମରେ ପଠାଇଲେ ତାହା ବ୍ୟକ୍ତିଗତ ଯୋଗ୍ୟତା ଏବଂ ସରକାରୀ ନୀତି ଆଧାରରେ ସମାଧାନ କରାଯାଇ ପାରିବ। ବିଭାଗ ପ୍ରତି ସୋମବାର ଅଭିଯୋଗ ପ୍ରକୋଷ୍ଠ ଆୟୋଜନ କରିଥାଏ ଏବଂ କୃଷକଙ୍କ ସମେତ ଅଧିକାରୀ ଓ ଅଣଅଧିକାରୀମାନେ ସମସ୍ୟାର ସମାଧାନ ପାଇଁ ଗସ୍ତ କରି ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ କରିଥାନ୍ତି। ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଛନ୍ତି ଯେ ଆମେ ଏକ ପ୍ରଭାବଶାଳୀ ଢଙ୍ଗରେ ପ୍ରତ୍ୟେକ ଆବେଦନର ଶୀଘ୍ର ସମାଧାନ ପାଇଁ ଚେଷ୍ଟା କରୁଛୁ। ମାତ୍ର କିଛି ଅଧିକାରୀ ବଦଳି ମାମଲା ସମ୍ବନ୍ଧରେ ରାଜ୍ୟ ମୁଖ୍ୟାଳୟକୁ ବାରମ୍ବାର ଗସ୍ତ କରୁଛନ୍ତି ଯାହା ପୂର୍ବ ନିର୍ଦ୍ଦେଶର ଘୋର ଉଲଘଂନ କରୁଛି। ତେଣୁ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଜିଲ୍ଲାର ଅଧିକାରୀଙ୍କୁ ଭୁବନେଶ୍ୱର ଆସିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଡ. ପାଢ଼ୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଖରିଫ ଫସଲ ଋତୁ ଆଗେଇ ଆସୁଥିବାରୁ ସେବା କ୍ଷେତ୍ରରେ ଚାଷୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନିଜ ନିଜ ଷ୍ଟେସନରେ କ୍ଷେତ୍ର ଅଧିକାରୀଙ୍କ ଉପସ୍ଥିତି ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହାକୁ ବିଭାଗର ଅଧିକାରୀମାନେ ନିଶ୍ଚିତ ଭାବେ ଧ୍ୟାନ ଦେବା ଜରୁରୀ। ବଦଳି ମାମଲାରେ କୌଣସି ବାହ୍ୟ ପ୍ରଭାବ ବା ଚାପ ପ୍ରୟୋଗ ନ କରିବାକୁ ଡ. ପାଢ଼ୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏପରି କରିବା ଦ୍ୱାରା ସେମାନେ ସମ୍ପୃକ୍ତ ସରକାରୀ ସେବା ଆଚରଣ ନିୟମର କବଳରୁ ବର୍ତ୍ତି ପାରିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

## ପାଇପ୍‌ରେ ଆସୁଛି ଗୋଳିଆ ପାଣି

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର କେତେକ ସ୍ଥାନରେ ଜଣ୍ଡିସ୍‌ର ପ୍ରକୋପ ଦେଖାଦେଇଥିବା ବେଳେ ବର୍ତ୍ତମାନ ବ୍ରହ୍ମପୁର ସହରରେ ପାଇପ୍‌ରେ ଗୋଳିଆ ତଥା ମାଟିଆ ପାଣି ଆସୁଛି। ଜନସାଧାରଣ ଏହି ପାଣିକୁ ପିଇବା ପାଣି ରୂପେ ବ୍ୟବହାର କରୁଛନ୍ତି। ବର୍ଷା ପରେପରେ ବର୍ଷାପାଣି ଓ ନାଳ ନର୍ଦ୍ଦମା ପାଣି ପାଇପ୍‌ରେ ମିଶି ଆସୁଥିବା ଜଣାପଡ଼ିଛି। ଏହି ପାଣି ବ୍ୟବହାର କରି ସହରବାସୀ ଜଣ୍ଡିସ୍ ଓ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଏଣୁ ବ୍ରହ୍ମପୁର ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଘଟଣାର ଅନୁଧ୍ୟାନ କରି ବିଶୋଧିତ ଜଳ ପାଇପ୍‌ରେ ଯୋଗାଇବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

# ନକଲି ନର୍ସ ପରେ ଏବେ ନକଲି ଡାକ୍ତର : ରାଉରକେଲା ସରକାରୀ ଡାକ୍ତରଖାନା ଉପରୁ ଲୋକାଙ୍କ ଭରସା ତୁଟୁଛି

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ସରକାରୀ ଡାକ୍ତରଖାନା, କେତେବେଳେ ଏଠି ନକଲି ନର୍ସ ତ ଆଉ କେତେବେଳେ ପରୀକ୍ଷା ରିପୋର୍ଟକୁ ନେଇ ବିଭ୍ରାଟ, ଏତିକି ଭିତରେ ଏହା ସୀମିତ ହୋଇ ରହିଲା ନାହିଁ। ଶେଷରେ ଏଠାରେ ଡାୟଲିସିସ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜଣେ ନକଲି ଡାକ୍ତର କାମ କରିବା ଓ ତାଙ୍କ ଦ୍ୱାରା କିଡ୍‌ନୀ ଭଳି ଅଙ୍ଗର ଚକିତ୍ସା ହେବା ଘଟଣା ପଦାକୁ ଆସିବା ପରେ ଏହି ସରକାରୀ ଡାକ୍ତରଖାନା ଉପରୁ ଲୋକଙ୍କର ଏକ ପ୍ରକାର ଭରସା ତୁଟିବାରେ ଲାଗିଛି। ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିବା ଡକ୍ତରରଖାନା ଗୁଡିକରେ ଥିବା ଗୁରୁତ୍ୱପୁର୍ଣ ବିଭାଗର କାମଗୁଡିକୁ ଘରୋଇକରଣ କରି ହାତଚିକ୍କଣ କରିବା ଭଳି ଯୋଜନାର କାର୍ଯ୍ୟକାରୀତା ଓ ଜିଲ୍ଲା ମୁଖ୍ୟ ମାନଙ୍କର ନିରବତା ଲାଗି ସ୍ୱାସ୍ଥ୍ୟ ସେବା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି ଜାହାର ଜ୍ୱଳନ୍ତ ଉଦାହରଣ ରାଉରକେଲାରେ ଦେଖାଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନାକୁ ସରକାରୀ ବେସରକାରୀ ସହାୟତାରେ ୧୧ଟି ଡାୟଲେସିସ୍ ମେସିନ ଯୋଗାଇ ଦିଆଯାଇଥିଲା। ୨୦୨୧ ରୁ ଏହା ଚାଲିଥିବା ବେଳେ ଏହାକୁ ପରିଚାଳନା କରିବାକୁ ରାହିକେୟାର ପ୍ରାଭେଟ ଲିମିଟେଡ୍ ସଂସ୍ଥାକୁ ଦିଆ ଯାଇଥିଲା। ଏହି ସଂସ୍ଥା ତାର କର୍ମଚାରୀଙ୍କ ସହ ଜଣେ ନକଲି ଡାକ୍ତରଙ୍କୁ ରଖି ମନଇଚ୍ଛା ସେବା ଦେଉଥିଲା। ତେବେ ଏନେଇ ପୁଲିସ ନିକଟରେ ଅଭିଯୋଗ ହେବା ପରେ ରଘୁନାଥପାଲ୍ଲୀ ପୁଲିସ ସଂପୃକ୍ତ ଡାକ୍ତରକୁ ବାନ୍ଧି କୋର୍ଟଚାଲାଣ କରିଛି, ତା'ର ନାମ ଓ ସାର୍ଟିଫିକେଟରେ ନାନା ତାଲମେଳର ଅଭାବ ରହିଥିବା ବେଳେ ଏହାର ଯାଞ୍ଚ ଚାଲିଛି। ତେବେ ଏହି ଘଟଣା ପରେ କିଡନି ରୋଗୀ ମହଲରେ ଆତଙ୍କ ଖେଳିଯାଇଛି। ସେପଟେ କିଛି ଦିନ ଲାଗି ଡାୟଲିସିସ୍‌କୁ ମଧ୍ୟ ଠିକା ସଂସ୍ଥା ବନ୍ଦ ରଖିଛି। ଏବେ ଏଠି ପ୍ରଶ୍ନ ଉଠୁଛି ସାଧାରଣ ଲୋକଙ୍କୁ ଯଦି ସେବା ଦିଆଯିବ ସରକାରୀ ଭାବେ ସେଠି ଏ ବେସରକାରୀ ଠିକା ସଂସ୍ଥା କାହିଁକି ପଶିବେ ? ଏହି ଡାକ୍ତରଖାନାର ଖାଲି ଏହି ବିଭାଗ ନୁହେଁ ଏଠାରେ ଥିବା ମଳ, ମୂତ୍ର, ରକ୍ତ ଆଦିର ପରୀକ୍ଷା, ଏକ୍ସରେ ଠାରୁ ଆରମ୍ଭ କରି ପ୍ରାୟ ଅଧିକାଂଶ ବିଭାଗକୁ ଘରୋଇ ସଂସ୍ଥା ହାତରେ ଟେକି ଦିଆଯାଇଛି, ମଳମୂତ୍ର ଏଠାରୁ ସଂଗ୍ରହ ହେବ, ପରୀକ୍ଷା ରିପୋର୍ଟ ଭୁବନେଶ୍ୱରରୁ ଆସିବ, ଏକ୍ସରେ ଏଠି ହେବ ରିପୋର୍ଟ ଆସିବ ଭୁବନେଶ୍ୱରରୁ । ମେଡିସିନ କିଣା କାରବାରରେ ବ୍ୟାପକ ଲାଞ୍ଚ କାରବାର ଲାଗି କମ୍ପାନୀମାନେ ଏଠାରେ ଦେଉଥିବା ମେଡିସିନ ଗୁଡିକ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ରାଜ୍ୟ ଭେଷଜ ନିୟନ୍ତ୍ରକଙ୍କର ଆନ୍ତରିକତାର ଅଭାବ ଲାଗି ସେଗୁଡିକୁ ପରୀକ୍ଷା ମଧ୍ୟ କରାଯାଉନାହିଁ। କେବଳ କିଛି ଅବସରପ୍ରାପ୍ତ ଓ ନୂଆ ଡାକ୍ତରଙ୍କ ଭରସାରେ ଚାଲିଛି ଏ ଡାକ୍ତରଖାନା। ବସ୍ତିବାସୀଙ୍କ ଠାରୁ ଆରମ୍ଭ କରି ଗରୀବ ମାନଙ୍କୁ ବାଧ ହୋଇ ଏଭଳି ଅର୍ଗଳୀରେ ବେକ ଦେଖାଇ ଭାଗ୍ୟକୁ ଆଦରୀ ସେବା ନିଆଚାଲିଛି। ଏହିଭଳି କିଛି ଦିନ ତଳେ ଏଠାରୁ ଜଣେ ନକଲି ନର୍ସ ବାହାରିଥିଲେ ତାଙ୍କୁ ଆଜିଯାଏ ଧରାଯାଇନାହିଁ, ପୁଣି ବାହାରିଲେ ନକଲି ଡାକ୍ତର । ରାଉରକେଲା ଭଳି ସହର ସେଠି ପୁଣି ସରକାରଙ୍କର ଡାକ୍ତରଖାନାରେ ଏଭଳି ନକଲି କାରବାର ଏହି କଥାର ଗୁରୁତ୍ୱକୁ ରାଜ୍ୟ ସ୍ୱାସ୍ଥ ମନ୍ତ୍ରୀ ନିଶ୍ଚୟ ବୁଝୁଥିବେ, କାରଣ ସେ ମଧ୍ୟ ଜଣେ ସରକାରୀ ଅଧିକାରୀ ଥିଲେ ଓ ରାଉରକେଲା ଭଳି ଯାଗାରେ ଅତି ନ୍ୟାୟପୂର୍ଣ୍ଣ ଭାବେ କାମ ମଧ୍ୟ କରିଥିଲେ, ଯାହାକୁ ଲୋକେ ଆଜିବି ମନେ ରଖିଛନ୍ତି। ତେବେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ନେଇ ପୂର୍ବ ସରକାରଙ୍କର ଏହା କିଭଳି କାରବାର ଏସବୁର କିଭଳି ମରାମତି ହେବ ତାକୁ ଯଥା ଶୀଘ୍ର ସେ ଦୃଷ୍ଟି ଦେବେ ବୋଲି ଆଶା କରାଯାଉଛି ।

# ପ୍ରାଚୁର୍ଯ୍ୟ ଭିତରେ ଦାରିଦ୍ର୍ୟତା : କାମ ନପାଇ ବାହାର ରାଜ୍ୟକୁ ଯାଉଛନ୍ତି ଶ୍ରମଜୀବୀ

**କେନ୍ଦୁଝର, ନ୍ୟୁଜ**

ରାଜ୍ୟ ତଥା ଦେଶର ରାଜକୋଷକୁ ସମୃଦ୍ଧ କରୁଥିବା କେନ୍ଦୁଝର ଜିଲ୍ଲା ଆଜି ଅବହେଳିତ। ରତ୍ନଗର୍ଭା କେନ୍ଦୁଝରରେ ଖଣି, ପାଣି, ଜଙ୍ଗଲ ଥିଲେ ମଧ୍ୟ ଦୀପତଳ ଅନ୍ଧାର ଭଳି ଦାରିଦ୍ର୍ୟତାର କଷାଘାତ ଏହି ଜିଲ୍ଲାକୁ କବଳିତ କରି ଚାଲିଛି। ବିଶେଷ କରି ଖଣି ପ୍ରଭାବିତ ଅଞ୍ଚଳରେ କର୍ମନିଯୁକ୍ତି ମିଳୁ ନ ଥିବାରୁ ଶ୍ରମିକମାନେ ବାଧ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କଳକାରଖାନା ଏବଂ ଖଣିରେ ବାହାର ରାଜ୍ୟର ଲୋକ ଅଧିକ କର୍ମସଂସ୍ଥାନ ପାଉଥିବା ବେଳେ ଜିଲ୍ଲାର ଲୋକ ବହୁ କମ୍ ସଂଖ୍ୟାରେ କାମ ପାଉଛନ୍ତି। ଅଧିକାଂଶ ଖଣି ମେସିନରେ ଚାଲୁଥିବାରୁ ପୂର୍ବପରି ଶ୍ରମିକଙ୍କୁ ଆଉ କାମ ମିଳୁନାହିଁ। ମେସିନ ଦ୍ୱାରା ସମସ୍ତ ଖଣି ଚାଲୁଥିବାରୁ ସ୍ଥାନୀୟ ନିଯୁକ୍ତି ସଙ୍କୁଚିତ ହୋଇଯାଇଛି, ଯାହାକୁ ନେଇ କାମ ନମିଳିଲେ ଅଞ୍ଚଳବାସୀ ଆନ୍ଦୋଳନ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଚାଲୁଥିବା ଖଣିଗୁଡ଼ିକୁ ତାଲା ପକାଇ ଦିଆଯିବ ବୋଲି ଖଣି ପ୍ରଭାବିତ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଜିଲ୍ଲା ଏବଂ ଜିଲ୍ଲା ବାହାରର କେତେକ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ବିଭିନ୍ନ ଶିଳ୍ପ, ଖଣି, ରେଳ ସାଇଡିଂରେ ଭଡ଼ାସୂତ୍ରରେ ନିଜର ମେସିନ ଲଗାଇବା ଦ୍ୱାରା ଏହା ବେକାରୀ ସମସ୍ୟାକୁ ଅଧିକ ଜଟିଳ କରିଛି। ବର୍ଷ ବର୍ଷ ଧରି ଖଣି ଅଞ୍ଚଳର ବିକାଶ ହୋଇପାରୁ ନ ଥିବା ବେଳେ ଲୋକମାନେ ମୌଳିକ ସୁବିଧା ସୁଯୋଗ ଯଥା ପିଇବା ପାଣି, ରାସ୍ତା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସୁବିଧା ପାଇପାରୁ ନାହାନ୍ତି। ଏବେବି ଅନେକ ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗାଡ଼ି ପହଞ୍ଚିପାରୁ ନାହିଁ। ବର୍ଷ ବର୍ଷ ଧରି ଖଣି ଏବଂ ଶିଳ୍ପ ନିକଟବର୍ତ୍ତୀ ଜନବସତି ଗୁଡିକରେ ବସବାସ କରୁଥିବା ଲୋକ ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣରେ ପ୍ରଭାବିତ ହୋଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଶିଳ୍ପ ସଂସ୍ଥାମାନେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ସଠିକ ବିନିଯୋଗ କରୁନଥିବା ବେଳେ କେବଳ କାଗଜକଲମରେ ସିଏସ୍‌ଆର କାମ ଚାଲିଛି। କେନ୍ଦୁଝର ଜିଲାରେ ଆରପିଡିଏସି ବୈଠକ ଗତ ୬ବର୍ଷ ହେବ ବସୁ ନ ଥିବାରୁ କମ୍ପାନୀ ମାନଙ୍କର ସିଏସ୍‌ଆର କାମର ସମୀକ୍ଷା ମଧ୍ୟ ହୋଇପାରୁନାହିଁ। ଖଣି ଦ୍ୱାରା ବହୁ ମୂଲ୍ୟବାନ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବହୁ ଜଳସ୍ରୋତ ଲୁପ୍ତ ହୋଇଯାଇଛି। ସେ ସବୁର ସୁରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପରିଣାମ ସ୍ଥାନୀୟ ଲୋକଙ୍କୁ ଭୋଗିବାକୁ ପଡୁଛି। ଜଳ, ଜମି, ଜଙ୍ଗଲ ନଷ୍ଟ ହେଉଥିବାରୁ ଆଦିବାସୀଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିବାସୀ ଏବେ ସେମାନଙ୍କ ଜୀବିକା ହରାଇଛନ୍ତି। ପୂର୍ବରୁ ବନଜାତ ସାମଗ୍ରୀ ପ୍ରଚୁର ପରିମାଣରେ ମିଳୁଥିବାରୁ କେନ୍ଦୁଝର ଆସି ଏହାକୁ ବିକ୍ରୟ କରି ପରିବାର ପ୍ରତିପୋଷଣ କରିବାରେ ସହାୟକ ହେଉଥିଲା। ଅବାଧ ଜଙ୍ଗଲ ନଷ୍ଟ ଯୋଗୁଁ ଆଗ ଭଳି ଆଉ ମୂଲ୍ୟବାନ ଗଛ ଏଠାରେ ଦେଖିବାକୁ ମିଳୁନାହିଁ। ଜଙ୍ଗଲରୁ କ୍ରମାଗତ ଭାବେ ଲଘୁ ବନଜାତ ଦ୍ରବ୍ୟ ଉତ୍ପାଦନ ହ୍ରାସ ପାଉଥିବାରୁ ଏହା ଉପରେ ନିର୍ଭର କରୁଥିବା ଜନଜାତି ଜଙ୍ଗଲ ଉପରେ ନିର୍ଭରଶୀଳ ହୋଇ ବଞ୍ଚିବା ଅସମ୍ଭବ ହୋଇପଡ଼ିଛି। ଜଙ୍ଗଲ କ୍ଷୟ ଯୋଗୁଁ ବନଜାତ ସାମଗ୍ରୀ ଆଗପରି ଜଙ୍ଗଲରେ ମିଳୁ ନଥିବାରୁ ଆଦିବାସୀମାନେ ଏହି ସାମଗ୍ରୀ କରିବାକୁ ସୁଯୋଗ ପାଉନାହାନ୍ତି। ଶିଳ୍ପ ଓ ଖଣି ଯୋଗୁଁ ଉପରୋକ୍ତ ସମସ୍ୟା ସାଙ୍ଗକୁ ଦୁର୍ଘଟଣା, ପୁଷ୍ଟିହୀନତା ମଧ୍ୟ ବୃଦ୍ଧି ପାଉଛି। କେନ୍ଦୁଝର ଜିଲ୍ଲାକୁ ପ୍ରକୃତି ଖଣି, ପାଣି ଓ ଜଙ୍ଗଲ ଭଳି ସମ୍ପଦ ଦେଇଛି। ଏହାକୁ ସୁବିନିଯୋଗ କରି ପୁଞ୍ଜିପତିମାନେ ଲାଭବାନ ହେଉଥିବାବେଳେ ଜିଲ୍ଲାବାସୀଙ୍କୁ ମିଳୁନି ଏହାର ସୁଫଳ। ଜିଲ୍ଲାରେ ଖଣି ଖନନ ପାଇଁ ବ୍ୟାପକ ଜଙ୍ଗଲ କଟାଯାଉଛି। ହେଲେ ଜିଲାରେ ଇସ୍ପାତ କାରଖାନାଟିଏ ନିର୍ମାଣ ହୋଇପାରୁନି। ଖଣିରେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ମିଳୁନଥିବାରୁ ଦାଦନ ସମସ୍ୟା ବଢୁଛି। ଜିଲ୍ଲାର ଛାତି ଉପରେ ଦେଇ ବହିଯାଉଛି। ବୈତରଣୀ, କାରୋ, ସୁନା ଓ କୁଶେଇ ଭଳି ଏକାଧିକ ନଦୀ ଏହାର ପାଣିକୁ କମ୍ପାନୀ ଶୋଷୁଥିବା ବେଳେ ଚାଷ ଜମିକୁ ପାଣି ମାଡ଼ିପାରୁନି। ଫଳରେ ଚାଷୀ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ସୁନାନଦୀକୁ ଯୋଡ଼ାର ଜୀବନରେଖା ବୋଲି କୁହାଯାଏ। ସୁନା ନଦୀ ଖଣି ବର୍ଜ୍ୟରେ ପୋତି ହୋଇ ଯାଉଥିବାରୁ ନଦୀର ଜଳଧାରଣ କ୍ଷମତା ହ୍ରାସ ପାଇଛି। ସୁନାନଦୀ ଉପରେ ଭୂୟାଁରୋଇଡା ପଞ୍ଚାୟତଠାରୁ ଆରମ୍ଭ କରି ବିଛାକୁଣ୍ଡି, ଆଜାଦ ବସ୍ତି, ବାଚୁହଟିଂ, ସିଗ୍ରିକେସନ କ୍ୟାମ୍ପ, ମାଝୀ ହଟିଂ, କୁନ୍ଦୁରନାଳା ଭଳି ଏକାଧିକ ବସ୍ତି ନିର୍ଭରଶୀଳ କମ୍ପାନୀ ପାଣି ଶୋଷି ନେଉଥିବାରୁ ଖରାଦିନେ ଲୋକଙ୍କୁ ପାଣି ଟୋପେ ମିଳିବା କଷ୍ଟକର ହେଉଛି। ସୁନା, କାରୋ ଏବଂ ବୈତରଣୀ ନଦୀରୁ କମ୍ପାନୀମାନେ ଯେତିକି ପରିମାଣରେ ପାଣି ଉଠାଇବା ପାଇଁ ଚୁକ୍ତି କରିଛନ୍ତି ତା'ଠାରୁ ଅଧିକ ଉଠାଉଥିବା ଅଭିଯୋଗ ହେଉଛି। ଖରା ଦିନେ ବୈତରଣୀ ନଦୀଶଯ୍ୟା ଶୁଖିଲା ପଡ଼ିଥିବା ଦେଖିବାକୁ ମିଳୁଛି। ଖଣି ଖନନ ପାଇଁ ବ୍ୟାପକ ଗଛ କଟାଯାଉଥିବା ବେଳେ ସେହି ଅନୁପାତରେ ବୃକ୍ଷରୋପଣ କରାଯାଉ ନ ଥିବାରୁ ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇ ରାଜ୍ୟର ଅନ୍ୟତମ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଛି। ଧୂଳିଧୂଆଁ ଯୋଗୁଁ ପ୍ରଦୂଷଣରେ ଛଟପଟ ହେଉଥିବା କେନ୍ଦୁଝରବାସୀ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଉଛନ୍ତି ସେହିପରି ଖଣିଗୁଡ଼ିକରେ ଯନ୍ତ୍ର ସାହାଯ୍ୟରେ ଖଣିଜ ଉତ୍ତୋଳନ କରାଯାଉଥିବାରୁ ହଜାର ହଜାର ଶ୍ରମିକ ଜୀବିକା ହରାଇ ବେକାର ହୋଇ ବସିଛନ୍ତି। ଟ୍ରକ୍ ଓ ଟ୍ରେନ ପରେ ଖଣି କମ୍ପାନୀମାନେ ସ୍ଲରିପାଇପ୍ ଲାଇନ ସାହାଯ୍ୟରେ ଖଣିଜ ପରିବହନ କରିବା ଆରମ୍ଭ କରିଛନ୍ତି। ଫଳରେ ହଜାର ହଜାର ଟ୍ରକ୍ ଲୁହାପଥର ପରିବହନରୁ ବଞ୍ଚିତ ହେଉଛନ୍ତି, ଯାହା କେନ୍ଦୁଝର ଜିଲ୍ଲାରେ ଗୁରୁତର ବେକାରୀ ସମସ୍ୟା ସୃଷ୍ଟି କରିଛି। ସରକାର ଏହି ସବୁ ହୃଦୟଙ୍ଗମ କରି କେନ୍ଦୁଝରବାସୀଙ୍କ ମୌଳିକ ସମସ୍ୟାଗୁଡ଼ିକୁ ସମାଧାନ କରିବା ସହିତ ଜିଲ୍ଲାର ବିକାଶ ପ୍ରତି ଦୃଷ୍ଟି ଦେବାକୁ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଶ୍ରୀ ବିଧାୟକ ସନାତନ ମହାକୁଡ଼ କହିଛନ୍ତି, ପ୍ରାଚୁର୍ଯ୍ୟରେ ଭରପୁର କେନ୍ଦୁଝର ଜିଲ୍ଲା କେନ୍ଦ୍ର ଓ ରାଜ୍ୟକୁ ହଜାର ହଜାର କୋଟି ଟଙ୍କା ରାଜସ୍ୱ ଦେଇ ଆସୁଥିବା ବେଳେ ଜିଲ୍ଲା ଦରଦୀ, ଖଟିଖିଆ, ଦୀନ ମଜୁରିଆଙ୍କୁ କାମ ନମିଳିବା ଅତି ସମ୍ବେଦନଶୀଳ ଘଟଣା ବୋଲି ଶ୍ରୀ ମହାକୁଡ଼ ପ୍ରକାଶ କରିଛନ୍ତି। ଖଣି ଖାଦାନର ଧୂଳିଧୁଆଁରେ ଅତିଷ୍ଠ ହେଉଥିବା ବେଳେ କେନ୍ଦୁଝର ଜିଲ୍ଲାର ଅର୍ଥରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷ ବଳିଷ୍ଠ ହେବା ଏବଂ ଜିଲ୍ଲାବାସୀଙ୍କୁ ଅଣଦେଖା କରାଯିବାକୁ ବିଧାୟକ ଶ୍ରୀ ମହାକୁଡ଼ ନାପସନ୍ଦ କରିଛନ୍ତି।

## ପାନୀୟ ଜଳ ଓ ରାସ୍ତା ସମସ୍ୟା ସମାଧାନ ନେଇ ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ଗ୍ରାମବାସୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତରେ ଦୀର୍ଘ ବର୍ଷ ହେଲା ୩ନଂ ଓ ୪ନଂ ୱାର୍ଡରେ ପାନୀୟ ଜଳ ଓ ରାସ୍ତା ସମସ୍ୟା ଲାଗି ରହିଥିବାରୁ ସ୍ଥାନୀୟ ଗ୍ରାମବାସୀମାନେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି । ଜମଧର ପଞ୍ଚାୟତର ୩ନଂ ଓ ୪ନଂ ୱାର୍ଡରେ ପାନୀୟ ଜଳ ଅଭାବ ହେତୁ ପ୍ରାୟ ୧୨୦ଟି ପରିବାର ହନ୍ତସନ୍ତ ହେଉଛନ୍ତି । ପଞ୍ଚାୟତରେ ଓଭର ହେଡ୍ ପାଣି ଟାଙ୍କି ଥିବାବେଳେ ସେହି ଟାଙ୍କିରୁ ଏହି ୨ଟି ୱାର୍ଡବାସୀଙ୍କୁ ପାଣି ସଂଯୋଗ ହୋଇ ନଥିବାରୁ ଏମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ସହିତ ଏହି ଅଞ୍ଚଳରେ ରାସ୍ତାଗୁଡିକ ଦୀର୍ଘ ବର୍ଷ ହେଲା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀମାନେ ସ୍ଥାନୀୟ ଅଞ୍ଚଳର ମହିଳା ନେତ୍ରୀ ଜଇରୁନ ବିବିଙ୍କ ନେତୃତ୍ୱରେ ମିର ବାବା ଅଲ୍ଲୀ, ଏସକେ ମେରାଜ, ସୁହାନା ଖାନ, ସାହେରା ବିବି, ମରିୟାନ ବିବି, ରସିଦା ବିବି, ସେକ ଅନସର ଅଲ୍ଲୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଦାବି ଜଣାଇଛନ୍ତି ।



# ଅନ୍ଧାରରେ ଭାର୍ଗବୀ ସେତୁ:ବଢ଼ୁଛି ଦୁର୍ଘଟଣା ଓ ରାହାଜାନି



**ବାଲକାଟି, ନ୍ୟୁଜ୍ ବ୍ୟୁରୋ**

ଜୟଦେବ ନିର୍ବାଚନ ମଣ୍ଡଳୀର ପ୍ରମୁଖ ପ୍ରବେଶପଥ ହେଉଛି ବାଲକାଟି ଭାର୍ଗବୀ ସେତୁ । ଏହି ସେତୁ ଦେଇ ଭୁବନେଶ୍ୱର, ପୁରୀ, ପିପିଲି, କଟକ, କୋଣାର୍କ, କାକଟପୁର ଆଦି ପ୍ରମୁଖ ସ୍ଥାନକୁ ହଜାର ହଜାର ଜନସାଧାରଣ ଓ ଯାନବାହନ ଯାତାୟାତ କରିଥାନ୍ତି । ଏହି ସେତୁରେ ଲଗାଯାଇଥିବା ୧୮ଟି ଏଲ୍ଇଡି ଲାଇଟ୍ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିରହିଛି । ରାତି ସମୟରେ ଉକ୍ତ ସେତୁଟି ସମ୍ପୂର୍ଣ୍ଣ ଅନ୍ଧାର ରହୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ସହ ଚୋରି ରାହାଜାନି ମଧ୍ୟ ବଢ଼ି ଚାଲିଛି । ୨୦୧୭-୧୮ ଆର୍ଥିକ ବର୍ଷରେ ତତ୍କାଳୀନ ବିଧାୟକ ଶଶିଭୂଷଣ ବେହେରା ନିଜ ଆଞ୍ଚଳିକ ପାଣ୍ଠିରୁ ଏହି ସେତୁକୁ ଆଲୋକୀକରଣ କରିବା ପାଇଁ ୨ ଲକ୍ଷ ୫୬ ହଜାର ଟଙ୍କା ଅନୁଦାନ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଏକ ଘରୋଇ କମ୍ପାନୀକୁ ଏହି କାମ ଦିଆଯାଇଥିଲା । ୧୨୬୦ ଫୁଟ୍ ଲମ୍ବ ଓ ୨୪ ଫୁଟ୍ ଓସାର ବିଶିଷ୍ଟ ଏହି ସେତୁର ଗୋଟିଏ ପାର୍ଶ୍ୱରେ ୮ଟି ସୋଲାର ଏଲ୍ଇଡି ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲା । ପୁନର୍ବାର ୨୦୧୮-୧୯ରେ ଅନୁରୂପ ଭାବେ ବିଧାୟକଙ୍କ ଆଞ୍ଚଳିକ ପାଣ୍ଠିରୁ ପ୍ରାୟ ୧୪/୧୫ ଲକ୍ଷ ବ୍ୟୟ କରାଯାଇ ଅନ୍ୟ ଏକ ଘରୋଇ କମ୍ପାନୀ ଦ୍ୱାରା ସେତୁର ଗୋଟିଏ ପାର୍ଶ୍ୱରେ ୧୦ଟି ସୋଲାର ଲାଇଟ୍ ଲାଗିଥିଲା । ସେତୁରେ ପ୍ରାୟ ୧୫ ଫୁଟ୍ ଉଚ୍ଚର ଜିଆଇ ପାଇପ୍ ଦ୍ୱାରା ମୋଟ ୧୮ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଛି । ମାତ୍ର ଅତି ନିମ୍ନମାନର ସାମଗ୍ରୀ ଲାଗିଥିବାରୁ ଏଗୁଡ଼ିକ ଖୁବ୍ କମ୍ ଦିନ ମଧ୍ୟରେ ଖରାପ ହୋଇଯାଇଛି । ବର୍ତ୍ତମାନ ସମସ୍ତ ୧୮ଟି ଷ୍ଟ୍ରିଟ୍ ଲାଇଟ୍ ଅଚଳ । ଫଳରେ ସେତୁଟି ରାତିରେ ଅନ୍ଧାରରେ ରହୁଥିବାରୁ ଅସାମାଜକଙ୍କ ଆଡ୍ଡା ଜମୁଛି । ଯାତ୍ରୀମାନେ ସଞ୍ଜ ହେଲେ ସେହି ରାସ୍ତା ଦେଇ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି । ୨୦୧୯, ୨୦୨୪ ନିର୍ବାଚନ ସରିଥିଲେ ବି ଏହି ସେତୁର ଭାଗ୍ୟ ବଦଳି ପାରିନାହିଁ । ଏପର୍ଯ୍ୟନ୍ତ ନିର୍ବାଚିତ ସ୍ଥାନୀୟ ଜନପ୍ରତିନିଧି ଭାର୍ଗବୀ ସେତୁ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଇନଥିବାରୁ ଅସନ୍ତୋଷ ଦେଖାଦେଇଛି । ହଜାର ହଜାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟି ରେଖି ଏହି ସେତୁରେ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ସରୋଗେସି ସନ୍ତାନପ୍ରାପ୍ତ ମହିଳାଙ୍କୁ ମିଳିବ ସରକାରୀ ସୁବିଧା:ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ସରୋଗେସି ମାଧ୍ୟମରେ ମା’ ହୋଇଥିବା କର୍ମଚାରୀଙ୍କୁ ପ୍ରାକୃତିକ ଉପାୟରେ ମା’ ହୋଇଥିବା ମହିଳାଙ୍କ ଭଳି ପ୍ରସବକାଳୀନ ଛୁଟି (ମାଟର୍ଣ୍ଣିଟି ଲିଭ୍) ସୁବିଧା ମିଳିବ । ହାଇକୋର୍ଟର ବିଚାରପତି ଡକ୍ଟର ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି । ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ସମ୍ବିଧାନର ଧାରା ୨୧ ମାତୃତ୍ୱ ଅଧିକାର ସହିତ ସବୁ ଶିଶୁଙ୍କ ପୂର୍ଣ୍ଣାଙ୍ଗ ବିକାଶ ସମ୍ପର୍କିତ ଅଧିକାର ପ୍ରଦାନ କରିଛି । ଯଦି ସରକାର ପ୍ରାକୃତିକ ଉପାୟରେ ବା ପୋଷ୍ୟ ସନ୍ତାନ ଗ୍ରହଣ କରି ମା’ ହୋଇଥିବା ମହିଳାଙ୍କୁ ପ୍ରସବକାଳୀନ ଛୁଟି ପ୍ରଦାନ କରୁଛନ୍ତି ତେବେ ସରୋଗେସି ପ୍ରକ୍ରିୟା ଦ୍ୱାରା ସନ୍ତାନ ପ୍ରାପ୍ତି କରିଥିବା ମହିଳାଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରିବା ଆବଶ୍ୟକ । ସେମାନଙ୍କୁ ବି ପ୍ରସବକାଳୀନ ଛୁଟି ମଞ୍ଜୁର କରାଯିବା ଉଚିତ୍ । ସରୋଗେସି ମାଧ୍ୟମରେ ମାତୃତ୍ୱ ଲାଭ କରିଥିବା ଆବେଦନକାରୀଙ୍କୁ ୧୮୦ ଦିନର ପ୍ରସିବକାଳୀନ ଛୁଟି ମଞ୍ଜୁର ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ କପି ପାଇବାର ତିନି ମାସ ଭିତରେ ଆବେଦନକାରୀଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । ଏଥିସହିତ ପ୍ରାକୃତିକ ଉପାୟରେ ଶିଶୁ ଜନ୍ମ ଭଳି ସରୋଗେସି ମାଧ୍ୟମରେ ଶିଶୁର ଜନନୀ ହେବା କ୍ଷେତ୍ରରେ ମା’ଙ୍କୁ ସମାନ ସୁବିଧା ପ୍ରଦାନ ପାଇଁ ଏ ସମ୍ପର୍କିତ ନିୟମାବଳୀରେ ଏହି ଦୃଷ୍ଟିକୋଣ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସରୋଗେସି ମାଧ୍ୟମରେ ମାତୃତ୍ୱ ଲାଭ କରିଥିବା ମହିଳା କର୍ମଚାରୀଙ୍କୁ ପ୍ରସବକାଳୀନ ଛୁଟି ପ୍ରଦାନରେ ପ୍ରତିବନ୍ଧକ ସାଜିଥିବା ଅର୍ଥ ବିଭାଗର ୨୦୧୯ ନଭେମ୍ବର ୧୫ର ଚିଠି ଓ ସାଧାରଣ ପ୍ରଶାସନ ବିଭାଗର ୨୦୨୦ ଜୁଲାଇ ୬ର ଚିଠିକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ଅର୍ଥ ସେବା ଅଧିକାରୀ ଭାବେ ଚାକିରିରେ ଯୋଗ ଦେଇଥିଲେ । ବିବାହର କିଛି ବର୍ଷ ପରେ ମଧ୍ୟ ସେ ମା’ ହୋଇପାରିଥିଲେ । ସରୋଗେସି ମାଧ୍ୟମରେ ସେ ଜନନୀ ହେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ଆବେଦନକାରୀ ଓ ତାଙ୍କ ସ୍ୱାମୀ ଜଣେ ମହିଳାଙ୍କ ସହିତ ସରୋଗେସି ଚୁକ୍ତି ସ୍ୱାକ୍ଷର କରିଥିଲେ । ସରୋଗେଟ୍ ମା’ ୨୦୧୮ ଅକ୍ଟୋବରରେ ସନ୍ତାନକୁ ଜନ୍ମ ଦେଇଥିଲେ । ଏହାପରେ ଆବେଦନକାରୀ ପ୍ରସବକାଳୀନ ଛୁଟି ପାଇଁ କରିଥିବା ଦରଖାସ୍ତକୁ ମଞ୍ଜୁର କରାଯାଇଥିଲା । କିନ୍ତୁ ଏହି ପ୍ରସଙ୍ଗରେ ସ୍ଥିତି ସ୍ପଷ୍ଟ ନଥିବାରୁ ଅନୁଧ୍ୟାନ ପାଇଁ ଅର୍ଥ ବିଭାଗ କହିଥିଲା । ଏହାପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।




# ବାରମ୍ବାର ଋତୁଚକ୍ର ପରିବର୍ତ୍ତନ ଯୋଗୁଁ ମହିଳାଙ୍କ ଋତୁସ୍ରାବ ପ୍ରଭାବିତ ହେଉଛି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଋତୁଚକ୍ରରେ ପରିବର୍ତ୍ତନ ମହିଳାଙ୍କ ଋତୁସ୍ରାବ ଉପରେ ବଡ଼ଧରଣର ପ୍ରଭାବ ପକାଉଛି । ଋତୁସ୍ରାବ ଏକ ପ୍ରାକୃତିକ ଓ ସ୍ୱାଭାବିକ ପ୍ରକ୍ରିୟା । ଥଣ୍ଡା ଓ ଗରମ ପରିବେଶ ସନ୍ତୁଳନ ମଧ୍ୟରେ ଋତୁସ୍ରାବର ଭିନ୍ନଭିନ୍ନ ପରିବର୍ତ୍ତନ ଦେଖାଦେଇଥାଏ । ସାଧାରଣତଃ ତାପମାତ୍ରା ବେଶୀ ବଢ଼ିଗଲେ, ଅତ୍ୟଧିକ ରକ୍ତସ୍ରାବ ହୋଇଥାଏ ଏବଂ କେତେକଙ୍କ କ୍ଷେତ୍ରରେ ଏହା ନର୍ଦ୍ଧାରିତ ସମୟ ଅବଧିଠାରୁ ବେଶୀ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ । ଫଳରେ ଶରୀରରେ ଅନେକ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ । ସେହିପରି ଅତ୍ୟଧିକ ଥଣ୍ଡା ହେଲେ ମଧ୍ୟ ଋତୁସ୍ରାବ ସମୟରେ ପ୍ରବଳ କିମ୍ବା ଅତ୍ୟନ୍ତ କମ୍ ରକ୍ତସ୍ରାବ ହୋଇଥାଏ । ଏହାଦ୍ୱାରା ଶରୀର ଦୁର୍ବଳ ହେବା ସାଙ୍ଗକୁ ଉଭୟ ମାନସିକ ଓ ଶାରୀରିକ ସମସ୍ୟା ଦେଖିବାକୁ ମିଳେ । ଆଜିକାଲି ପରିବେଶ ମଧ୍ୟରେ ସନ୍ତୁଳନ ରହୁ ନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି । ସେମାନଙ୍କ କହିବା କଥା ହେଲା, ବର୍ତ୍ତମାନ ଜଳବାୟୁର ଅହେତୁକ ପରିବର୍ତ୍ତନ ଦେଖାଦେଉଛି । ଅନେକ ସମୟରେ ବର୍ଷା ଋତୁରେ ଅତ୍ୟଧିକ ଗରମ ଅନୁଭୂତ ହେଉଥିବା ବେଳେ ଶୀତ ଦିନରେ ମଧ୍ୟ ଝଡ଼ିବର୍ଷା ଲାଗି ରହୁଛି । ଏହାର ସିଧାସଳଖ ପ୍ରଭାବ ଜୀବଜଗତ ଉପରେ ପଡୁଛି । ବିଶେଷକରି ମହିଳା ଓ କିଶୋରୀ ବାଳିକାମାନେ ଏହାର ଶିକାର ହେଉଛନ୍ତି । ମହିଳାମାନଙ୍କ ରହିଥିବା ପ୍ରଜନନ କ୍ଷମତା ଉପରେ ମଧ୍ୟ ଏହା ପ୍ରଭାବ ପକାଉଛି । ପ୍ରଥମ ଋତୁସ୍ରାବ ହେବା ପରେ ଜଣେ ବାଳିକା ଗର୍ଭଧାରଣ କ୍ଷମତା ଆସିଥାଏ । କିନ୍ତୁ ଚକ୍ର ଅନିୟମିତତା ଦ୍ୱାରା ଫିମେଲ ସେକ୍ସ ହରମୋନ୍ ପ୍ରଭାବିତ ହେଉଛି । ଏକ ତଥ୍ୟ ଅନୁଯାୟୀ ବିବାହିତ ମହିଳାଙ୍କ ତୁଳନାରେ କିଶୋରୀ ବାଳିକାମାନେ ବେଶୀ ଋତୁସ୍ରାବ ଅନିୟମିତତାର ଶିକାର ହେଉଛନ୍ତି । ତେବେ କେବଳ ଜଳବାୟୁ ପରିବର୍ତ୍ତନ ଏକମାତ୍ର କାରଣ ନୁହେଁ, ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟ ଗ୍ରହଣ ଯୋଗୁଁ ମଧ୍ୟ ଅଧିକ ସଂଖ୍ୟାରେ କିଶୋରୀଙ୍କ ସ୍ୱାସ୍ଥ୍ୟକ୍ଷେତ୍ରରେ ସମସ୍ୟା ଓ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଅତ୍ୟଧିକ ତେଲ, ମସଲା, ପିଜା, ବରଗର ବା ରିଚ୍ ଫୁଡ୍ ଖାଇବାକୁ ଆଜିର ଯୁବପିଢ଼ିମାନେ ପସନ୍ଦ କରୁଛନ୍ତି । କିନ୍ତୁ ତାହା ସହଜରେ ହଜମ ହେଉନଥିବାରୁ ଜମି ରହି ଶରୀରରେ ମେଦବହୁଳତା, ଅଳସପଣ ଅନୁଭବ କରାଇଥାଏ । ଏହା ଯଦିଓ ସିଧାସଳଖ ଋତୁସ୍ରାବ ଉପରେ ପ୍ରଭାବ ପକାଇ ନଥାଏ, କିନ୍ତୁ ଜଣେ ମା’ର ହରମୋନ୍ ପ୍ରଭାବିତ ହୋଇଥାଏ । ଏହାସହ ଋତୁସ୍ରାବ ଅନିୟମିତତାର ଏକ ପ୍ରମୁଖ କାରଣ ହୋଇଥାଏ । ଯାହାକି କିଶୋରୀ ବାଳିକାଙ୍କ କ୍ଷେତ୍ରରେ ଅଧିକ ପରିମାଣରେ ଦେଖିବାକୁ ମିଳେ । ପ୍ରତି ମାସ ବଦଳରେ ୪/୫ ମାସରେ ଋତୁସ୍ରାବ ହେବା ସହ ଅତ୍ୟଧିକ ରକ୍ତସ୍ରାବ ହୋଇଥାଏ । ବିଭିନ୍ନ କାରଣରୁ ଯଦିଓ ଶରୀରରେ ହରମୋନ୍ ସନ୍ତୁଳିତ ହୋଇଥାଏ, କିନ୍ତୁ ସେଥିମଧ୍ୟରୁ ଜଳବାୟୁ ପରିବର୍ତ୍ତନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏ ସଂପର୍କରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡ. ସେବା ମହାପାତ୍ର କହିଛନ୍ତି ଯେ ବର୍ତ୍ତମାନ ସମୟରେ ଯଦି ଆକଳନ କରାଯାଏ, ତେବେ ୮୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ଋତୁସ୍ରାବ ଜନିତ ସମସ୍ୟା ରହୁଛି । ଏହାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ନିଶ୍ଚିତ ଭାବେ ଏକ ବଡ଼ କାରଣ । ଏହାସହ ଗର୍ଭନିରୋଧ ଔଷଧର ପ୍ରଚୁର ବ୍ୟବହାର, ଆମ ଜୀବନଶୈଳୀ, ଅଳସପଣ ଓ ଖାଦ୍ୟପେୟରେ ଯେଉଁଭଳି ପରିବର୍ତ୍ତନ ସୃଷ୍ଟି ହୋଇଛି ତାହା ଆଗାମୀ ଦିନରେ ମହିଳା ଓ କିଶୋରୀ ବାଳିକାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ । ତେଣୁ ସମୟ ଥାଉଥାଉ ଆମେ ନିଜକୁ ପରିବର୍ତ୍ତନ କରିବା ସହ ପ୍ରାକୃତିକ ସମସ୍ତ ବ୍ୟବସ୍ଥାକୁ ଗ୍ରହଣ କରିବା ଉଚିତ । ଏ ସମ୍ପର୍କରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ସହ ବିନା ଦ୍ୱିଧାରେ ଆଲୋଚନା କରାଯିବା ମଧ୍ୟ ନିହାତି ଆବଶ୍ୟକ ରହିଛି ।

# ପରିସ୍ରା କରିବା ବାହାନାରେ ଅପହରଣକାରୀଙ୍କ କବଳରୁ ଖସିଆସିଲା ଅଷ୍ଟମ ଶ୍ରେଣୀ ଛାତ୍ର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଅପହରଣ ଉଦ୍ୟମକୁ ନେଇ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହରରେ ଚାଞ୍ଚଲ୍ୟ ଖେଳିଯାଇଛି । ସୋମବାର ସନ୍ଧ୍ୟା ସମୟରେ ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୪ନଂ ୱାର୍ଡ ଦଣ୍ଡପଦର ଗ୍ରାମ ନିବାସୀ ଗିରିଧାରୀ ନାୟକ ଓରଫ ଝୁଲୁ ନାୟକଙ୍କ ପୁଅ ବାଲିଗୁଡ଼ା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ନିକଟକୁ ସବୁଦିନ ଭଳି ଟ୍ୟୁସନ୍ ପଢ଼ିବାକୁ ଆସିଥିଲେ ନିଜ ସାଇକେଲରେ । ଟ୍ୟୁସନ୍ ସାରଙ୍କ ଘରକୁ ଯିବାବେଳେ ଏକ କାର୍‌ରେ କିଛି ହିନ୍ଦୀ ଭାଷୀ ବ୍ୟକ୍ତି ରାଜାଙ୍କୁ ନୂଆସାହି ରାସ୍ତାର ଠିକଣା ପଚାରିଥିଲେ । ରାଜା ରାସ୍ତା ବତାଇବା ପରେ ପୁଣି ପାଖକୁ ଡାକି ଜବରଦସ୍ତ କାର୍ ଭିତରେ ପୁରାଇ ରାଜାକୁ ନେଇ ପଳାଇଥିଲେ । କିନ୍ତୁ ବାଲିଗୁଡ଼ା ସହର ଶେଷ ମୁଣ୍ଡରେ ଥିବା ସଭା ଗୃହ ନିକଟରେ ପରିସ୍ରା କରିବା ବାହାନା କରିଥିଲା ଅଷ୍ଟମ ଶ୍ରେଣୀ ଛାତ୍ର ରାଜା । ଗାଡ଼ିରୁ ଓହ୍ଲାଇ ପରିସ୍ରା କରିବା ବେଳେ କୌଶଳ କ୍ରମେ ଅପହରଣକାରୀଙ୍କ କବଳରୁ ଖସି ଦୌଡ଼ି ପଳାଇ ଆସିଥିବା କହିଛି ରାଜା । ଏନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅନ୍ୟପଟେ ବାଲିଗୁଡ଼ା ସହରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସହରକୁ ସିସି ଟିଭି ବଳୟରେ ରଖାଯାଇଥିଲା କିନ୍ତୁ ବାଲିଗୁଡ଼ା ଏନ୍ଏସି, ପ୍ରଶାସନ ଓ ପୋଲିସ ପ୍ରଶାସନର ଆନ୍ତରିକତା ଅଭାବରୁ ସେସବୁ ବର୍ତ୍ତମାନ ଅଚଳ ଅବସ୍ଥାରେ ଯାହାଫଳରେ ସକାଳେ, ଦିନ ଦ୍ୱିପହରରେ ସହରରେ ବିଭିନ୍ନ ଜଘନ୍ୟ କାଣ୍ଡ ଘଟୁଥିଲେ ମଧ୍ୟ ପୋଲିସ ତାହାର କିଛି ସୁରାକ ପାଉନି ।

# ଗଛରେ କାର୍ ପିଟିହୋଇ ଯୁବକଙ୍କ ମୃତ୍ୟୁ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ବାମୁଣି ଗାଁ ନିକଟରେ ଦୁର୍ଘଟଣା । ଏହି ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଉଛନ୍ତି ରାଜୁ ସାହିର ଚନ୍ଦନ ମହାନ୍ତି (୨୪) । ପୋଲିସ ସୂଚନା ଅନୁଯାଇ, ଚନ୍ଦନ ଏକ କାରରେ ବାମୁଣି ଗାଁ ଅଭିମୁଖେ ଯାଉଥିବା ବେଳେ ଏକ ଗଛରେ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଯୁବକର ମୃତ୍ୟୁ ହୋଇଛି । ଜୟପୁର ସଦର ପୋଲିସ ସୂଚନାପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ମୃତ ଯୁବକ ଜଣକ ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଜଣାଯାଇଛି । ତାଙ୍କ ମୃତ୍ୟୁରେ ଜୟପୁରରେ ଶୋକର ଛାୟା ଖେଳିଯାଇଛି ।

# ଦୀର୍ଘବର୍ଷ ପରେ ମିଳିଲା ନ୍ୟାୟ, ଭାଙ୍ଗିଲା ଜଙ୍ଗଲ ଜମିରେ ନିର୍ମିତ ବେଆଇନ୍ ଆସୋସିଏସନ୍ ଗୃହ

**ହରିଚନ୍ଦନପୁର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ ବୁଲିଲା ବୁଲ୍‌ଡୋଜର୍ । ଦୀର୍ଘବର୍ଷ ଧରି ଜଙ୍ଗଲ ଜମିରେ ବେଆଇନ୍ ଭାବେ ନିର୍ମିତ ହୋଇଥିବା ଆସୋସିଏସନ୍ ଗୃହକୁ ଭାଙ୍ଗିଲା ପ୍ରଶାସନ । ସୂଚନା ମୁତାବକ, କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବ୍ରାହ୍ମଣୀପାଳ ଠାରେ ଥିବା ମା’ ତାରିଣୀ ଟିପ୍ପର୍ ଓ ଟ୍ରକ୍ ଓନର୍ ଆସୋସିଏସନ୍ କାର୍ଯ୍ୟାଳୟକୁ ଉଚ୍ଛେଦ କରିଛି ପ୍ରଶାସନ । ତେବେ ୨୦୦୬ ମସିହାରେ ମା’ ତାରିଣୀ ଟିପ୍ପର୍ ଓ ଟ୍ରକ୍ ଓନର୍ ଆସୋସିଏସନ୍ ଗଠନ ହୋଇଥିଲା । ଏହି ଆସୋସିଏସନ୍ ଦୈତାରୀ ଆଇରନ୍ ଖଣିରୁ ଆଇରନ୍ ପରିବହନ କରୁଥିବା ଟ୍ରକ୍ ମାଲିକମାନେ ଗଠନ କରିଥିଲେ କିନ୍ତୁ ଏହି ଆସୋସିଏସନ୍‌କୁ ବିଜେଡି ଦଳ କଣ୍ଟ୍ରୋଲ କରି ଆସୋସିଏସନ୍ ନାଁରେ କୋଟି କୋଟି ଟଙ୍କା ବିଭିନ୍ନ ଆଳ ଦେଖାଇ ଖାଉଥିଲେ । ପୂର୍ବରୁ ଗୋଟିଏ ଆସୋସିଏସନ୍ କାର୍ଯ୍ୟାଳୟ ଥିବା ବେଳେ କିଛି ବର୍ଷ ପୂର୍ବେ ପୁଣି ଆଉ ଏକ ଆସୋସିଏସନ୍ ଗୃହ ନିର୍ମାଣ କରାଯାଇଛି । ତେବେ ଆଶ୍ଚର୍ଯ୍ୟର କଥା ଦୁଇଟି ଯାକ ଘର ରିଜର୍ଭ ଫରେଷ୍ଟ ଭିତରେ ନିର୍ମାଣ କରାଯାଇଥିଲା । ତେବେ ଉତ୍ତରପ୍ରଦେଶର ଯୋଗି ସରକାର ପ୍ରଥମେ ୟୁପିରେ ବୁଲ୍‌ଡୋଜର୍ ଚଳାଇ ଚର୍ଚ୍ଚାରେ ଥିଲେ । ଆଜି ରାଜ୍ୟର କେନ୍ଦୁଝର ଜିଲ୍ଲାରେ ବୁଲ୍‌ଡୋଜର୍ ଚାଲିଛି । ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପି ସରକାର ହିଁ ସମ୍ଭବ । କେନ୍ଦୁଝର ଜିଲ୍ଲାର ଏହି ବୁଲ୍‌ଡୋଜର୍ ବୁଲିବା ବ୍ରାହ୍ମଣୀପାଳରୁ ଆରମ୍ଭ ହୋଇଛି । ଆଗକୁ ଆହୁରି ଅନେକ ଜାଗାରେ ଏଭଳି ବେଆଇନ୍ ଜବରଦଖଲ ହୋଇଥିବା ଜାଗାରେ ବୁଲ୍‌ଡୋଜର୍ ବୁଲିବ ବୋଲି ଜଣାପଡିଛି । ଏହି ଆସୋସିଏସନ୍ କାର୍ଯ୍ୟାଳୟ ଉଚ୍ଛେଦ ସମୟରେ ଅତିରିକ୍ତ ଏସ୍‌ପି, ଆନନ୍ଦପୁର ଏସିଏଫ୍‌ଙ୍କ ଉପସ୍ଥିତି ତଥା ବ୍ୟାପକ ସୁରକ୍ଷା ବଳୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହି ୨ଟି ଆସୋସିଏସନ୍ ଘର ଭାଙ୍ଗା ଯାଇଛି ।

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ରାଥିଆ ନିକଟରେ ସୋମବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମର ଅକ୍ଷୟ କୁମାର ବାରିକଙ୍କ ପତ୍ନୀ କେତକୀ ବାରିକ (୫୭) ନିଜ ଜ୍ୱାଇଁ ଅମରେନ୍ଦ୍ର ବାରିକଙ୍କ ଗାଡ଼ିରେ ସନ୍ଧ୍ୟାରେ କଟକରୁ ଫେରୁଥିବା ବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଫଳରେ କେତକୀ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କୁ ଆଶୁଚିକିତ୍ସା ପାଇଁ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି ।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ୧୮ତମ ପ୍ରତିଷ୍ଠା ଦିବସ
# ଛାତ୍ରଛାତ୍ରୀମାନେ ଭଲ ମଣିଷ ହେବାକୁ ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ଯୋଗଦେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀମାନଙ୍କୁ ସମାଜରେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଆଜିର ସମାଜରେ ପିଲାମାନେ ନିଜକୁ ଜଣେ ଭଲ ଛାତ୍ର ଛାତ୍ରୀଭାବେ ଗଢି ତୋଳିବା ସହ ନିଜକୁ ଜଣେ ଜଣେ ଭଲ ମଣିଷଭାବେ ଗଢି ତୋଳବା ଆବଶ୍ୟକ ବୋଲି ସେ କହିଥିଲେ । ଏ କ୍ଷେତ୍ରରେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଯେତିକି ଦାୟିତ୍ୱ ରହିଛି ବାପା-ମାଆଙ୍କ ସେତିକି ଦାୟିତ୍ୱ ରହିଛି ବୋଲି ଡ. ସାମନ୍ତ କହିଥିଲେ । ଛାତ୍ରଛାତ୍ରୀମାନେ ନିଜକୁ ଜଣେ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିପାରିଲେ ସେମାନଙ୍କ ନିକଟକୁ ସବୁ ଜିନିଷ ଆପେ ଆପେ ଆସିବ ବୋଲି ଶ୍ରୀ ସାମନ୍ତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ନିଜ ଜୀବନର ଉଦାହରଣ ଦେଇ ସେ ନିଜକୁ ଏବଂ ନିଜ ବାପା-ମାଆଙ୍କୁ କଷ୍ଟ ପହଞ୍ଚାଇବା ଭଳି କୌଣସି କାମ ଜୀବନରେ ନକରିବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ । କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରକୃତପକ୍ଷେ ସବୁ ଦୃଷ୍ଟିରୁ ଆନ୍ତର୍ଜାତିକସ୍ତରର ବୋଲି ଡ. ସାମନ୍ତ କହିଥିଲେ । କିସ୍ ଓ କିଟ୍ ସଭାପତି ଶାଶ୍ୱତୀ ବଳ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ କରିବା ସହ ଜୀବନରେ ନିଜର ଲକ୍ଷ୍ୟ ହାସଲ ପାଇଁ ଅଧ୍ୟବସାୟ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱାଗତଭାଷଣ ପ୍ରଦାନ କରି ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ କହିଲେ, କିଟ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଆତ୍ମଶକ୍ତି ଓ ପ୍ରତିଭା ଓ ଆଗ୍ରହକୁ ଚିହ୍ନଟ କରି ସେମାନଙ୍କୁ ସେହି ଅନୁସାରେ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ସହ ସେମାନଙ୍କର ବ୍ୟକ୍ତିତ୍ୱ ବିକାଶର ଯତ୍ନ ନେଇଥାଏ । ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍କୁଲ୍‌ର ଷ୍ଟୁଡେଣ୍ଟ କ୍ୟାବିନେଟ୍ ଶପଥ ଗ୍ରହଣ କରିଥିଲେ ।

# ବିଷାକ୍ତ ଛତୁ ଖାଇ ୧୦ଜଣ ଅସୁସ୍ଥ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଜିଲ୍ଲାରେ ବିଷାକ୍ତ ଛତୁ ଖାଇ ୧୦ ଜଣ ଅସୁସ୍ଥ ହୋଇପଡିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି । ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ କିରିକିଟା ବନ୍ଧପଡାରେ ବିଷାକ୍ତ ଛତୁ ଖାଇ ଏହି ଘଟଣା ଘଟିଛି । ଘର ପାଖରେ ଜମିରୁ ଛତୁ ଆଣି ରାନ୍ଧି ଖାଇଥିଲେ । ପରେ ସମସ୍ତେ ଝାଡା ବାନ୍ତିର ଶିକାର ହୋଇଥିବା ବେଳେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ପରେ ୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଗୁରୁତର ୪ ଜଣଙ୍କୁ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

# ଲୋକପାଳ ନିଯୁକ୍ତି ବିଳମ୍ବିତ ନେଇ ୮ ବିଶ୍ୱବିଦ୍ୟାଳୟକୁ ୟୁଜିସିର ତାଗିଦ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାରମ୍ବାର ତାଗିଦ କଲାପରେ ମଧ୍ୟ ଲୋକପାଳ ନିଯୁକ୍ତ କରୁନାହାନ୍ତି ବିଭିନ୍ନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ଯାହାକୁ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଉଦ୍‌ବେଗ ପ୍ରକାଶ ସହ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛି । ଛାତ୍ରଛାତ୍ରୀଙ୍କ ଅଭିଯୋଗ ସମାଧାନ ନିୟମ ୨୦୨୩ ଅନୁଯାୟୀ ଲୋକପାଳ ନିଯୁକ୍ତ କରିବାରେ ବିଫଳ ହୋଇଥିବା ଦେଶର ୬୩ ଟି ବିଶ୍ୱବିଦ୍ୟାଳୟର ତାଲିକା ଜାରି କରିଛି । ତନ୍ମଧ୍ୟରେ ୪୬ଟି ସରକାରୀ ବିଶ୍ୱବିଦ୍ୟାଳୟ ୬ଟି ଘରୋଇ ବିଶବିଦ୍ୟାଳୟ ଏବଂ ୧୧ଟି ଡିମ୍‌ଡ୍ ବିଶ୍ୱବିଦ୍ୟାଳୟ ରହିଛନ୍ତି । ଖିଲାପୀ ସରକାରୀ ବିଶ୍ୱବିଦ୍ୟାଳୟ ତାଲିକାରେ ଓଡ଼ିଶାର ୮ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆଇଆଇଆଇଟି, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରମୁଖ ଲୋକପାଳ ନିଯୁକ୍ତ କରିନାହାନ୍ତି । ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଅଭିଯୋଗ ସମାଧାନ ପାଇଁ ଏକ କମିଟି ଗଠନ କରିବାର ବ୍ୟବସ୍ଥା ରହିଛି । ଏଥିରେ ନାମଲେଖା, ପରୀକ୍ଷା ଦେୟ ର୍‌ୟାଗିଂ ଆଦି ସମ୍ପର୍କରେ ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିପାରିବେ । ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଜଣେ ଲୋକପାଳ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଓ ଅଭିଯୋଗକୁ ଶିକ୍ଷାନୁଷ୍ଠାନର କମିଟି ନିର୍ଦ୍ଧାରିତ ସମୟରେ ସମାଧାନ କରିନପାରିଲେ ଛାତ୍ରଛାତ୍ରୀ ମାନେ ଲୋକପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିବାର ନିୟମ ରହିଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୪।୭।୨୦୨୪, ଆଷାଢ ଦି୨୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୧୨।୨୯ ଚନ୍ଦ୍ରୋଦୟ- ରାଘ ୪।୧୩।୦୮**

**ତ୍ରୟୋଦଶୀ-** ପ୍ରାଘ ୫।୫୪ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ରାଘ ୩।୫୫ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଦିଘ ୩।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୩।୫୮ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । ଦିଘ ୩।୫୮ ଗତେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ବାଇଗଣ ପ୍ରାଘ ୫।୫୪ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୬ ଗତେ ଘ ୬।୦୮ ମଧ୍ୟେ । ଦିଘ ୯।୪୦ ଗତେ ଘ ୧୧।୨୪ ମଧ୍ୟେ । **ପର୍ବୋତ୍ସବ-** ଶିବୋପାସ ବେଢ଼ା ପରିକ୍ରମା ।



**ମେଷ:** ମନରେ ସରସତା ଭରିଯିବ । ପୁରାତନ କାର୍ଯ୍ୟ ସମ୍ପାଦନ ପାଇଁ ଲାଗିପଡ଼ିବେ । ସବୁ କାମ ଠିକ୍ ଠାକ୍ ଚାଲିବ । ପାରିବାରିକ ସାହାଯ୍ୟ ମିଳିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**ବୃଷ:** କାର୍ଯ୍ୟକ୍ଷେତ୍ରରେ ଆଗ୍ରହୀ ହେବେ । ବନ୍ଧୁ ସହଯୋଗ ମିଳିବ । କୌଣସି ଦ୍ରବ୍ୟ ପ୍ରାପ୍ତି ହେବ । ପରିବାରରେ ସୁଖ ସମୃଦ୍ଧି ଲାଭ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ପୂର୍ବ ପରି ସ୍ଥିର ରହିବ ।



**ମିଥୁନ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । କର୍ମକ୍ଷେତ୍ରରେ ସମସ୍ତେ ସାହାଯ୍ୟ କରିବେ । ରୋଜଗାରର ପରିମାଣ ବୃଦ୍ଧି ହେବ । ସନ୍ତାନ ସନ୍ତତିଙ୍କ ପାଇଁ ଚିନ୍ତାରେ ରହିବେ । ମନ ଅସ୍ଥିର ରହିବ ।



**କର୍କଟ:** ବିଶ୍ୱାସୀ ଲୋକ ଆପଣଙ୍କର ଶତ୍ରୁ ଭାବେ ମନସ୍ତାପ କରିବେ । ପାରିପାର୍ଶ୍ୱିକ ଅବସ୍ଥା ସେତେ ଭଲ ରହିବନାହିଁ । ତେଣୁ ମନ ଅସ୍ଥିର ରହିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ସିଂହ:** ଦୂରଯାତ୍ରା ସଫଳ ହେବ । ପାରିବାରିକ ସହଯୋଗ ଲାଭ କରିବେ । ଶତ୍ରୁମାନେ ଦୂରେଇ ଯିବେ । ରୋଜଗାର ପରିମାଣ ବଢ଼ିବ । ନୂତନ ଦ୍ରବ୍ୟ କିଣିପାରନ୍ତି । ଆୟ ପୂର୍ବ ପରି ସ୍ଥିର ରହିବ ।



**କନ୍ୟା:** କୌଣସି କାମକୁ ନଡରି କରିପକାଇବେ । ଦୁଃସାହସିକ କାର୍ଯ୍ୟ କରିବାକୁ ପଛେଇଯିବେନାହିଁ । ସହଯୋଗ ଓ ସୌଜନ୍ୟତା ମିଳିବ । ଅନ୍ୟ ପାଇଁ ଉଦାହରଣ ସାଜିବେ । ସାମାଜିକ ସ୍ତରରେ ସମ୍ମାନିତ ହେବେ ।



**ତୁଳା:** ଶୁଭ କାର୍ଯ୍ୟରେ ଯୋଗଦାନ କରିବେ । ବାକି ପଡ଼ିଥିବା କାମ ସାରି ଆଶ୍ୱସ୍ତି ହେବେ । ସହଯୋଗ ମିଳିବ । ପରିବାରରେ ଆଧିପତ୍ୟ ବିସ୍ତାର କରିବା ସଙ୍ଗେ ସଙ୍ଗେ ଗୁରୁତ୍ୱ ରହିବ ।



**ବିଛା:** ପାରିବାରିକ ଅଶାନ୍ତି ହେତୁ ମନରେ ବିରକ୍ତି ଆସିବ । ହେବା କାମ ହେବନାହିଁ । ପିଲାମାନେ ଅମାନିଆ ହେବେ । କଳହ ଯୋଗ ରହିଛି । ଏଣୁ ସାବଧାନତା ଅବଲମ୍ବନୀୟ । ବହୁ ସମୟ ଅନ୍ୟମନସ୍କ ରହିବେ ।



**ଧନୁ:** ଲୋକପ୍ରିୟତା ବଢ଼ିବ । ସହକର୍ମୀମାନଙ୍କ ସହଯୋଗ ଲାଭ କରିବେ । କର୍ମକ୍ଷେତ୍ରରେ ସହଯୋଗୀ ମାନଙ୍କ ଅସହଯୋଗ ଦେଖାଦେବ । ପରିଶ୍ରମ ବଢ଼ିବ । ଆୟ ସ୍ଥିର ରହିବ । ଖର୍ଚ୍ଚ ବଢ଼ିବାର ସୂଚନା ।



**ମକର:** ମନରେ ଅହଂଭାବ ଜାତ ହେବ । କର୍ମକ୍ଷେତ୍ରରେ ପରିବର୍ତ୍ତନ ସୂଚନା ଦେଖାଦେବ । ଦ୍ରବ୍ୟ ନଷ୍ଟର ଆଶଙ୍କା । ନିଜର ଆତ୍ମ ବଡ଼ିମା ପାଇଁ ତିରସ୍କୃତ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



**କୁମ୍ଭ:** ବୁଝି ବିଚାରି କାମ କରିବେ । ଯେପରି ବିପଦରେ ନପଡ଼ନ୍ତି । ଦିନଟି ଭଲରେ କଟିବ । ପାରିପାର୍ଶ୍ୱିକ ପରାମର୍ଶ କ୍ରମେ ଦୈନନ୍ଦିନ କାର୍ଯ୍ୟକୁ ଆଗେଇ ନେବାରେ ସକ୍ଷମ ହେବେ । ଗୃହେ ଶାନ୍ତି ଲାଭ ।



**ମୀନ:** କାର୍ଯ୍ୟନାଶ ଆପଣଙ୍କୁ ବ୍ୟଥିତ କରିବ । ଦୂରଯାତ୍ରାରେ ପ୍ରତାରିତ ହେବେ । କୌଣସି ଦ୍ରବ୍ୟ ନଷ୍ଟ ଯୋଗୁ ବ୍ୟଥିତ ହେବେ । ଗୃହେ କଳହର ସୂଚନା । ବିବାଦୀୟ ଓ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ ।



# ଦୈନନ୍ଦିନ ଜୀବନରେ ସବୁଜିମାର ଆବଶ୍ୟକତା ଜରୁରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ଜଣାଶୁଣା ସାମାଜିକ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ସବୁଜ ହସ ସପ୍ତାହ ଓ ସବୁଜିମା ଏକ ଜୀବନ ଧାରା ଆଲୋଚନା ଚକ୍ର ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ କଥାକାର ଡ଼ଃ ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଜୟ କୁମାର ସାମଲ, ବିଷୟ ବିଶେଷଜ୍ଞ ରୂପେ ପ୍ରାଧାପକ ଡ଼ଃ ପ୍ରଭାତ ରଞ୍ଜନ ଲେଙ୍କା, ଆୟବା ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନାୟକ ପ୍ରଧାନ, ଅର୍ବାନ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ସବୁଜିମାର ଆବଶ୍ୟକତା ଓ ଏହା ନଷ୍ଟ ହେବା ଦ୍ୱାରା ସୃଷ୍ଟି ହେଉଥିବା ଭୟଙ୍କର ପରିସ୍ଥିତି ଯେପରି ଅନିୟମିତ ବର୍ଷା, ପ୍ରବଳ ଗ୍ରୀଷ୍ମ ପ୍ରବାହ, ଅମ୍ଳଜାନର ଅଭାବ ଆଦି ବିଷୟ ସହ ବୈଜ୍ଞାନିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହାକୁ ସାମ୍ନା କରିବାକୁ ହେଲେ ବ୍ୟାପକ ବୃକ୍ଷ ରୋପଣ, ଏହାର ରକ୍ଷଣା ବେକ୍ଷଣ, ଗୋଟିଏ ମଣିଷ ଗୋଟିଏ ଗଛର ସଂକଳ୍ପ ଉପରେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଆଶିଷ ସେନାପତି, ମାତୃଦତ ମହାନ୍ତି, ନୃସିଂହ ଚରଣ ତ୍ରିପାଠୀ, ଶୁଭ୍ରାଂଶୁ କୁମାର ଦାସ, କବି ନବଜ୍ୟୋତି ରାୟ, କରୁଣାକର ଦାସ, ଶିକ୍ଷାବିତ୍ ଦିଲୀପ କୁମାର ମିଶ୍ର, ପ୍ରଦୀପ ଜେନା, ସିନୁଲତା ଦାସ, ସ୍ଥାନୀୟ କାଉନସିଲର ରଶ୍ମିତା ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅନୁଷ୍ଠାନର ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# କେନ୍ଦ୍ରକୁ ଘାରିଲାଣି ଗହମ ଚିନ୍ତା

ଗହମକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଥିବା ଭଳି ମନେ ହେଉଛି। ଦରଦାମକୁ ନିୟନ୍ତ୍ରଣରେ ରଖିବା ସହିତ ଗହମ ଉପଲବ୍ଧତା ସୁନିଶ୍ଚିତ କରିବା ଲାଗି ସରକାର ଏହାର ଷ୍ଟକ୍ ସୀମା ନିର୍ଦ୍ଧାରଣ କରିଛନ୍ତି। କେନ୍ଦ୍ର ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି ଯେ ଖୁଚୁରା ବିକ୍ରେତା, ପାଇକାରୀ ବିକ୍ରେତା, ପ୍ରକ୍ରିୟାକରଣ କରୁଥିବା ସଂସ୍ଥା ଓ ବୃହତ ରିଟେଲ୍ ଶୃଙ୍ଖଳାଗୁଡ଼ିକୁ ପ୍ରତି ଶୁକ୍ରବାର ସେମାନଙ୍କ ଷ୍ଟକ୍ ଘୋଷଣା କରିବାକୁ ପଡ଼ିବ। ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଗହମ ଷ୍ଟକର ସୀମା ଧାର୍ଯ୍ୟ କରାଯାଇଛି। ସାରା ଦେଶରେ ଏହା ଲାଗୁ କରାଯାଇଛି।

ଦେଶରେ ଗହମର ଅଭାବ ଥିବା ନେଇ ହେଉଥିବା ଚର୍ଚ୍ଚାକୁ ଦୃଢ଼ ଭାବେ ଖଣ୍ଡନ କରି ଶ୍ରୀ ଚୋପ୍ରା କହିଛନ୍ତି ଯେ ବର୍ତ୍ତମାନ ଗହମ ରପ୍ତାନିକୁ ନିଷିଦ୍ଧ କରିବା କିମ୍ବା ଚିନି ରପ୍ତାନି ଉପରୁ କଟକଣା ପ୍ରତ୍ୟାହାର କରିବାର କୌଣସି ଯୋଜନା ନାହିଁ। ସେ କହିଛନ୍ତି ଯେ ପାଇକାରୀ ବିକ୍ରେତାଙ୍କ ଲାଗି ଗହମର ଷ୍ଟକ୍ ସୀମା ୩୦୦୦ ଟନ୍ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରକ୍ରିୟାକରଣକାରୀ ସଂସ୍ଥାଗୁଡ଼ିକ ନିଜ ସ୍ଥାପିତ କ୍ଷମତାର ୭୦ ପ୍ରତିଶତ ଗହମକୁ ଷ୍ଟକ୍ ଭାବେ ରଖିପାରିବେ। ବୃହତ ଖୁଚୁରା ଶୃଙ୍ଖଳାଗୁଡ଼ିକ ନିଜ ଆଉଟଲେଟ୍‌ରେ ୧୦ ଟନ୍ ଲେଖାଏଁ ଏବଂ ମୋଟ ଉପରେ ନିଜ ପାଖରେ ୩୦୦୦ ଟନ୍ ଗହମ ରଖିପାରିବେ। ଖୁଚୁରା ବିକ୍ରେତାଙ୍କ ପାଖରେ ୧୦ ଟନ୍ ପର୍ଯ୍ୟନ୍ତ ଗହମ ରହିବ।

ଉପଭୋକ୍ତା ବ୍ୟାପାର ସଚିବ ନିଧି ଖାରେ କହିଛନ୍ତି ଯେ ହରଡ଼ ଡାଲି ଓ ବିରିର ଷ୍ଟକ୍ ସୀମା ନିର୍ଦ୍ଧାରଣ କରାଯିବା ପରେ ମୂଲ୍ୟରେ ସୁଧାର ଦେଖିବାକୁ ମିଳିଛି। ଏହି ଦୁଇ ଡାଲିର କ୍ୱିଣ୍ଟାଲ ପିଛା ଦରରେ ୫୦-୨୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ପିଆଜ ସମ୍ପର୍କରେ ସେ କହିଛନ୍ତି ଯେ ସରକାରଙ୍କ ଭଣ୍ଡାରରେ ଯଥେଷ୍ଟ ପିଆଜ ରହିଛି। ଗତବର୍ଷ ୨.୮୫ ଲକ୍ଷ ହେକ୍ଟରରେ ପିଆଜ ଚାଷ ହୋଇଥିଲା। ଚଳିତ ବର୍ଷ ୩.୫୩ ଲକ୍ଷ ହେକ୍ଟରରେ ଏହି ଚାଷ ହେବ ବୋଲି ସେ ଆକଳନ କରିଛନ୍ତି। ଭଲ ମୌସୁମୀ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଲକ୍ଷ୍ୟ ହାସଲ ହୋଇଯିବ ବୋଲି ସେ ଆଶାବାଦୀ ଅଛନ୍ତି। ଗହମ ସମେତ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଦାମ୍ ବଢୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବାରୁ ତାହାକୁ ଦୃଷ୍ଟିରେ ରଖି ସରକାର ଗହମର ଷ୍ଟକ୍ ସୀମା ଧାର୍ଯ୍ୟ କରିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

**ସତ୍ୟ ଭାଗବତ**

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମ୍ଭତେ।'**

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ବାବା ସ୍ୱପ୍ନରେ ଆସି ପାଗଳକୁ ଆରୋଗ୍ୟ କଲେ


ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୬୬**



ମାଦ୍ରାଜ ବିଶ୍ୱବିଦ୍ୟାଳୟର କୁଇନ୍ ମେରୀକଲେଜର କୁମାରୀ ଲୀଳା ମୁଦାଲିଆ ଉଦ୍ଭିଦ ବିଜ୍ଞାନର ଆଧାପିକା ଥିଲେ। ସେ ଅବସର ସମୟରେ ଶ୍ୱେଣ୍ଡିରେ ଏକ କ୍ଷୁଦ୍ର ମନ୍ଦିରରେ ପୂଜାରିଣୀ କାର୍ଯ୍ୟ କରୁଥିଲେ । ସେ ମାଦ୍ରାଜ ଉପକଣ୍ଠରେ ଥିବା ଶ୍ୱେଣ୍ଡିରେ ବାସ କରୁଥିଲେ। ୧୯୪୩ ମସିହାରେ ଲୀଳାଙ୍କୁ ୧୦ ବର୍ଷ ହୋଇଥିବା ବେଳେ ଏହି କ୍ଷୁଦ୍ର ଦେବାଳୟଟି ନିର୍ମିତ ହୋଇଥିଲା। ଯେଉଁ ସବୁ ଘଟଣାରୁ ଏହି ମନ୍ଦିର ନିର୍ମିତ ହୋଇଥିଲା ଏବଂ ବୈଜ୍ଞାନିକ ଲୀଳା ସେଠାରେ ସେବାକାର୍ଯ୍ୟ କଲେ ତାହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। ସେହିଠାରେ ସେହି ମନ୍ଦିର ନିର୍ମାଣ ହେବ ବୋଲି ଚାଳିଶ ବର୍ଷ ଆଗରୁ ଭବିଷ୍ୟତ ବାଣୀ ହୋଇଥିଲା। ୧୯୪୪ ମସିହାରେ ଜଣେ ପରିବ୍ରାଜକ ସିଦ୍ଧ ପୁରୁଷ ଶ୍ୱେଣ୍ଡିକୁ ଆସି ଲୀଳାର ପିତାମାତାକୁ ନିଜ ସମାଧି ପାଇଁ ସେମାନଙ୍କ ଜମିରୁ ଏକ କ୍ଷୁଦ୍ର ଅଂଶ ତାଙ୍କୁ ଦେବା ପାଇଁ ଅନୁରୋଧ କରିଥିଲେ। ଲୀଳାଙ୍କର ପିତା ମାତା ଏହା ପାଇଁ ରାଜି ହୋଇ ପରିବ୍ରାଜକଙ୍କୁ ନିଜ ଜମିର ଏକ ଅଂଶ ଦାନ କଲେ। ଏହି ପରିବ୍ରାଜକ ସିଦ୍ଧ ପୁରୁଷ ଭବିଷ୍ୟତବାଣୀ କରିଥିଲେ ଯେ, ତାଙ୍କ ସମାଧିର ଦକ୍ଷିଣ ପାଖରେ ଏକ ମହାନ୍ ସନ୍ଥଙ୍କର ମନ୍ଦିର ଓ ବାମ ପାଖରେ ଶିକ୍ଷାଞ୍ଚଳ ଗଢି ଉଠିବ। ୧୨୫ ବର୍ଷ ବୟସରେ ସେ ସମାଧି ଗ୍ରହଣ କଲେ। ତାଙ୍କର ଭବିଷ୍ୟତ ବାଣୀ ସତ ହେଲା। ଏଠାରେ ଏକ ମନ୍ଦିର ଓ ଶିକ୍ଷାଞ୍ଚଳ ଗଢି ଉଠିଛି। କହିବା ବାହୁଲ୍ୟ ହେବ ଯେ, ଉପରୋକ୍ତ ପରିବ୍ରାଜକ ସିଦ୍ଧ ପୁରୁଷ ତାଙ୍କର ଭବିଷ୍ୟତ ବାଣୀକୁ ଏକ ତାଳପତ୍ରରେ ଲେଖି ରଖିଥିଲେ। ଏହି ସବୁ ଘଟିବା ପୂର୍ବରୁ ଉକ୍ତ ଜମିରେ ଆଉ ଅନେକ ଆଶ୍ଚର୍ଯ୍ୟ ଘଟଣା ମାନ ଘଟିଥିଲା ।୧୯୪୦ ମସିହାରେ ଗୁଜୁରାଟର ଜଣେ ସ୍ୱାମୀ ଉକ୍ତ ସମାଧି ପାଖରେ ଏକ ତୃଣ କୁଟୀର ନିର୍ମାଣ କରି ରହୁଥିଲେ। ଏହି ସ୍ୱାମୀ ବାମାଚାରୀ ଥିଲେ। ସେ ଜଣେ ଦୁଷ୍ଟ ବାଜିଗର ଭାବରେ କୁଖ୍ୟାତି ଅର୍ଜନ କଲେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଘଟେଇଥିବାରୁ ଓ ସିଦ୍ଧଶକ୍ତି ପ୍ରୟୋଗ କରି ଲୋକଙ୍କର ଜୀବନ ଧ୍ୱଂସ କରୁଥିବାରୁ ତାଙ୍କର ଦୁର୍ନାମ ସବୁଆଡେ ବ୍ୟାପି ଯାଇଥିଲା। ଜମିର ତତ୍କାଳୀନ ମାଲିକ ଲୋଗାନନ୍ଦ ମୁଦାଲିଆ ତାଙ୍କୁ ସେ ସ୍ଥାନ ଛାଡି ଚାଲିଯିବାକୁ କହିଲେ ମଧ ସେ ତାଙ୍କ କଥା ଶୁଣିଲେ ନାହିଁ। ୧୯୪୩ ମସିହାର ଲୋଗାନନ୍ଦ ଜଣେ ଗୁମାସ୍ତାଙ୍କୁ ସଙ୍ଗରେ ନେଇ ତୃଣ କୁଟୀରକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଲେ। ସେତେବେଳେ ସେଠାରେ ବାଜିଗର ନଥିଲେ। ସେ କେଉଁଠାରୁ ଅଠାତ୍ ଆସି ଏହା ଦେଖି କ୍ରୋଧରେ ଅଗ୍ନିବର୍ଷା ହୋଇ ମୁଦାଲିଆଙ୍କୁ ଅଭିଶାପ ଦେଲେ ଯେ 'କାଲି ଠାରୁ ତୁମେ ଜଣେ କ୍ରୋଧାନ୍ଧ ପାଗଳ ହୋଇଯାଅ।

ମୁଦାଲିଆ ଏହା ଉପରେ ଏତେ ଗୁରୁତ୍ୱ ଦେଲେ ନାହିଁ କି ନିଜ ସ୍ତ୍ରୀ ବା ଝିଅକୁ ଏ ବିଷୟ କହିଲେ ନାହିଁ। କିନ୍ତୁ ତା ପରଦିନ ସେ ହିଂସ୍ର ଓ ପାଗଳ ହୋଇଗଲେ। ଏହି ଅବସ୍ଥାରେ ତାଙ୍କର ଚିକିତ୍ସା କରିବା ପାଇଁ ଡାକ୍ତର ଖାନାକୁ ନେବା ପାଇଁ ଝିଅ ଚାହିଁବାରୁ ମୁଦାଲିଆଙ୍କ ପତ୍ନୀ ଏଥିରେ ରାଜି ହେଲେ ନାହିଁ। ସେ କହିଲେ ଅନ୍ତତଃ ଆଉ ଦିନେ ଘରେ ରଖାଯାଉ, ତାପରେ ଦେଖିବା । ଏପରି କ୍ରୋଧାନ୍ଧ ପାଗଳ ସ୍ୱାମୀକୁ ଘରେ ରଖିବା କଷ୍ଟକର ହେଲେ ମଧ ଭଗବାନଙ୍କୁ ଅହରହ ପ୍ରାର୍ଥନା କରି ଘରେ ରଖିଲେ । ଏହିପରି ଦୁଇ ଦିନ ବିତିଗଲା, ଲୋଗାନନ୍ଦ ଶୁକ୍ରବାର ଦିନ ପାଗଳ ରୋଗରେ ଆକ୍ରାନ୍ତ ହୋଇଥିଲେ। ଦୁଇ ଦିନ ଏଇ ଯନ୍ତ୍ରଣା ଭୋଗ କରିବା ପରେ ଶନିବାର ଶେଷ ରାତ୍ରରେ ଏକ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ଜଣେ ଯୁବକ ସ୍ୱାମୀ ତାଙ୍କ ନିକଟକୁ ଆସି ତାଙ୍କୁ ପାଣି ଓ ତୁଳସୀପତ୍ର ଥିବା ପାତ୍ରଟିଏ ଦେଇଥିଲେ। ଲୋଗାନନ୍ଦ ମୁଦାଲିଆ ଯୁବକ ସ୍ୱାମୀଙ୍କ କଥା ମାନିଲେ। ଯୁବକ ସ୍ୱାମୀ ଅଦୃଶ୍ୟ ହୋଇଗଲେ। ପରଦିନ ଲୋଗାନନ୍ଦ ନିଦରୁ ଉଠିବା ବେଳକୁ ତାଙ୍କର ଆଉ ପାଗଳାମି ନଥିଲା। ସେ ନିଜ ପତ୍ନୀ ଓ ଝିଅକୁ ଏହି ସ୍ୱପ୍ନ କଥା କହିଲେ। ଯୁବକ ସ୍ୱାମୀଙ୍କ କଥା ବର୍ଣ୍ଣନା କରିବାକୁ ଯାଇ ସେ କହିଲେ ସେ ଜଣେ ନାଲିବସ୍ତ୍ର ପରିହିତ ଯୁବକ ଓ ତାଙ୍କ ମୁଣ୍ଡରେ ଥିଲା ଗୋଛାଏ କୁଞ୍ଚୁ କୁଞ୍ଚିଆ କେଶ ଓ ସେ ଦେଖିବାକୁ ଜଣେ ସ୍ତ୍ରୀ ଲୋକ ଭଳି।

ଏହି ଘଟଣା ଘଟିବା ସମୟରେ ସତ୍ୟସାଇ ବାବା ମାନ୍ଦ୍ରାଜର ଜଣେ ଭକ୍ତଙ୍କ ଘରେ ଅବସ୍ଥାନ କରୁଥିଲେ। ବାବା ରବିବାର ମଧାହ୍ନ ଭୋଜନ ପୂର୍ବରୁ ଅନ୍ୟ ଏକ ଭକ୍ତଙ୍କ ଘରକୁ ଯିବା ବାଟରେ, ଲୋଗାନନ୍ଦଙ୍କ ଘର ପାଖରେ ଗାଡି ଅଟକାଇ ସମସ୍ତଙ୍କୁ ଅପେକ୍ଷା କରିବାକୁ କହି ସେ ନିଜେ ଏକ ଲୋଗାନନ୍ଦଙ୍କ ଘର ଭିତରକୁ ଗଲେ। ସେତେବେଳେ ସେ ନାଲିବସ୍ତ୍ର ପରିଧାନ କରିଥିଲେ। ଲୋଗାନନ୍ଦ ତାଙ୍କୁ ଚିହ୍ନି ପାରି ନିଜ ବସିବା ଜାଗାରୁ ଉଠିପଡି ତାଙ୍କ ଗୋଡତଳେ ପଡିଯାଇ କହିଲେ ଏହାତ ମୁଁ ସ୍ୱପ୍ନରେ ଦେଖିଥିବା ଓ ମୋତେ ପାଗଳାମିରୁ ଭଲ କରିଥିବା ଯୁବକ ସ୍ୱାମୀ। ସତ୍ୟସାଇବାବା କହିଲେ ହଁ ମୁଁ ସେ ବାବା । ମୁଁ ତୁମକୁ ସେଦିନ ପାଣି ଓ ତୁଳସୀ ପତ୍ର ଦେଇଥିଲି ଓ ପାଗଳାମିରୁ ଭଲ କରିଥିଲି। ଏହ ନିଶ୍ଚିତ କରିବାକୁ ମୁଁ ତୁମ ଘରକୁ ଆସିଛି। ଏହା ପରେ ଲୋଗାନନ୍ଦଙ୍କ ପରିବାରର ସମସ୍ତେ ସତ୍ୟସାଇ ଭକ୍ତ ହୋଇଗଲେ। (କ୍ରମଶଃ)

# ଆଗୁ ହୋଇବା ସାବଧାନ !


**ଇଂ. ଅଭୟ ସୂତାର**
**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଭୁବନେଶ୍ୱର**
**ମୋ.୯୪୩୭୩୭୬୯୬୭, ୭୦୭୭୩୪୮୫୪୩**

ଓଡ଼ିଶାର ଉପକୂଳ ଜିଲ୍ଲାମାନଙ୍କରେ ୧୯୯୯ର ସାମୁଦ୍ରିକ ବାତ୍ୟାଯୋଗୁ ଯେପରି ହଜାର ହଜାର ଲୋକ ଓ ଅଗଣିତ ପଶୁପକ୍ଷୀଙ୍କର ପ୍ରାଣଗଲା ଏବଂ ଅସୁମାରି ଘର ଓ ଗଛ ଧ୍ୱଂସ ପାଇଲା, ତାହାର ପରିପୂରଣ କେବେହେଲେ ସମ୍ଭବ ହୋଇପାରିଲା ନାହିଁ। ଯଦିଓ ଏପରି ପ୍ରଳୟଙ୍କରୀ ବାତ୍ୟା ଆଗରୁ କେବେ ହୋଇ ନ ଥିଲା, ତେବେ ରାଜସ୍ୱ ବିଭାଗର ହିସାବ ଅନୁସାରେ ୧୯୫୬,୧୯୬୧,୧୯୭୧ ଓ ୧୯୮୨ ଓ ୨୦୧୩ରେ ସାମୁଦ୍ରିକ ବାତ୍ୟାଯୋଗୁ ଉପକୂଳ ଅଞ୍ଚଳରେ ପ୍ରଭୂତ କ୍ଷତି ଘଟିଥିଲା। ୧୯୯୯ ମସିହା ପରେ ବି ବହୁବାର ମହାବାତ୍ୟା ଆସି ଅନେକ କ୍ଷୟକ୍ଷତି ଘଟାଇଛି । କେବଳ ୧୯୭୧ ମସିହା ବାତ୍ୟାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ଦଶହଜାର ଲୋକ ଓ ଅଗଣିତ ପଶୁପକ୍ଷୀ ମରିଥିଲେ। ୧୮୦ କି.ମି. ବେଗରେ ପବନ ବହିଥିଲା ଓ ୧୦/୧୨ ଫୁଟ ଉଚ୍ଚରେ ସମୁଦ୍ର ଜୁଆର ମାଡ଼ିଆସି ମଣିଷ ଓ ପଶୁପକ୍ଷୀଙ୍କୁ ଭସାଇ ନେଇଥିଲା।

ଉପକୂଳ ଅଞ୍ଚଳରେ ଏପରି ଘନ ଘନ ସାମୁଦ୍ରିକ ବାତ୍ୟା ହେବାର କାରଣ ହେଲା, ସ୍ୱାଧିନତା ପୂର୍ବରୁ ସମୁଦ୍ର କୂଳେ କୂଳେ ୪୮୦ ବର୍ଗ କିଲୋମିଟର ଅଞ୍ଚଳରେ ଘଞ୍ଚ ଲୁଣା ଜଙ୍ଗଲ ରହିଥିଲା। ଏହି ଜଙ୍ଗଲ, ସାମୁଦ୍ରିକ ପବନ ଓ ଜୁଆରକୁ ପ୍ରତିହତ କରି ଉପକୂଳବାସୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲା। ବ୍ରିଟିଶ ସରକାରଙ୍କ ଦୃଢ଼ ଶାସନ ବ୍ୟବସ୍ଥାରେ ଲୋକେ ଜଙ୍ଗଲ ଧ୍ୱଂସ କରିବାକୁ ସାହସ କରୁ ନ ଥିଲେ, ମାତ୍ର ବିଗତ ୫୦ ବର୍ଷ ମଧ୍ୟରେ ଏହି ଲୁଣା ଜଙ୍ଗଲକୁ ଅବାରିତ ଭାବେ ସ୍ଥାନୀୟ ପ୍ରଶାସନିକ ଓ ରାଜସ୍ୱ ଅଧିକାରୀଙ୍କ ପ୍ରଚ୍ଛଦ ସମର୍ଥନରେ ଲୋକେ ଧ୍ୱଂସ କରିଦେଲେ। ତେଣୁ "ଆପଣା ହସ୍ତେ ଜିହ୍ୱାଛେଦି" ନୀତିରେ ସାମୁଦ୍ରିକ ବାତ୍ୟା ଓ ଜୁଆର ସ୍ଥଳଭାଗ ଆଡ଼କୁ ମାଡ଼ି ଆସି ଧନ ଜୀବନର ଅଶେଷ କ୍ଷୟ କ୍ଷତି କଲା।

ଲୁଣା ଜଙ୍ଗଲରେ ସାଧାରଣ ଭାବେ ବନି ଓ ହେନ୍ତାଳ ଗଛ ରହିଥିଲା। ଲୁଣି ପରିବେଶ ଓ ଲୁଣି ମାଟିରେ ଏହି ପ୍ରକାର ଗଛ ଭଲ ବଢ଼େ । ବନିଗଛର ଫଳ ଗଛରୁ ଝଡ଼ି ଜୁଆରରେ ଭାସିଯାଇ ବିଭିନ୍ନ ସ୍ଥାନରେ ଲାଗି ସେଠାରେ ଫଳରୁ ଗଛ ହୋଇ ନୂଆ ଜଙ୍ଗଲ ଆପେ ଆପେ ସୃଷ୍ଟି ହୋଇଥାଏ। ଏହି ଗଛଗୁଡ଼ିକ ପରସ୍ପର ଛନ୍ଦି ହୋଇ ରହୁଥିବାରୁ ବାତ୍ୟାର ପ୍ରକୋପରେ ଜଙ୍ଗଲ ଧ୍ୱଂସ ହେବା ସହଜସାଧ ହୁଏ ନାହିଁ। ପୁଣି ପାଣି କାଦୁଅରେ ଏହି ଗଛ ସୃଷ୍ଟି ହେଉଥିବାରୁ ଜଳାନୁବନ୍ଧତା ଯୋଗୁ ଗଛ ମରେ ନାହିଁ। ଜଙ୍ଗଲ ଏପରି ଘଞ୍ଚ ହୁଏ, ମଣିଷ ପଶିବା ମଧ କଷ୍ଟକର ହୁଏ। ତେଣୁ ସମୁଦ୍ରର ଉତ୍ତାଳ ତରଙ୍ଗ ବା ଜୁଆରକୁ ରୋକିବା ପାଇଁ ଘନ ଜଙ୍ଗଲ ସୃଷ୍ଟି ହେଉଛି ଏକମାତ୍ର ଉପାୟ। ଏହି ଜଙ୍ଗଲ ଦ୍ୱାରା ବାଧାପ୍ରାପ୍ତ ଜୁଆର ଜନବସତି ଆଡ଼େ ଯେତିକି ଦୂର ଆସେ, ସେଥିରେ ତାର ବେଗ ବହୁ ପରିମାଣରେ ହ୍ରାସ ପାଏ। ୧୯୭୧ ମସିହା ବାତ୍ୟାରେ ଦେଖାଯାଇଛି, ୧୮୦ କି.ମି. ବେଗରେ ପବନ ବହି ୧୦/୧୨ ଫୁଟ ଉଚ୍ଚରେ ସମୁଦ୍ର ଜୁଆର ମାଡ଼ି ଆସିଥିଲେ ହେଁ, ବହୁ ଅଞ୍ଚଳରେ ସେତେବେଳେ ଘନଜଙ୍ଗଲ ଥିବାରୁ ସେହି ଅଞ୍ଚଳରେ ବିଶେଷ କ୍ଷତି ହୋଇ ନ ଥିଲା, ମାତ୍ର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଓ ସାତଭାୟା ଅଞ୍ଚଳରେ ଏହି ଜଙ୍ଗଲ ନ ଥିବାରୁ ବହୁଲୋକ ଓ ପଶୁପକ୍ଷୀ ମରିବା ସହିତ ଶହ ଶହ ଗ୍ରାମ ଛାରଖାର ହୋଇଯାଇଥିଲା।

ସ୍ୱାଧୀନତା ପୂର୍ବରୁ ଘଞ୍ଚ ବନ ଜଙ୍ଗଲ ଥିବାରୁ ଉପକୂଳ ଅଞ୍ଚଳର ଲୋକମାନେ ଜଙ୍ଗଲ ଅଧିକାରୀଙ୍କ ନିକଟରେ ପାଉଣା ଦାଖଲ କରି ଜାଳେଣୀ କାଠ, ଚାଷ ଓ ଗୃହ ନିର୍ମାଣ ପାଇଁ ଉପକରଣ ସଂଗ୍ରହ କରୁଥିଲେ। ଗଉଡ଼ମାନେ ଜଙ୍ଗଲରେ ଗାଈ-ମଇଁଷିଙ୍କୁ ଗୋଠକରି ସେମାନଙ୍କୁ ବନିଗଛର ପତ୍ର ଖାଇବାକୁ ଦେଉଥିଲେ। ବନିଗଛର ପତ୍ର ଖାଇଲେ ଘାସ ଅପେକ୍ଷା ଗାଈ- ମଇଁଷି ଅଧିକ କ୍ଷୀର ଦେଉଥିବାରୁ, ସେତେବେଳେ ଉପକୂଳ ଅଞ୍ଚଳରେ ପ୍ରଚୁର କ୍ଷୀର ଉତ୍ପନ୍ନ ହେଉଥିଲା। ଲୁଣା ଜଙ୍ଗଲକୁ ଧ୍ୱଂସ କରିଦେବା ଫଳରେ ପରିସ୍ଥିତି ଏପରି ହୋଇଛି, ଲୋକଙ୍କୁ ଜାଳେଣୀ କାଠ, ଚାଷ ଓ ଘରତିଆରି ସରଞ୍ଜାମ ମିଳୁନାହିଁ । ନିଜ ବାଡ଼ିବଗିଚାରେ ଯେଉଁ ଗଛ ଥିଲା, ତାହା ମଧ୍ୟ ଏବେ ଆଉ ନାହିଁ । ପାଖରେ ଚାଉଳ ଅଛି, ମାତ୍ର ରାନ୍ଧିବାକୁ ଜାଳ ନାହିଁ। ପୂର୍ବର ଗାଈ- ମଇଁଷିଙ୍କ ଗୋଠ ଓ ପ୍ରଚୁର କ୍ଷୀର ଉତ୍ପାଦନ ଏବେ ଆଉ ନାହିଁ। ବହୁ ଲୋକଙ୍କର ଜୀବିକା ବୁଡ଼ିଛି। ସେତେବେଳେ ବନିଗଛର ପତ୍ର ଖାଇବା ଦ୍ୱାରା ଗାଈ-ମଇଁଷିଙ୍କ କ୍ଷୀର ଏତେ ଚିକ୍କଣ ହେଉଥିଲା ଯେ, ଏବେ ଯେଉଁମାନେ ବଞ୍ଚିଛନ୍ତି, ସେମାନେ ସେଗୁଡ଼ିକର ସ୍ୱାଦକୁ ଭୁଲି ପାରୁନାହାନ୍ତି। ଅନେକ ସ୍ଥାନରେ ବ୍ୟାପକ ମୃତ୍ତିକା କ୍ଷୟ ଘଟୁଛି । କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକର ସାତଭାୟା ଅଞ୍ଚଳରେ ମୃତ୍ତିକା କ୍ଷୟ ଯୋଗୁ ଅନେକ ଗ୍ରାମ ସମୁଦ୍ରରେ ମିଶିବାକୁ ବସିଲାଣି । କେତେକ ସ୍ଥାନରେ ସମୁଦ୍ର ଖାଇ ସ୍ଥଳଭାଗର ବହୁ ସ୍ଥାନ ପର୍ଯ୍ୟନ୍ତ ମାଡ଼ି ଆସିଲାଣି। ଅନେକ ସମୟରେ ବିଶେଷତଃ, ଅମାବାସ୍ୟା ଓ ପୂର୍ଣ୍ଣମୀ ତିଥିରେ ସମୁଦ୍ରର ଜୁଆର ମାଡ଼ିଆସି ଚାଷ ଜମିଗୁଡ଼ିକୁ ଲୁଣି କରିଦେଉଛି । ଜଙ୍ଗଲ ନ ଥିବାରୁ ବାୟୁ ପ୍ରଦୂଷଣ ହେଉଛି। ଅଗ୍ନି କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷା ପରେ ପ୍ରଖ୍ୟାତ ବୈଜ୍ଞାନିକ ଡ଼ଃ. ଏ.ପି.ଜେ. ଅବଦୁଲ କାଲାମଙ୍କୁ ଯେତେବେଳେ ବାଲେଶ୍ୱରରେ ନାଗରିକ ସମ୍ବର୍ଦ୍ଧନା ଦିଆଗଲା, ତାହାର ଉତ୍ତରରେ ସେ କହିଥିଲେ , ଅଗ୍ନିର ପ୍ରତ୍ୟେକ ପରୀକ୍ଷଣଜନିତ ପ୍ରଦୂଷଣ ପାଇଁ ଅନ୍ୟୁନ ୧୦ ଲକ୍ଷ ବୃକ୍ଷ ରୋପଣ ଆବଶ୍ୟକ, ମାତ୍ର ଏହା ହୋଇଛି କି ? ତେଣୁ ଉପକୂଳ ଅଞ୍ଚଳରେ ବର୍ତ୍ତମାନ ପୂର୍ବପରି ଲୁଣା ଜଙ୍ଗଲ ସୃଷ୍ଟି ଏକାନ୍ତ ଆବଶ୍ୟକ। ଏହି ଜଙ୍ଗଲର ବନି ଓ ହେନ୍ତାଳ ଗଛର ଦୁଇଟି ଉପାଦେୟତା ହେଲା , ଏଗୁଡ଼ିକ ବୁଦା ଆକାରରେ ବଢ଼େ, ଘଞ୍ଚ ହୁଏ ଓ ପବନରେ ଭାଙ୍ଗି ନ ଯାଇ କେବଳ ବଙ୍କେଇ ଯାଏ ଓ ପବନ ପରେ ପୂର୍ବପରି ଠିଆ ହୋଇଥାଏ। ଏବେ ସମୁଦ୍ର କୂଳେ କୂଳେ ଜଙ୍ଗଲ ସୃଷ୍ଟି ପାଇଁ ଝାଉଁ ଚାରା ରୋପଣ କରାଯାଉଛି, ମାତ୍ର ଝାଉଁଗଛ ପ୍ରବଳ ପବନରେ ଭାଙ୍ଗିପଡ଼େ ଓ ସାମୁଦ୍ରିକ ଜୁଆର ବେଗକୁ ବନି ଓ ହେନ୍ତାଳ ଭଳି ପ୍ରତିରୋଧ କରିପାରେ ନାହିଁ। ତେଣୁ ଝାଉଁ ପରିବର୍ତ୍ତେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ ହେବା ଉଚିତ୍। ଏହାର ଉପାଦେୟତା ଆବହମାନକାଳରୁ ପରୀକ୍ଷିତ ହୋଇଆସିଛି। ଆମର ୪୮୦କି.ମି. ଦୈର୍ଘ୍ୟ ବିଶିଷ୍ଟ ସମୁଦ୍ର କୂଳ ଅଞ୍ଚଳରେ ଅନ୍ତତଃ ପକ୍ଷେ ଏକ କିଲୋମିଟର ଓସାରରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ନିହାତି ଆବଶ୍ୟକ। ସ୍ଥାନୀୟ ଜନସାଧାରଣ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସରକାରୀ ଜାଗାରେ ଜଙ୍ଗଲ ସୃଷ୍ଟିପାଇଁ ଉତ୍ସାହିତ କରିବା ଦରକାର। ଏହାଦ୍ୱାରା, ସେମାନେ ଜଙ୍ଗଲ ସୃଷ୍ଟି କରିବା ସହିତ ରକ୍ଷଣାବେକ୍ଷଣ କରିବେ ଓ ପ୍ରତିବଦଳରେ ଜାଳେଣୀ କାଠ, ଚାଷ ଓ ଗୃହନିର୍ମାଣ ଉପକରଣ ଇତ୍ୟାଦି ପାଇପାରିବେ। ମହାବାତ୍ୟା ହେବାର ବହୁବର୍ଷ ବିତିବାକୁ ବସିଲାଣି, ମାତ୍ର ସମୁଦ୍ର କୂଳେ କୂଳେ ଜଙ୍ଗଲ ସୃଷ୍ଟି ପାଇଁ (ଯାହାକି ସର୍ବାଦୌ ଆବଶ୍ୟକ) ଆଖିଦୃଶିଆ କାମ ହୋଇ ନାହିଁ। ତେଣୁ ଆଉ କାଳ ବିଳମ୍ବ ନ କରି ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଯଥାଶୀଘ୍ର ଉଦ୍ୟମ ହେବା ଉଚିତ୍ । ନ ହେଲେ, ପୁଣି ବାତ୍ୟା ଆସିଲେ ଆମର ଅବସ୍ଥା ପୂର୍ବ ଅପେକ୍ଷା ଆହୁରି ଦୟନୀୟ ହେବ, ଏଥିରେ ସନ୍ଦେହ ନାହିଁ।

# ମାନବିକ ଅଧିକାର ଆନ୍ଦୋଳନର ଇତିହାସ


**ଉମାଶଙ୍କର ପ୍ରସାଦ**
**ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା**
**ମୋ- ୬୩୭୦୬ ୭୫୫୬୨**

ସାଂପ୍ରତିକ ବିଶ୍ୱରେ ମାନବିକ ଅଧିକାର ହେଉଛି ଏକ ବହୁଚର୍ଚ୍ଚିତ ପ୍ରସଙ୍ଗ। ଏହି ପ୍ରସଙ୍ଗଟିକୁ ସାମାଜିକ ଏବଂ ରାଜନୈତିକ—ଉଭୟ ପର୍ଯ୍ୟାୟଭୁକ୍ତ କରାଯାଇପାରେ। ମାନବିକ ଅଧିକାରକୁ ସାମ୍ବିଧାନିକ ମର୍ଯ୍ୟାଦା ଦେବାକୁ ବିଭିନ୍ନ ଦେଶରେ ଦାବି କରାଯିବା ସହ ଜାତିସଂଘ ସମେତ ପୃଥିବୀର ବିଭିନ୍ନ ଗଣତାନ୍ତ୍ରିକ ରାଷ୍ଟ୍ର ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ୧୭୬୨ ମସିହାରେ ଫ୍ରେଞ୍ଚ ଦାର୍ଶନିକ ଜିନ ଜାକୁସ କହିଥିଲେ "Man is born free, and every where he is in chain"ଅର୍ଥାତ ମନୁଷ୍ୟ ସ୍ୱାଧୀନ ଭାବରେ ଜନ୍ମ ହୋଇଥିଲେ ମଧ କେତେଗୁଡିଏ ରାଷ୍ଟ୍ରୀୟ ଶୃଙ୍ଖଳାର ଅଧୀନ ହେବାକୁ ବାଧ। ତେଣୁ ସ୍ୱାଧୀନତା ଓ ମାନବିକ ଅଧିକାର ଏକାକଥା ନୁହେଁ, ପ୍ରକୃତପକ୍ଷେ ରାଷ୍ଟ୍ର ଅନ୍ତର୍ଗତ ଜଣେ ସର୍ବନିମ୍ନ ନାଗରିକର ବ୍ୟକ୍ତିତ୍ୱର ସ୍ୱୀକୃତି ଓ ତା'ର ମର୍ଯ୍ୟାଦା ସୁରକ୍ଷା ହେଉଛି ପ୍ରକୃତ ମାନବିକ ଅଧିକାର। ଅତୀତର ରାଜତନ୍ତ୍ର ବା ସାମନ୍ତବାଦୀ ଶାସନକାଳରେ ବ୍ୟକ୍ତିକୁ କୌଣସି ମୂଲ୍ୟ ବା ମର୍ଯ୍ୟାଦା ଦିଆଯାଉ ନଥିଲା। ରାଜାର ସ୍ୱାର୍ଥ ପାଇଁ ହିଁ ପ୍ରଜାର ଜନ୍ମ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଆମେ ଭୁଲିଯିବାର ନୁହେଁ ଯେ ବ୍ୟକ୍ତି ହେଉଛି ରାଷ୍ଟ୍ରର ସର୍ବଶ୍ରେଷ୍ଠ ସମ୍ପତ୍ତି। ଏ ସଂସାରରେ ତଥା ସମାଜରେ ପ୍ରତ୍ୟେକ ବ୍ୟକ୍ତିର ବଂଚିବାର ଅଧିକାର ଅଛି। ସେ ନିଜର ଆତ୍ମ ସମ୍ମାନର ସହ ବଂଚିବାକୁ ଚାହେଁ। ପୃଥିବୀର ବିଭିନ୍ନ ଦେଶରେ ମାନବିକତାକୁ ଉଲ୍ଲଙ୍ଘନ କରାଯାଉଥିବାରୁ ଓ ନାଗରିକ ମାନଙ୍କର ମୌଳିକ ଅଧିକାରକୁ ଖର୍ବ କରାଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ମାନବିକ ପ୍ରତିଷ୍ଠା ଦିଗରେ ବସ୍ତୁତଃ ଉନବିଂଶ ଶତାବ୍ଦୀରେ ସଚେତନତା ପ୍ରକାଶ ପାଇଥିଲା। କିନ୍ତୁ ଦ୍ୱିତୀୟ ମହାଯୁଦ୍ଧ ପରେ ହିଁ ମାନବିକ ଅଧିକାର ସମ୍ପର୍କରେ ଗୁରୁତର ଭାବରେ ଚିନ୍ତା କରାଯାଇଥିଲା। ୧୯୪୫ ମସିହାରେ ମିଳିତ ଜାତିସଂଘ ପ୍ରତିଷ୍ଠା ବେଳେ ଏହାର ପ୍ରସ୍ତାବନା (Preamble) ରେ ପ୍ରତ୍ୟେକ ନାଗରିକଙ୍କୁ ସମସ୍ତ ପ୍ରକାର ସ୍ୱାକ୍ଷରତା, ସମାନତା ଏବଂ ନ୍ୟାୟ ପ୍ରଦାନ କରିବା ପାଇଁ ସଂକଳ୍ପ ଘୋଷଣା କରା ଯାଇଥିଲା। କେବଳ ସେତିକି ନୁହେଁ , ସମ୍ବିଧାନର ବିଭିନ୍ନ ଧାରାରେ ନାଗରିକର ଅଧିକାର , ବ୍ୟକ୍ତି ମର୍ଯ୍ୟାଦା, ବ୍ୟକ୍ତିର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ଜାତିସଂଘ ଅଙ୍ଗୀକାରବଦ୍ଧ ବୋଲି ଉଲ୍ଲେଖ କରିଥିଲେ। ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ଜାତିସଂଘର ସାଧାରଣ ଅଧିବେଶନରେ "ଇଉନିଭର୍ସିଆଲ ଡିକ୍ଲାରେସନ ଅଫ ହିଉମାନ ରାଇଟ୍‌ସ" ନାମରେ ଏକ ସାର୍ବଜନୀନ ଘୋଷଣାନାମା ଅନୁମୋଦିତ ହୋଇଥିଲା ଏବଂ ଏଥିରେ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିର ମାନବିକ ଅଧିକାର ଓ ମୌଳିକ ସ୍ୱାଧୀନତାକୁ ସାର୍ବଜନୀନ ମାନ୍ୟତା ପ୍ରଦାନ କରାଯାଇଥିଲା। ଏହି ଘୋଷଣା ନାମା ସାମାଜିକ, ରାଜନୀତିକ ଓ ଧର୍ମୀୟ କ୍ଷେତ୍ରରେ ଥିବା ଗତାନୁଗତିକ ସ୍ୱାତନ୍ତ୍ର୍ୟ ସମେତ ଆଧୁନିକ ଜଗତରେ ଗୁରୁତ୍ୱ ଲାଭ କରିଥିବା ସାମାଜିକ, ଆର୍ଥିକ ଏବଂ ପାରିପାର୍ଶ୍ୱିକ ଅଧିକାର ଗୁଡିକ ସମ୍ପର୍କରେ ସୂଚନା ପ୍ରଦତ୍ତ ଥିଲା। ପ୍ରତ୍ୟେକ ବ୍ୟକ୍ତି ତାର ଅନ୍ତର୍ନିହିତ ଗୁଣାବଳୀ ଦ୍ୱାରା ନିଜକୁ ବିକଶିତ କରାଇବା, ନିଜର ସାମାଜିକ ସ୍ୱୀକୃତି ଲାଭ କରିବା ଏବଂ ତାକୁ ପୂର୍ଣ୍ଣାଙ୍ଗ ଏବଂ ସୁଖୀ ଜୀବନଯାପନ ପାଇଁ ରାଷ୍ଟ୍ର ସମସ୍ତ ସୁଯୋଗ ପ୍ରଦାନ କରିବା ହେଉଛି ମାନବିକ ଅଧିକାର ଘୋଷଣାନାମାର ଅନ୍ତର୍ନିହିତ ସ୍ୱର। ଜାତିସଂଘ ଆହୁରି ପାଦେ ଆଗେଇଯାଇ ଶିଶୁମାନଙ୍କର ଅଧିକାର ନାମରେ ଆଉ ଏକ ଘୋଷଣାନାମା ୧୯୫୯ ମସିହାରେ ପ୍ରକାଶ କରିଥିଲା। ମାନବିକ ଅଧିକାର ସମ୍ପର୍କରେ ବିଭିନ୍ନ ବିଷୟକ ଆହୁରି ଅନେକ ଗୁଡିଏ ଘୋଷଣାନାମା ପ୍ରକାଶ ପାଇଛି। ସେଗୁଡିକ ହେଉଛି ଉପନିବେଶୀୟ ରାଷ୍ଟ୍ରମାନଙ୍କର ନାଗରିକମାନଙ୍କୁ ସ୍ୱାଧୀନତା ପ୍ରଦାନ (୧୯୬୦), ଜାତିଗତ ବୈଷମ୍ୟ ଦୂରୀକରଣ (୧୯୬୩), ନାରୀମାନଙ୍କୁ ମର୍ଯ୍ୟାଦା ପ୍ରଦାନ (୧୯୬୭), ବ୍ୟକ୍ତିପ୍ରତି ସମସ୍ତ ପ୍ରକାର ଅମାନବୀୟ ନିର୍ଯାତନା ଦୂରୀକରଣ (୧୯୭୫), ଧର୍ମକ୍ଷେତ୍ରରେ ଅସହନଶୀଳତା ପ୍ରଦର୍ଶନ ନିରାକରଣ (୧୯୮୧) ଏବଂ ଶାନ୍ତି ପାଇଁ ବ୍ୟକ୍ତିର ଅଧିକାର (୧୯୮୪) ଇତ୍ୟାଦି। ମାନବିକ ଅଧିକାର ସମ୍ପର୍କରେ ଏଗୁଡିକ ଯଦିଓ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ସଦୃଶ ତଥାପି ଆଜିର ସମାଜରେ, ରାଜନୀତିରେ ଓ ପ୍ରଶାସନିକ କ୍ଷେତ୍ରରେ ଏଗୁଡିକ କେତେ ପାଳନ କରାଯାଉଛି ତାହା ମୋର ସୁଧୀ ପାଠକେ ବିଚାର କରିବେ। ମାନବିକ ଅଧିକାର ଆନ୍ଦୋଳନର ଇତିହାସରେ ହେଲିସିଙ୍କି ସମ୍ମିଳନୀ ଉଲ୍ଲେଖ ଯୋଗ୍ୟ। ଫିନ୍ ଲ୍ୟାଣ୍ଡର ହେଲିସିଙ୍କି ଠାରେ ୧୯୭୩ ମସିହାରେ ଇଉରୋପୀୟ ରାଷ୍ଟ୍ରମାନେ ଏକତ୍ର ହୋଇ ନିରାପତ୍ତା ଓ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏଇଠାରେ ହିଁ 'ହେଲିସିଙ୍କି ଫାଇନାଲ ଆକ୍ଟ' ନାମରେ ମାନବିକ ଅଧିକାର ସମ୍ପର୍କରେ ଏକ ଦଲିଲ ପ୍ରସ୍ତୁତ କରାଯାଇଥିଲା। ଅଦ୍ୟାବଧି ଆଫ୍ରିକା, ଏସିଆ, ଇଉରୋପ ଏବଂ ଆମେରିକା ସର୍ବତ୍ର ଏହି କାର୍ଯ୍ୟକ୍ରମ ଜାରି ରହିଛି। ୧୯୯୩ ମସିହାରୁ ଜାତିସଂଘ ମାନବିକ ଅଧିକାର ସୁରକ୍ଷା ପାଇଁ ଗୋଟିଏ ୫୩ ଜଣ ସଦସ୍ୟ ବିଶିଷ୍ଟ କମିଶନର ପଦ ସୃଷ୍ଟି କରିଛି। ଭାରତରେ ମଧ ଠିକ୍ ସେଇ ଢାଞ୍ଚାରେ ୧୯୯୧ ମସିହାରୁ ଜାତୀୟ ମାନବିକ ଅଧିକାର କମିଶନ ଗଠିତ ହୋଇଛି। ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରଙ୍ଗନାଥ ମିଶ୍ର କିଛିଦିନ ଏହି କମିଶନର ଅଧକ୍ଷ ଥିଲେ। ମାନବିକ ଅଧିକାର ସମ୍ପର୍କରେ ବିଚାର ଓ ପରାମର୍ଶ ସହିତ ମାନବିକ ଅଧିକାର ଉଲ୍ଲଙ୍ଘନ ସମ୍ପର୍କୀୟ ଅଭିଯୋଗର ଏମାନେ ତଦନ୍ତ ଓ ସମୀକ୍ଷା କରନ୍ତି। ସ୍ୱାଧୀନ ଭାରତର ସମ୍ବିଧାନରେ ନାଗରିକମାନଙ୍କୁ ଯେଉଁ ୭ଟି ମୌଳିକ ଅଧିକାର ପ୍ରଦାନ କରାଯାଇଛି, ସେଗୁଡିକ ୧୯୪୮ ମସିହା ଡିସେମ୍ବର ୧୦ ତାରିଖର ଘୋଷଣାନାମାର ଅନୁରୂପ। ଏଠାରେ ଜାତି, ଧର୍ମ, ବର୍ଣ୍ଣ, ଓ ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ସମାନ ପ୍ରକାରର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଅଧିକାର ମଞ୍ଜୁର କରାଯାଇଛି। ଜଣେ ଦରିଦ୍ର ଭୂମିହୀନ ଶ୍ରମିକ ମଧ ଆଜି ନିଜର ଆତ୍ମମର୍ଯ୍ୟାଦା ତଥା ମୌଳିକ ଅଧିକାର ବିଷୟରେ ସଚେତନ ଅଟେ। ଜେଲ ହାଜତରେ କଏଦୀ ମାନଙ୍କ ପ୍ରତି କି ପ୍ରକାର ବ୍ୟବହାର କରାଯାଉଛି, ସେ ସମ୍ପର୍କରେ ମାନବିକ ଅଧିକାର କମିଶନ ତଦନ୍ତ କରିବାର ପ୍ରକ୍ରିୟା ମଧ ଅଛି। ଭାରତରେ ପଞ୍ଜାବ, କାଶ୍ମୀର, ଆସାମ, ଓଡିଶା ଝାଡଖଣ୍ଡ ପ୍ରଭୃତି ରାଜ୍ୟ ସନ୍ତ୍ରାସବାଦୀ ମାନଙ୍କ ଦ୍ୱାରା କବଳିତ। ଏମାନେ ବହୁ ନିରୀହ ଲୋକଙ୍କୁ ହତ୍ୟା କରି ସୁଦ୍ଧା କାଶ୍ମୀରରେ ମାନବିକ ଅଧିକାର ଉଲଙ୍ଘନ କରାଯାଉଛି ବୋଲି ଆପତ୍ତି କରୁଛନ୍ତି। ମାନବିକ ଅଧିକାର ସୁରକ୍ଷା ଦିଗରେ ଭାରତ ସରକାରଙ୍କ ସମେତ ବହୁ ବେସରକାରୀ ଅନୁଷ୍ଠାନ ମଧ କାର୍ଯ୍ୟରତ। ଅନୁଷ୍ଠାନ ଗୁଡିକ ଅସଙ୍ଗଠିତ ଶ୍ରମିକ ମାନଙ୍କର ସମସ୍ୟା, ରାଜନୈତି ବାଛବିଚାର, ପୁଲିସ ହାଜତରେ ଥାଇ ଦୋଷୀ ବା ବିଚାରାଧୀନ କଏଦୀଙ୍କ ମୃତ୍ୟୁ, ହରିଜନ ଓ ତଫସିଲଭୁକ୍ତ ଜାତିର ଲୋକମାନଙ୍କ ଉପରେ ଆକ୍ରମଣ, ଜାତିଗତ ଓ ଧର୍ମଗତ ସଂଘର୍ଷ କୁନେଇ ସ୍ୱର ଉତ୍ତୋଳନ କରୁଛନ୍ତି। ଆଇନ କାନୁନର ସମସ୍ତ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ମାନବିକ ଅଧିକାର ଯେ ସୁରକ୍ଷିତ ହୋଇପାରିଛି, ସେ କଥା କହିହେବ ନାହିଁ। ଶୋଷଣ, କଷଣ, ଅନ୍ୟାୟ ଅବିଚାର, କ୍ଷୁଧା, ଅନାହାର ବେକାରୀ, ଅଶିକ୍ଷା, ନାରୀ ନିର୍ଯାତନା, ଶିଶୁ ନିର୍ଯାତନା ଇତ୍ୟାଦି ତା'ର କାୟା ବିସ୍ତାର କରି ଚାଲିଛି। ରାଜତନ୍ତ୍ରର ବିଲୋପ ଘଟିଥିଲେ ମଧ ଗଣତାନ୍ତ୍ରିକ ଏକଛତ୍ରବାଦ ଦେଶକୁ ଏବେ ଗ୍ରାସ କରିଛି। ନିରୀହ ଲୋକଟିଏ ସତ କହିବାକୁ ସାହସ କରିପାରୁନାହିଁ। ଶେଷରେ ଏତିକି କହିବି ଯେ ପର୍ଯ୍ୟନ୍ତ ମଣିଷ ପ୍ରତି ମଣିଷର ସମବେଦନା ନରହିବ, ରାଜନୈତିକ ନେତୃବୃନ୍ଦ ବ୍ୟକ୍ତିର ଗଣତାନ୍ତ୍ରିକ ଅଧିକାର ପ୍ରତି ସମ୍ମାନ ନଜଣାଇବେ ସେ ପର୍ଯ୍ୟନ୍ତ ମାନବିକ ଅଧିକାର ପ୍ରତିଷ୍ଠା ହୋଇପାରିବ ନାହିଁ।

# ଉପତ୍ୟକା ପ୍ରତି ସଜାଗ ରୁହ


**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**
**ଗଙ୍ଗୋତ୍ରୀ ନଗର ଶରୋଡ ନଂ-୩, ଶିଶୁପାଳଗଡ**
**ମୋ-୪୩୭୯୯୪୩୭୯**

ଗତ ସପ୍ତାହରେ ଜାମ୍ମୁ ଅଞ୍ଚଳରେ ଗୋଟିକ ପରେ ଗୋଟିଏ ଚାରୋଟି ସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା କେବଳ ଦିଲ୍ଲୀ ଶ୍ରୀନଗରର ଶୀର୍ଷ ନେତୃତ୍ୱଙ୍କ ପାଇଁ ଉଦ୍‌ବେଗର କାରଣ ହୋଇନାହିଁ। ନିରୀହ ଜନତାଙ୍କ ପାଇଁ ପୁଣି ଆତଙ୍କର କାରଣ ହୋଇଛି। କହିବା ବାହୁଲ୍ୟ ଯେ, ୯୦ ଦଶକରେ ଜାମ୍ମୁ ଅଞ୍ଚଳ ଆତଙ୍କବାଦର ହଟ୍‌ବେଡରେ ପରିଣତ ହୋଇଥିଲାବେଳେ ୨୦୧୯ରେ ୩୭୦ଧାରା ଉଚ୍ଛେଦ ପରେ ଗତ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆତଙ୍କବାଦର ଉପସ୍ଥିତିସ୍ଥଳ ହୋଇଛି, ଯାହାକି ସୁରକ୍ଷାବଳ ଏବଂ ଆତଙ୍କୀଙ୍କ ମଧ୍ୟରେ ଲଗାତାର ଏନକାଉଣ୍ଟର ଘଟଣା ସ୍ପଷ୍ଟ ସୂଚନା ଦେଇଛି। ଗତ ସପ୍ତାହରେ ରିୟାସି, କାଠୁଆ, ଡୋଡା ଜିଲ୍ଲାରେ ୯ତାରିଖଠାରୁ ଗୋଟିକ ପରେ ଗୋଟିଏ ଘଟଣାରେ ଆତଙ୍କବାଦୀ ସାଧାରଣ ନାଗରିକ ଓ ସୁରକ୍ଷା ବାହିନୀକୁ ନିଶାଣ କରିଥିଲେ। ତୀର୍ଥଯାତ୍ରୀମାନଙ୍କୁ ଧରି ଗୋଟିଏ ବସ ଯାଉଥିବାବେଳେ ରିୟାସୀରେ ଆତଙ୍କବାଦ ଆଖିବୁଜା ଗୁଳିରେ ୯ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ୪୨ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏହା ଦୁଇ ଦିନ ପରେ କାଠୁଆରେ ଗୁଳି ବିନିମୟରେ ଜଣେ ଯବାନ ନିହତ ହେବା ସହ ୬ଜଣ ସୁରକ୍ଷାକର୍ମୀ ଓ ଜଣେ ସାଧାରଣ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଘଟଣାରେ ୨ ଆତଙ୍କବାଦୀ ନିପାତ ହୋଇଥିଲେ। ଏହାର ଦିନକ ପରେ ଡୋଡା ଜିଲ୍ଲାର ଚାଟାରଗଳାର ଥିବା ୪ରାଷ୍ଟ୍ରୀୟ ରାଇଫଲସର ଚେକପୋଷ୍ଟ ଉପରେ ଆତଙ୍କବାଦୀ ଆଖିବୁଜା ଗୁଳି ଚଳାଇଥିବାବେଳେ ଭାଦେରୱାହ-ପଠାଣକୋଟ ରାସ୍ତାରେ ଅନୁରୂପ ଗୁଳି ଚଳାଇଥିଲେ। ସେହିଦିନ କୋଟାଟପ ଅଂଚଳରେ ଅନ୍ୟ ଏକ ଆତଙ୍କବାଦୀ ଗୋଷ୍ଠୀ ପୋଲିସ ଟିମ୍ ଉପରକୁ ଗୁଳି ଚଳାଇବାକୁ ଜଣେ ହେଡ କନେଷ୍ଟବଳ ଗୁରୁତର ଭାବେ ଆହତ ହୋଇଥିଲେ। ଏହା ନିସନ୍ଦେହ ଯେ, ଯେତେବେଳେ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନ ଏବଂ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି ଏବଂ ବାର୍ଷିକ ଅମରନାଥ ଯାତ୍ରା ଆରମ୍ଭ ହେବାକୁ ଯାଉଥିବାବେଳେ ଆତଙ୍କବାଦୀ ପୁଣି ଜାମ୍ମୁରେ ସକ୍ରୀୟ ହେବା ଉଭୟ ସରକାର ଓ ସୁରକ୍ଷାବଳୟ ପ୍ରତି ଚ୍ୟାଲେଞ୍ଜ ସଦୃଶ ହୋଇଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଦୀର୍ଘ ଏକ ଦଶନ୍ଧି ପରେ ଏବଂ ଜାମ୍ମୁ-କାଶ୍ମୀର କେନ୍ଦ୍ରଶାସିତ ଅଂଚଳରେ ପରିଣତ ହେବା ପରେ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ଲାଗି ଭୋଟ ହେବାକୁ ଯାଉଛି, ତା' ପୂର୍ବରୁ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ନିଶ୍ଚିତ ଭାବେ ସରକାର, ପ୍ରଶାସକ ଓ ସୁରକ୍ଷା ପାଇଁ ଏକ ଚ୍ୟାଲେଞ୍ଜଏଥିରେ ସନ୍ଦେହ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗତ ସାଧାରଣରେ କେନ୍ଦ୍ରଶାସିତ ଅଂଚଳରେ ଲୋକସଭା ଆସନଗୁଡିକରେ ଆଶାତୀତ ମତଦାନ ହାର ବୃଦ୍ଧି, ଜନସାଧାରଣ ଯେ, ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଆସ୍ଥା ପ୍ରକଟ କରିବା ସହ ଆଶାତୀତ ଆଗ୍ରହୀ ଥିବା ପ୍ରମାଣିକ କରିଛି, ଏହା ସ୍ୱୀକାର କରିବାକୁ ହେବ। କୌଣସି ପରିସ୍ଥିତିରେ ଆତଙ୍କବାଦୀଙ୍କ ଆକ୍ରମଣ ଦ୍ୱାରା ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କୁ ହତୋତ୍ସାହିତ ହେବା ଲାଗି ଦେବା ଉଚିତ ନୁହେଁ। କେବଳ ଏତିକି ନୁହେଁ କେନ୍ଦ୍ରଶାସିତ ଅଞ୍ଚଳରେ ଶାନ୍ତି ଓ ସଦ୍‌ଭାବକୁ ପୁନର୍ବାର ବିଶୃଙ୍ଖଳିତ କରିବା ପାଇଁ ସୁଯୋଗ ଦିଆଯିବା ଉଚିତ ନୁହେଁ। ଏଥିଲାଗି ଉଭୟ ସରକାର, ପ୍ରଶାସକ ଏବଂ ସୁରକ୍ଷା ବାହିନୀ ସଜାଗ ଓ ସତର୍କ ରହିବା ସବୁଠାରୁ ବଡ ଆହ୍ୱାନ, ଏଥିରେ ସନ୍ଦେହ ନାହିଁ। ଅନ୍ୟପକ୍ଷରେ କେନ୍ଦ୍ରଶାସିତ ଅଞ୍ଚଳର ଲୋକସଭା ନିର୍ବାଚନ ଫଳାଫଳ ଯେଉଁ ସଂକେତ ପ୍ରଦାନ କରି ତାହା ମଧ ଅତ୍ୟନ୍ତ ଚିନ୍ତାଜନକ। ଦୀର୍ଘ ବର୍ଷ ଧରି ଜାମ୍ମୁ-କାଶ୍ମୀର ରାଜନୀତିରେ ସକ୍ରୀୟ ଥିବା ଜଣାଶୁଣା ନେତା ନିର୍ବାଚନରେ ପରାଜିତ ହେବା ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ଅଭିଯୋଗରେ ଆତଙ୍କବାଦ ନିରୋଧ ଆଇନବଳରେ ଗିରଫ ହୋଇ ଜେଲରେ ଥିବା ନେତା ବିପୁଳ ଭୋଟରେ ବିଜୟୀ ହେବା ଭୋଟଦାତାଙ୍କ ମତିଗତି ନେଇ ଭିନ୍ନ ସଂକେତ ପ୍ରଦାନ କରୁଛି, ବୋଧହୁଏ ଏଥିରେ କେହି ଅସହମତ ହେବେ ନାହିଁ। ଉଲ୍ଲେଖ କରାଯାଇପାରେ ନିକଟ ଅତୀତରେ ଏଫଏଟିଏଫ ପାକିସ୍ଥାନ ଉପରେ ଆତଙ୍କବାଦକୁ ପ୍ରୋତ୍ସାହନ ନେଇ କଟକଣା ଜାରି କରିବା ପରେ ଆନ୍ତର୍ଜାତିକ ତଦାରଖ, ଯାଞ୍ଚକୁ ଏଡାଇବା ପାଇଁ ଲସ୍କର-ଇ-ତୋଇବା(ଏଲିଟି) ପରି ଆତଙ୍କବାଦୀ ସଂଗଠନ ସଂଗଠନଗୁଡିକ ଏବେ ଜାମ୍ମୁ-କାଶ୍ମୀରରେ ଛାୟା ଯୁଦ୍ଧ ଆଦରି ନେଇଛନ୍ତି। ରିୟାସୀ ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ରେଜିଷ୍ଟାନସ ଫଣ୍ଟ(ଟିଆରଏଫ) ନିଜକୁ ଦାୟୀ କରିଛି। ୨୦୨୨ରେ ନିହତ ସଂଖ୍ୟାଧିକ ଆତଙ୍କବାଦୀ ଏଲିଟି ଓ ଟିଆରଏଫ ଗୋଷ୍ଠୀର ଥିବା ପୋଲିସ ରେକର୍ଡରୁ ଜଣାଯାଇଛି। ଏହା ନିଶ୍ଚିତ ଯେ, ସ୍ଥାନୀୟ ଜନସାଧାରଣଙ୍କ ବିନା କେନ୍ଦ୍ରଶାସିତ ଅଞ୍ଚଳରେ ଆତଙ୍କବାଦୀ ବେଶୀଦିନ ତିଷ୍ଠି ପାରିବେ ନାହିଁ, ଯାହାକି ଲୋକସଭା ନିର୍ବାଚନ ଫଳାଫଳ ସଂକେତ ପ୍ରଦାନ କରିଛି। ଏଥିପ୍ରତି କେନ୍ଦ୍ର ସରକାର ଓ ସୁରକ୍ଷା ବାହିନୀ ସଜାଗ ଓ ସତର୍କ ରହିବା ସହ ଯଥାଶୀଘ୍ର ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ସଙ୍ଗେ ସଙ୍ଗେ ରାଜ୍ୟପାହ୍ୟା ପୁନପ୍ରଦାନ କରିବା ପାଇଁ ପ୍ରୟାସ କରିବା ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ସୁଧାଂଶୁ ଶେଖର ଦ୍ୱିବେଦୀ



# ପଇସା ଗଛ

ବିଟୁର ଗୋଡ଼ ତଳେ ଲାଗୁ ନଥାଏ । ସାଙ୍ଗ ଠାରୁ ପଇସା ଗଛ ବିଷୟରେ ଶୁଣି ମନେ ମନେ କେତେଥର ବାରଣ୍ଡାକୁ ଚକ୍କର ମାରି ସାରିଲାଣି । ବଡ଼ କାମ କରିବାକୁ ହେଲେ ଛୋଟ ଛୋଟ ପ୍ରବ୍ଲେମ ଆସେ । ମନକୁ ଦୃଢ଼ କରି ୧୦-୧୦ ଟଙ୍କାର ୧୦ଟି କଏନ୍‌କୁ ଘର ବଗିଚାରେ ଥିବା ଆମ୍ବ ଗଛ ପାଖରେ ଗର୍ତ୍ତ ଖୋଳି ପୋତିଦେଲା । ତାପରେ ମାଟି ଘୋଡେଇ ହାତ ଯୋଡି ପ୍ରଣାମ କରିବା ସହିତ ପାଣି ଢାଳି ଫେରି ଆସିଲା ।

ନିଜ ରୁମ୍‌ରେ ବସି ଦିନସାରା ଯାହା ଯାହା ଭଲ କାମ କରେ ମନେ ପକାଇଲା । ଜେଜେମାକୁ ଠିକ୍ ସମୟରେ ଔଷଧ ଖୋଇବା । ସକାଳୁ ସକାଳୁ ମୋତି (କୁକୁର)କୁ ବାହାରକୁ ନେଇ ବୁଲେଇବା । ପାରା ଓ ଅନ୍ୟ ଚଢ଼େଇଙ୍କ ପାଇଁ ଛାତରେ ଦାନା ପକେଇବା । ବାହାର ଗେଟ୍ ନିକଟରେ ଥିବା ମାଟି ହାଣ୍ଡି, ମାଟି ଢାଳରେ ଗୋରୁ, କୁକୁରଙ୍କ ପାଇଁ ପାଣି ଭରିବା । ତା'ଉପରେ କେତେ କାମର ଦାୟତ୍ୱ । ପ୍ରତିଦିନ ଏସବୁ କାମ କରିସାରି ଆମ୍ବ ଗଛ ନିକଟକୁ ଯାଇ ହାତ ଯୋଡି କହେ- ମୁଁ ମୋ ଖରାପ କାମକୁ ମଧ୍ୟ ଖୁବ୍‌ଶୀଘ୍ର ଦୂର କରିଦେବି । କିନ୍ତୁ ହେ କୁବେର ଦେବତା ! ମୋ ପଇସା ଗଛକୁ ଶୀଘ୍ର ବଡ଼ କରିଦିଅ ।

ନିୟମ ପାଳନରେ ସେ ଏତେ ନିପୁଣ ଯେ ବର୍ଷା ହେଉଥିଲେ ବି ଛତା ମୁଣ୍ଡେଇ ଟଙ୍କା ପୋତିଥିବା ସ୍ଥାନକୁ ଆସି ପ୍ରଣାମ କରି ପଇସା ଗଛ ଉଠିବାକୁ ଅନୁରୋଧ କରେ ।

ମାସେ ବିତିଗଲା ପଇସା ପୋତିଥିବା ସ୍ଥାନରୁ ଆଦୌ କୁଆଁ ବାହାରୁ ନଥାଏ କି ଗଛ ହେବାର କିଛି ବି ଆଭାସ ଜଣାପଡୁ ନଥାଏ । ବିଟୁର ମନୋବଳ ଭାଙ୍ଗିଗଲା । ଭାବିଲା ସାଙ୍ଗ ତା' ସହିତ ମଜା କରିଛି । ହଠାତ୍ ଦିନେ ତା' ମମ୍ମି ପଚାରିଲା- କିରେ ବିଟୁ ତୋ ପଇସା ଗଛ ଉଠିଲା ନାହିଁ କି ?

ବିଟୁ ପଚାରିଲା- ତୋତେ ଏକଥା କିଏ କହିଲା ?

ଡେଲି ମୁଁ ରୋଷେଇ ଘରୁ ଦେଖୁଛି ତୁ ପଇସା ଗଛ ଉଠିବା ପାଇଁ ଆମ୍ବ ଗଛ ନିକଟକୁ ଯାଇ ପ୍ରାର୍ଥନା କରୁଛୁ । ଆରେ ତୋର ପଇସା କଣ ହେବ ?

ଭାବିଛି ଘର ଆଗରେ ଗୋଟେ ବୃଦ୍ଧାଶ୍ରମ କରିବି ।

କାହିଁକି ?

ଜେଜେମା କେବେ କେବେ ବିଛଣାରେ ସୁ-ସୁ କରିଦେଉଛି । ତୁ ତାକୁ ବୃଦ୍ଧାଶ୍ରମକୁ ପଠାଇ ଦେବାକୁ କହୁଛୁ । ଘର ସମ୍ମୁଖ ବୃଦ୍ଧାଶ୍ରମରେ ରହିଲେ ମୁଁ ଡେଲି ତା' ସହିତ ଦେଖା କରିପାରିବି ।

ବିଟୁର କଥା ଶୁଣି ତା' ମମ୍ମି ଆଶ୍ଚର୍ଯ୍ୟ ହୋଇଗଲେ । ମନେ ମନେ ଭାବିଲେ- ୮ ବର୍ଷର ବିଟୁ ମୁଣ୍ଡରେ ଏମିତି ସଦ୍‌ବୁଦ୍ଧି କିଏ ଭରିଛି ! ନିଜ ଭବିଷ୍ୟତ ବିଷୟରେ ଭାବିବା ମାତ୍ରେ ଆଖିରେ ଲୁହ ଜକେଇ ଆସିଲା । ନିଜକୁ ନିୟନ୍ତ୍ରଣ କରି କହିଲେ- ଯା ଦୁଇଟା ସଫା ବେଡ଼ସିଟ୍ ଜେଜେମା ରୁମ୍‌କୁ ନେଇଆସିବୁ । ଏବେଠାରୁ ମୁଁ ଆଉ ତାଙ୍କୁ କିଛି କହିବିନାହିଁ ।

ବିଟୁ କହିଲା- ତାହେଲେ ତ ପଇସା ଗଛର କିଛି ଆବଶ୍ୟକତା ନାହିଁ ।

ମମ୍ମି ସଜଳ ଆଖିରେ ବିଟୁକୁ କୋଳେଇ ନେଇ କହିଲେ- ନା- ରେ ବାପା ଆମର ପଇସା ଗଛ ଦରକାର ନାହିଁ କି ବୃଦ୍ଧାଶ୍ରମ କରିବା ଆବଶ୍ୟକ ନାହିଁ ।

ବିସି-୭୪, ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨



# ରଥଯାତ୍ରା

ପ୍ରଦୀପ୍ତ କୁମାର ଦାସ

ରଥଯାତ୍ରା ଅଟେ ମହାନ ପରବ
ମନପ୍ରାଣ ଗାଏ ଗୀତି-
ଭକତି ବିଶ୍ୱାସ ମିଳନ ଲଗନେ
ଝରଇ ଶାଶ୍ୱତ ପ୍ରୀତି,
ମହାଭାବ ସ୍ନାତ ସରବ ଅନ୍ତରେ
ଆଶା ହୁଏ ଆତ ଯାତ
ବିଶ୍ୱ ହସେ ଆଜି ପ୍ରେମ ରଙ୍ଗେ ସାଜି
ଶାନ୍ତି ହୁଏ ପ୍ରତିଭାତ,
ଭାଇ ଭଉଣୀଙ୍କୁ ସଂଗତରେ ଘେନି
ବିଜେ ତ ଜଗତ ସାଇଁ-
ଏ ଦୁନିଆ ବକ୍ଷୁ ଦୁଃଖ ଅମାରାତି
ସାଥେ ଘେନିଯିବା ପାଇଁ,
ବଡ଼ଦାଣ୍ଡ ପରେ ତିନିରଥ ଉଭା
ଏକତାର ଯାତ୍ରା ଲାଗି-
ବିଶ୍ୱମୈତ୍ରୀ ଭାବ ପ୍ରତିଷ୍ଠା ନିମନ୍ତେ
ଉଠରେ ସରବେ ଜାଗି,
ରଥଯାତ୍ରା ହେଉ ଜୀବନର ଯାତ୍ରା
ଜଗତବାସୀଙ୍କ ପାଇଁ-
ପରାଣର ପକ୍ଷୀ ପିଣ୍ଡ ବ୍ରହ୍ମାଣ୍ଡରେ
ଉଡୁଥାଉ ଘାଇଁ ଘାଇଁ,
ଏତିକି ମିନତି ନୀଳାଚଳିଆଙ୍କୁ
ମଧୁମୟ ହେଉ ସୃଷ୍ଟି-
ଦିବ୍ୟାୟିତ ହେଉ ସକଳ ପରାଣ
ଲଭି ବିଭୁକୃପା ଦୃଷ୍ଟି ।

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରାତିପୁର
ଯାଜପୁର-୭୫୫୦୧୩
ମୋ-୮୫୯୪୮୮୫୮୯୮

# ସେ ତ ଅଟେ ଅପାସୋରା

ସୁରମା ମିଶ୍ର

ରଥ ଯାଏ ଗଡିଗଡି
ଭାଇଭଉଣୀଙ୍କୁ ସଙ୍ଗେ ନେଇ ଜଗା
ଯିବଲୋ ଗୁଣ୍ଡିଚା ବାଡି

ଡାହୁକ ଛାଡ଼ଇ ରଡି
ଭକ୍ତଙ୍କ ହାତରେ ରଥ ଦଉଡ଼ିଲୋ
ନେଉଥାନ୍ତି ଭିଡ଼ିଭିଡ଼ି

ମୋ ଜଗା ରଥରେ ବିଜେ
ହୁଳହୁଳି ସ୍ୱନେ ଗଗନ କମ୍ପଇ
ଘଣ୍ଟ ଓ କାହାଳୀ ବାଜେ

ବଡଦାଣ୍ଡ ଲୋକାରଣ୍ୟ
ଆକାଶ ମାର୍ଗରୁ ଦେବତା ମାନେଲୋ
କରନ୍ତି ସବୁ ଦର୍ଶନ

ଜନମ ବେଦୀକୁ ଯାଇ
ନବଦିନ ସେଠି ଲୀଳାଖେଳା ସାରି
ମନ୍ଦିରକୁ ଲେଉଟଇ

ମାଉସୀଟି ଖୁସି ହୁଏ
ପୋଡ଼ପିଠା କରି ରହିଁ ବସିଥାଏ
ରଥଟା ଅଟକି ଯାଏ

ପୋଡ଼ପିଠା ଭୋଗ ଖାଇ
ରଥ ଉପରେ ସେ ରଙ୍ଗା ଅଧରରେ
ମୁରୁକି ହସି ଦିଅଇ

ଏ ତ ଆମ ପରମ୍ପରା
ଭୁଲିବନି କେହି ଆମ ପରମ୍ପରା
ସେ ତ ଅଟେ ଅପାସୋରା ।

ବିଏଲ ୩୯, ଭିଏସଏସ ନଗର, ଭୁବନେଶ୍ୱର
ମୋ- ୯୮୪୩୩୪୩୯୬୫

# ବରଷକ ପରେ ଆସିଛିରେ ରଥ

ଶରତ କୁମାର ଦାସ



ବରଷକ ପରେ ଆସିଛିରେ ରଥ
ଖୁସିର ମହକ ଭରି,
ଦରଶନ ଦେବେ କାଳିଆ ସାଆନ୍ତ
ଆଶିଷ ପଡିବ ଝରି.........୦

ଚଉଦିଗ ସାରା ଗହଳ ଚହଳ
ହରିବୋଲ ହୁଳହୁଳି,
କାଳିଆ ବଳିଆ ଭଉଣୀ ସୁଭଦ୍ରା
ଆସୁଛନ୍ତି ଝୁଲି ଝୁଲି
ଦେଖିଦେଲେ ଥରେ ଲାଖିଯିବ ଆଖି
ଦୁଃଖ ଯିବ ଅପସରି,
ବରଷକ ପରେ ଆସିଛିରେ ରଥ .... ୧

ତାଳଧ୍ୱଜେ ବସିଛନ୍ତି ବଡଭାଇ
ନନ୍ଦିଘୋଷେ ସାନଭାଇ,
ଦେବଦଳନରେ ଅଛନ୍ତି ଭଉଣୀ
ରଥ ଗଡୁଛି ତ ଘାଇଁ
ଖସୁଛି ଆକାଶୁ ଫୁଲର ପାଖୁଡା
ସୁଖଶିରୀ ହାତେ ଧରି,
ବରଷକ ପରେ ଆସିଛିରେ ରଥ ... ୨

ଧୂପ ଦୀପ ଝୁଣା ଆଗରୁ ଚନ୍ଦନ
ବାସୁଛିରେ ମହମହ,
ଘଣ୍ଟ ଘଣ୍ଟା ଝାଞ୍ଜ ଢୋଲ ମୁରୁଦଙ୍ଗ
ବାଜୁଛିରେ ଅହରହ
ଝରିପଡୁଛିତ ଭକତିର ଲୁହ
ମାଟି ତ ଯାଉଛି ଥରି,
ବରଷକ ପରେ ଆସିଛିରେ ରଥ ....୩

ଭକତଙ୍କ ଡାକ ଶୁଭେ ରହି ରହି
''ରଖ ହେ ଜଗତ ନାଥ,
ତୁମ ସଂସାରକୁ ତୁମେ ରକ୍ଷାକର
ବଢ଼େଇଦିଅ ହେ ହାତ
ଗୁହାରି ଶୁଣିମା ହେଉ ହେ ମଣିମା
କାଳରାତି ଯାଉ ସରି,''
ବରଷକ ପରେ ଆସିଛିରେ ରଥ ...୪

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର
ମୋ- ୮୨୪୯୧୩୭୦୯୧

# ରଥଯାତ୍ରା ଗାଏ

ଜୟନ୍ତ କୁମାର ମଲ୍ଲିକ



ଖୁସିର ପସରା ମେଲାଇ
ରଥ ଯାତରା ଆସେ -
ମହ ମହ ହୋଇ ମନରେ
ଭକ୍ତି ଭାବନା ବାସେ,
କେଉଁ କାଳୁ ଏହି ଯାତରା
ହୁଏ ମରତ ଧାମେ -
ଜଗତରେ ହୁରି ପଡ଼ଇ
ଜଗନ୍ନାଥଙ୍କ ନାମେ,
ପତିତ ଜନଙ୍କୁ ତାରନ୍ତି
ପ୍ରଭୁ ରଥରେ ବସି -
ଭକତ ଜନଙ୍କୁ ଦେଖିଣ
ସେ ଯେ ଦିଅନ୍ତି ହସି,
ଭକ୍ତ ଭଗବାନ ମିଳନ
ବଡ଼ଦାଣ୍ଡରେ ହୁଏ -



ମନର ସକଳ କଲୁଷ
ଆଖି ଲୁହରେ ଧୁଏ,
ଭାଇ ଭଉଣୀଙ୍କ ସଙ୍ଗତେ
ପ୍ରଭୁ ଜଗତସାଇଁ -
ମାଉସୀ ମାଆଙ୍କ ପାଖକୁ
ରଥେ ଯାଆନ୍ତି ଧାଇଁ,
ନଅ ଦିନ ଯାଏଁ ଚାଲଇ
ଏହି ରଥ ଯାତରା -
ସରଗ ସୁଷମା ଧରିକି
ହସି ଉଠେ ଯେ ଧରା,
ମାନବ ମନରେ ଭରିଣ
ଦିବ୍ୟ ସଂହତି ପ୍ରୀତି -
ରଥଯାତ୍ରା ଗାଏ ହରଷେ
ମହାଭାବର ଗୀତି ।

ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭

# ରଥରେ ଦେବାଙ୍କୁ ଦରଶନ

ମହେନ୍ଦ୍ର କୁମାର ଘଡ଼େଇ

କଳା ବଉଦ ନେଇ ଆସିଛି
ଆକାଶେ ମେଘମାଳା
ଝୁଲାଇ ଦେଇ ଅଛି ଯେମିତି
ସାମିଆନାର ଦୋଳା
ରହି ରହିକା ଝିପିରି ଝିପି
ଟିପିରି ବୁନ୍ଦା ବୁଣେ
ଶୀରିକ୍ଷେତର ବୁଲାଇ ନେଇ
ସରସେ ମନ କିଣେ
ତିନି ରଥରେ ଚତୁର୍ଦ୍ଧା ଦିଅଁ
ଦେବାଙ୍କୁ ଦରଶନ
ଡୋରି ଲଗାଇ ଡାକି ଆଣିଛି
ଦୁନିଆ ଜନମନ
କେଉଁ ରାଇଜୁ କିଏ ସେ ଆସି
ଶରଧାବାଲି ଛୁଏଁ
ହାତରେ ଧରି ରଥ ଦଉଡ଼ି
ଆଗକୁ ଭିଡ଼ି ନିଏ
ସୁନା ଖଡ଼ିରେ ଛେରା ପହଁରା



ଠାକୁରରାଜା ହାତେ
ବିଧି ବିଧାନେ ଗୁଣ୍ଡିଚା ଘର
ଲଗାଏ ଯାତ ସତେ
ନଅ ଦିନର ଏଇ ଯାତରେ
ମାଉସୀ ଘର ଖିଆ
ଖାଇ କରନ୍ତି ବାହୁଡ଼ା ବିଜେ
ଦେଖେ ଦୁନିଆ ଯାହା
ତରଳ ପ୍ରାଣ ଖୋଲା ମନରେ
କୋଳେଇ ନେବା କହେ
ଛୁଆଁ ଅଛୁଆଁ ଭାବନା ତଡ଼ି
ଏ ଯାତ ମନ ମୋହେ
ଉଚ୍ଚ ନୀଚ୍ଚର ଗରବ ଛାଡ଼ି
ମେଳିରେ ଚାଲ ଦେଖି
ଆପଣା ଭଲ ଗୁଣରେ ଜାତି
ଉଠିବ ମଥା ଟେକି ।

କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା,
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ- ୯୪୩୭୭୪୦୫୬୬







# ପବିତ୍ର ଘୋଷଯାତ୍ରା

ସୁନୀଲ କୁମାର ପ୍ରଧାନ

କେଡେ ପୁଣ୍ୟ ଦିନ ଆସୁଛି ସଙ୍ଗାତ
ଆସିବେ ବଡ଼ ଦାଣ୍ଡକୁ
ଭକ୍ତ ସଙ୍ଗେ ଭଗବାନଙ୍କ ମିଳନ
ଯିବା ସଭିଏଁ ପୁରୀକୁ

ଧର୍ମ ଜାତି ପ୍ରଥା କିଛି ନାହିଁ ସେଠି
ଭକ୍ତଙ୍କୁ ଦେଖିବା ପାଇଁ
ବରଷକୁ ଥରେ ଆସେ ମହାପ୍ରଭୁ
ଭାଇ ଭଉଣୀକୁ ନେଇ

ଦର୍ପଦଳନରେ ବଳଭଦ୍ର ପ୍ରଭୁ
ତାଳଧ୍ୱଜେ ମା' ସୁଭଦ୍ରା
ନନ୍ଦିଘୋଷେ ବିଜେ କାଳିଆ ଠାକୁର
ଭକ୍ତଙ୍କୁ ଦେଇଛି ଧରା

ବାଲିରଥେ ବିଜେ କରିଲ ମଣିମା
ଭକ୍ତି ଦେଖି ସାଲବେଗ
ଦାସିଆ ବାଉରୀ ହସ୍ତରୁ ନଡ଼ିଆ
ନେଇଥିଲ ତୁମେ ଆଗ

ଧନ୍ୟ ଅଟେ ଆମ ଓଡ଼ିଶା ଭୁବନ
ଜଗା ମୋ କରିଛି ବାସ
ଲୀଳାମୟ ପ୍ରଭୁ ଲୀଳା ତୋ ଅପାର
କରୁଣା କର ବିଶେଷ ।

ଝାଟିପଦର, ପାଲୁର, ଗଞ୍ଜାମ
ମୋ- ୭୬୦୯୯୩୪୩୬୬



# ଏହି ଅଳି ଜଗନ୍ନାଥ

ଅନନ୍ତ କୁମାର ସେନାପତି

ଷାଠିଏ ପଉଟି ଛାଡ଼ି ଆସ ପ୍ରଭୁ
ଭାଇ ଭଉଣୀଙ୍କୁ ଧରି,
ସଜା ହୋଇଥାଏ ଦାଣ୍ଡେ ତିନି ରଥ
ଭକତ ଦେଖିବେ ବୋଲି

ଖରା ହେଉ ଅବା ବରଷା ଅଜାଡୁ
ନ ଥାଏ କାହା ଖାତିର,
ବରଷକେ ଥରେ ସେ ରଥ ଟାଣିଲେ
ଦୁଃଖ ଯାଏ ସବୁ ହରି

ମୁଁ ଟିକି ଶିଶୁଟେ ମୋ ମନ ଦାଣ୍ଡରେ
ଆଙ୍କିଛି ତୁମରି ରଥ,
ବେଳ ଦେଖି ଟିକେ ମୋ ରଥେ ଆସିବ
ଏହି ଅଳି ଜଗନ୍ନାଥ

ବହୁ ଦୂର ବୋଲି ମନା କରିବନି
ଆସିବାକୁ ଏହି ଘର,
ସଜାଇ ଦେଇଛି ଅତି ଶରଧାରେ
ଅଗଣା ଦାଣ୍ଡ ଦୁଆର

ତୁମେ ଇଚ୍ଛା କଲେ ଝଲସି ଉଠିବ
ମୋ ମନ ରଥର ରୂପ,
ଭକତି, ଶକତି ନାହିଁ କିଛି ମୋର
ଜାଳିଦିଅ ଆଶା ଦୀପ ।

ବାଣ୍ଣପଡା, ରେଲୱେ ସାଇଡିଙ୍ଗ,
ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ- ୭୦୦୮୩୦୪୨୨୫

# ବାଲି ରଥଟିଏ ଗଢିଛି ହେ ପ୍ରଭୁ

ନଳିନୀ ଦାଶ

ବାଲି ରଥଟିଏ ଗଢି ମୁଁ ଡାକୁଛି
ଆସ ପ୍ରଭୁ ଜଗନ୍ନାଥ
ତୁମ ଦରଶନ ପାଇବା ପାଇଁକି
ବସିଅଛି ଚାହିଁ ପଥ

ତୁଳସୀ ଦୟଣା ତୋଳି ମୁଁ ଆଣିଛି
ସଜଫୁଲେ ଗୁନ୍ଥି ମାଳି
ଧୂପ ଦୀପ ଦେଇ ଗିନି ବଜାଉଛି
ମାରୁଅଛି ହାତେ ତାଳି

ଫୁଲରେ ସଜେଇ ଭୋଗ ବାଢିଅଛି
ଜାଣେ ନାହିଁ ତୁମ ପୂଜା
ମୁଁ ଶିଶୁ ଅଜ୍ଞାନୀ ଶରଧାରେ ଡାକେ
ଆସହେ କାଳିଆ ରଜା

କେତେ ଭକତଙ୍କ ଦୁଃଖ ଶୁଣୁଅଛ
ଥରେ ଡାକ ମୋର ଶୁଣ
ସଞ୍ଜ ସକାଳରେ ନିତି ଗାଉଅଛି
ତୁମ ଭଜନ ଜଣାଣ



ବାଲିରଥ ଗଢି ଡାକିଲେ ତୁମକୁ
ଭକ୍ତ ବଳରାମ ଦାଶ
ବିଜେ କରିଥିଲ ବାଲିରଥେ ଆସି
ଭକତିରେ ହୋଇ ତୋଷ

ଭକ୍ତ ସାଲବେଗ ପିଠା ଦେଇଥିଲେ
ହାତ ବଢେଇକି ନେଲ

ଦାସିଆ ବାଉରୀ ହାତରୁ ନଡ଼ିଆ
କ୍ଷଣକେ ଉଡେଇ ଦେଲ

ବନ୍ଧୁମହାନ୍ତିଙ୍କ ହାତେ ଭୋଗଥାଳି
ପ୍ରଭୁହେ ଦେଲ ଧରେଇ
ବିଦୁରଙ୍କ ଶାଗ ସୁଦାମାଙ୍କ ଖୁଦ
ସରାଗେ ଖାଇଲ ନେଇ

ଟିକି ପିଲା ମୁହିଁ ବୁଦ୍ଧି ଜ୍ଞାନ ନାହିଁ
ବାଲି ରଥେ ଆସି ବସ
ତୁମ ଦରଶନେ ଆଶିଷ ଲଭିବି
ଜଗତେ ରଖିବି ଯଶ ।

ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ-୯୨୩୮୯୯୬୬୪୯

# ନଅଦିନିଆ ଯାତରା

ଧ୍ରୁବ ଚରଣ ଘିବେଲା

ଜଗା ଆସୁଅଛି ଧିର ପହଣ୍ଡିରେ
କରିବ ବୋଲି ଯାତରା
ମନ୍ଦିରକୁ ଛାଡ଼ି ରଥ ପରେ ଚଢ଼ି
ଦିଶିବେଟି ଜଗା ତୋରା
ସାଙ୍ଗରେ ନେଇକି ଭଉଣୀ ଭାଇକି
ନଅଦିନିଆ ଯାତରା
ରଥେ ଚଢ଼ି ବସି ଯିବେ ହସି ହସି
ଗୁଣ୍ଡିଚା ବାଡ଼ିକି ପରା
ଶୁଭ ଶଙ୍ଖ ଘଣ୍ଟ ଧ୍ୱନି ଅବିରତ
କାନରେ ଅତଡ଼ା ପଡ଼େ
ତାଆରି ଭିତରେ ଜନ ସମୁଦ୍ରରେ
(ରଥ) ଆଗକୁ ଆଗକୁ ବଢ଼େ
ସମୁଦ୍ର ଗର୍ଜନ ପ୍ରାୟେ ପ୍ରତିକ୍ଷଣ
ଭକ୍ତଙ୍କ କୋଳାହଳ
ରଥର ଦଉଡ଼ି ଭକ୍ତ ହାତେ ଧରି
ଟାଣନ୍ତି ଲଗାଇ ବଳ
ରଥ ଗଡୁଥାଏ ପଥ ଛିଣ୍ଡୁଥାଏ
ଗୁଣ୍ଡିଚାବାଡ଼ି ଆଡ଼କୁ
ବାଟରେ ରହନ୍ତି ମାଉସୀ ମା' ଘରେ
ଛେନାପୋଡ଼ ଖାଇବାକୁ
ଗହଳି ଭିତରେ ଥାନ୍ତି କୁନାମୁନା
ଅଜାଙ୍କ କାନ୍ଧରେ ବସି
ଅଜା କହୁଥାନ୍ତି ଦେଖରେ ନାତିଆ
କାଳିଆ ରଥେ ବସିଛି
ତାଳି ମାରି ଦିହେଁ ହାତ ଯୋଡ଼ି ଛାଏଁ
ଜଗାକୁ ଅନାଉଥାନ୍ତି
ପୁଣି ପେଏଁକାଳି ଦେଖିଦେଇ ଦିହେଁ
ଅଜାକୁ ଦିହେଁ କହନ୍ତି
ଦୁଇ ଜଣ ପାଇଁ ଦି'ଟା ପେଏଁକାଳି
ଅଜା ଦେଇଥିଲେ କିଣି
ମୁହଁରେ ପୁରାଇ ପେଏଁ ପେଏଁ କରି
ଫୁଙ୍କିଲେ ଦିହେଁ ସେକ୍ଷଣି
ଯାତରା ଦେଖାରେ ପିଲାଙ୍କର ଖୁସି
ବୁଲି କିଣାକିଣି କରିବା
ଇଆଡ଼େ ସିଆଡ଼େ ବୁଲାବୁଲି କରି
ଶେଷକୁ ଘରକୁ ଫେରିବା
ଜଗା ସେଇମିତି ଯାଇ ପହଞ୍ଚିବେ
ଗୁଣ୍ଡିଚାବାଡ଼ି କତିରେ
ଗୁଣ୍ଡିଚାବାଡ଼ିରେ ନଅ ଦିନ ରହି
ବାହୁଡ଼ିବେ ବାହୁଡ଼ାରେ

ବଉଦରାଜ, ବୌଦ୍ଧ
ମୋ- ୯୪୩୭୪୭୮୪୬୬

# ବିଶ୍ୱର ନମ୍ବର-୧ ଅଲରାଉଣ୍ଡର ହେଲେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**



ଆଇସିସି ବୁଧବାର ଟି-୨୦ ର୍ୟାଙ୍କିଙ୍ଗ ପ୍ରକାଶ କରିଛି । ଭାରତୀୟ ଟି-୨୦ ଦଳର ଉପ-ଅଧିନାୟକ ତଥା ତାରକା ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱର ଏକ ନମ୍ବର ଅଲରାଉଣ୍ଡର ହୋଇଛନ୍ତି । ର୍ୟାଙ୍କିଙ୍ଗରେ ସେ ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗାଙ୍କ ସହ ମିଳିତ ନମ୍ବର ୱାନ ହୋଇଛନ୍ତି । ଶ୍ରୀଲଙ୍କାର ତାରକା ୱାନିନ୍ଦୁ ହାସାରଙ୍ଗାଙ୍କୁ ସମକକ୍ଷ ପାଇଁ ହାର୍ଦ୍ଦିକ ଦୁଇଟି ସ୍ଥାନ ଉପରକୁ ଯାଇଥିଲେ । ଟି-୨୦ ବିଶ୍ୱକପ ୨୦୨୪ର ଫାଇନାଲରେ ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ହାର୍ଦ୍ଦିକଙ୍କୁ ପୁରସ୍କୃତ କରାଯାଇଛି । ଫାଇନାଲରେ ହାର୍ଦ୍ଦିକ ହେନ୍‌ରିଚ୍ କ୍ଲାସେନ ଏବଂ ଡେଭିଡ ମିଲରଙ୍କ ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିଲେ । ଟୁର୍ଣ୍ଣାମେଣ୍ଟରେ ବ୍ୟାଟ୍ ଏବଂ ବଲ ସହିତ ହାର୍ଦ୍ଦିକଙ୍କ ଭଲ ପ୍ରଦର୍ଶନ ଥିଲା ଏବଂ ସେ ହେଉଛନ୍ତି ପ୍ରଥମ ଭାରତୀୟ ଖେଳାଳି, ଯିଏକି ଟି-୨୦ରେ ବିଶ୍ୱର ଏକ ନମ୍ବର ଅଲରାଉଣ୍ଡର ହୋଇଛନ୍ତି ।

ବ୍ୟାଟ୍ ଏବଂ ବୋଲିଂରେ ହାର୍ଦ୍ଦିକ ପାଣ୍ଡ୍ୟା ସଫଳତା ହାସଲ କରିଥିଲେ ଯେତେବେଳେ ଦଳ ତାଙ୍କୁ ଆବଶ୍ୟକ କରୁଥିଲା, ସେ ଚ୍ୟାଲେଞ୍ଜକୁ ଗ୍ରହଣ କରି ଉଇକେଟ ନେଇଥିଲେ । ସେ ୧୫୦ରୁ ଅଧିକ ଷ୍ଟ୍ରାଇକ ରେଟ୍‌ରେ ୧୪୪ ରନ ସଂଗ୍ରହ କରିଥିଲେ ଏବଂ ୧୧ ଉଇକେଟ ମଧ୍ୟ ନେଇଥିଲେ । ଟି-୨୦ ବୋଲିଂ ର୍ୟାଙ୍କିଙ୍ଗରେ ଏନ୍‌ରିଚ୍ ନର୍ଟଜେ ୬୭୫ ରେଟିଂ ପଏଣ୍ଟ ସହ ଶୀର୍ଷ ମାନ୍ୟତା ଆଦିଲ ରସିଦଙ୍କ ପଛରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି ।

# ଆଜି ପହଞ୍ଚିବ ଟିମ୍ ଇଣ୍ଡିଆ : ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ୍ ପରେ ୱାଙ୍ଖେଡେରେ ହେବ ଭବ୍ୟ ସ୍ୱାଗତ

**ନୂଆଦିଲ୍ଲୀ**

ଟି-୨୦ ବିଜୟ ପରେ ବାର୍ବାଡସରୁ ଭାରତ ଫେରିଛନ୍ତି ବିଜୟୀ ଟିମ୍ ଭାରତୀୟ ଖେଳାଳି, ସପୋର୍ଟ ଟିମ୍ ଏବଂ ସାମ୍ବାଦିକମାନଙ୍କୁ ନେଇ ଏୟାର ଇଣ୍ଡିଆର ଚାର୍ଟାଡ୍ ଫ୍ଲାଇଟ୍ ଭାରତ ଫେରୁଛି । ଫାଇନାଲ ମ୍ୟାଚ୍ ସରିବା ପରେ ଘୂର୍ଣ୍ଣିଝଡ଼ କାରଣରୁ ଚାରି ଦିନ ହେବ ବାର୍ବାଡସରେ ଫସି ରହିଥିଲା ଟିମ୍ ଇଣ୍ଡିଆ ।

ରିପୋର୍ଟ ଅନୁସାରେ, ବାର୍ବାଡସର ବିମାନ ବନ୍ଦରରୁ ଏୟାର ଇଣ୍ଡିଆର ବୋଇଂ ୭୭୭ ବିମାନ ଟିମ୍‌ର ଖେଳାଳି, ସପୋର୍ଟ ଟିମ୍ ଏବଂ ସାମ୍ବାଦିକମାନଙ୍କୁ ନେଇ ଉଡ଼ାଣ ଭରିଛି । ଗୁରୁବାର ସକାଳ ୬ଟାରେ ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିବ ।

ଏହାପରେ ଖେଳାଳିମାନେ



ସକାଳ ୯ଟା ୩୦ରେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟିବେ । ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସାରି ସେଠାରୁ ଚାର୍ଟାଡ୍ ବିମାନ ଯୋଗେ ମୁମ୍ବାଇ ଯିବେ । ମୁମ୍ବାଇ ବିମାନ ବନ୍ଦରରୁ ୱାଙ୍ଖେଡେ ଷ୍ଟାଡିୟମରେ ପହଞ୍ଚିବେ ।

ୱାଙ୍ଖେଡେ ଷ୍ଟାଡିୟମରେ ଏକ କିଲୋମିଟରର ବସ୍ ପ୍ୟାରେଡ୍‌ର କାର୍ଯ୍ୟକ୍ରମ ରହିଛି । ସେଠାରେ ଭବ୍ୟ ସ୍ୱାଗତ ପରେ ଅଧିନାୟକ ରୋହିତ ଶର୍ମା ବିସିସିଆଇ ସେକ୍ରେଟାରୀ ଜୟ ଶାହଙ୍କୁ ବିଶ୍ୱକପ ହସ୍ତାନ୍ତର କରିବେ । ସେଠାରେ ସମସ୍ତ କାର୍ଯ୍ୟକ୍ରମ ସରିବା ପରେ ସନ୍ଧ୍ୟାରେ ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କରିବେ ।

ପ୍ରକାଶ ଥାଉକି ଜୁନ ୨୯ରେ ବାର୍ବାଡସରେ ଟି-୨୦ ବିଶ୍ୱକପ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା । କିନ୍ତୁ ସେଠାରେ ଏକ ଘୂର୍ଣ୍ଣିଝଡ଼ ବେରିଲ ସୃଷ୍ଟି ହେବା କାରଣରୁ ପାଣିପାଗକୁ ଦୃଷ୍ଟିରେ ରଖି ବିମାନ ଉଡ଼ାଣ କରିପାରି ନଥିଲା । ଜୁଲାଇ ୧ରେ ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ବିସିସିଆଇ ବାର୍ବାଡସ୍‌କୁ ସ୍ୱତନ୍ତ୍ର ବିମାନ ପଠାଇଥିଲା । କିନ୍ତୁ ଏହାପରେ ମଧ୍ୟ ପାଗରେ ପରିବର୍ତ୍ତନ ନ ଆସିବାରୁ ବିମାନ ଉଡ଼ାଣ ବିଳମ୍ବ ହୋଇଥିଲା । ଶେଷରେ ଭାରତ ଫେରୁଛନ୍ତି ବିଜୟୀ ଟିମ୍ । ଦୀର୍ଘ ୧୭ ବର୍ଷ ପରେ ବିଶ୍ୱକପ ଜିତି ଥିବା ଟିମ୍ ଇଣ୍ଡିଆକୁ ସ୍ୱାଗତ କରିବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି କ୍ରିକେଟ ପ୍ରେମୀ ।

# ବିଶ୍ୱକପ୍ ଜିତିବା ପରେ କାହିଁକି ପିଚ୍‌ର ମାଟି ଚାଟିଥିଲେ, ପ୍ରକାଶ କଲେ ରୋହିତ ଶର୍ମା

**କୋଲକାତା**



ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଏଥର ଟି-୨୦ ବିଶ୍ୱକପ ଟାଇଟଲ ଜିତିଛି । ବାରବାଡ଼ସ୍‌ରେ ଦକ୍ଷିଣ ଆଫ୍ରିକା ସହିତ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା, ଯାହା ଟିମ୍ ଇଣ୍ଡିଆ ୭ ରନରେ ଜିତିଥିଲା । ଭାରତକୁ ଚାମ୍ପିୟନ କରିବା ପରେ ଅଧିନାୟକ ରୋହିତ ଶର୍ମା ବାର୍ବାଡୋସ ପିଚ୍‌ର ମାଟି ଚାଟି ଥିବାର ନଜର ଆସିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା । ଏବେ ରୋହିତ ନିଜେ ଏ ବିଷୟରେ ଏକ ବଡ଼ ଖୁଲାସା କରିଛନ୍ତି ।

ବିସିସିଆଇ ଏକ ଭିଡିଓ ସେୟାର କରିଛି, ଯେଉଁଥିରେ ରୋହିତ ଶର୍ମା କାହିଁକି ପିଚ୍‌ର ମାଟି ଚାଟିଥିଲେ ତାହା ବ୍ୟାଖ୍ୟା କରିଛନ୍ତି । ରୋହିତ କହିଛନ୍ତି ଯେ ଏଥିରେ ଲୁଚାଇବାକୁ କିଛି ନାହିଁ, ସବୁକିଛି ସମସ୍ତଙ୍କ ଆଗରେ ଅଛି । ମୁଁ କେବଳ ସେହି ମୁହୂର୍ତ୍ତକୁ ଅନୁଭବ କରୁଥିଲି । ମୁଁ ଯେତେବେଳେ ପିଚ୍‌କୁ ଗଲି, ଦେଖିଲି ଏହି ପିଚ୍ ଆମକୁ ଟ୍ରଫି ଜିତାଇଛି । ମୁଁ ମୋ ଜୀବନରେ ଏହି ଭୂମି ଏବଂ ପିଚ୍ କେବେ ବି ଭୁଲି ପାରିବି ନାହିଁ । ତେଣୁ ମୁଁ ପିଚ୍‌ର କିଛି ଅଂଶ ମୋ ସହିତ ରଖିବାକୁ ଚାହୁଁଥିଲି ।

ଆଇସିସି ଟ୍ରଫି ପାଇଁ ଟିମ୍ ଇଣ୍ଡିଆକୁ ୧୭ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା । ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ତିନିଟି ଆଇସିସି ଫାଇନାଲରେ ହାରିଯାଇଥିଲା । ଏହା ପରେ ଟିମ୍ ଇଣ୍ଡିଆ କୋଟି କୋଟି ପ୍ରଶଂସକଙ୍କ ସ୍ୱପ୍ନକୁ ପୂରଣ କରିଛି । ସମସ୍ତେ ଖୋଲାଖୋଲି ଭାବେ ଟ୍ରଫିର ବିଜୟ ଉତ୍ସବ ପାଳନ କରି ଟିମ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି । କୌଣସି ଭାରତୀୟ ପ୍ରଶଂସକ ଏହି ମୁହୂର୍ତ୍ତକୁ ଭୁଲିଯିବାକୁ ଚାହାନ୍ତି ନାହିଁ ।

# ଗୋଟିଏ ରନ୍ ନକରି ମଧ୍ୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହେଲେ ବୁମ୍ରା

**ନୂଆଦିଲ୍ଲୀ**

ଆଇସିସି ଟି-୨୦ ବିଶ୍ୱକପ୍‌ରେ ବୋଲରମାନଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ଦେଖିବାକୁ ମିଳିଥିବା ବେଳେ ବ୍ୟାଟ୍ସମ୍ୟାନ୍‌ମାନଙ୍କ ପାଇଁ ଟୁର୍ଣ୍ଣାମେଣ୍ଟ ସେତେ ଭଲ ନଥିଲା । ତଥାପି ଲଗାତାର ୯ ଟି ମ୍ୟାଚ୍ ବିଜୟ ସହ ଟିମ୍ ଇଣ୍ଡିଆ ଚାମ୍ପିୟନ୍ ହୋଇଛି ଏବଂ ଜସ୍‌ପ୍ରୀତ ବୁମ୍‌ରାଙ୍କୁ ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଟ୍ରଫି ମଧ୍ୟ ମିଳିଛି । ଏଥିସହିତ ବୁମ୍‌ରା ଏକ ବିରଳ ରେକର୍ଡ ନିଜ ନାମରେ କରିଛନ୍ତି । ଟି-୨୦ ବିଶ୍ୱକପ୍ ଇତିହାସରେ ପୂର୍ବରୁ ଏହି ରେକର୍ଡ କେହି କରିନାହାନ୍ତି । ପ୍ରଥମ ଖେଳାଳି ଭାବେ ସେ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ କୌଣସି ରନ୍ ନକରି ମଧ୍ୟ ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ହୋଇଛନ୍ତି । ଟୁର୍ଣ୍ଣାମେଣ୍ଟରେ ବୁମ୍‌ରାଙ୍କୁ କେବଳ ଥରେ ହିଁ ବ୍ୟାଟିଂ କରିବାକୁ ସୁଯୋଗ ମିଳିଥିଲା । କିନ୍ତୁ ସେ ରନ୍ କରିବା ପୂର୍ବରୁ ଆଉଟ୍ ହୋଇଯାଇଥିଲେ । ଭାରତ ୯ ମ୍ୟାଚ୍ ଖେଳିଥିବା ବେଳେ ବାକି ୮ଟିରେ ବୁମ୍‌ରାଙ୍କୁ ବ୍ୟାଟିଂ ସୁଯୋଗ ମିଳିନଥିଲା । ବୁମ୍‌ରା ଟି-୨୦ ବିଶ୍ୱକପ୍‌ରେ ୧୫ଟି ୱିକେଟ୍ ନେଇଥିଲେ । ତେଣୁ ଭାରତୀୟ ଦଳ ପାଇଁ ସେ ଗେମ୍ ଚେଞ୍ଜର୍ ସାବ୍ୟସ୍ତ ହୋଇଥିଲେ ।

# ଚାମ୍ପିୟନ୍ସ ଟ୍ରଫି ଉପରେ ଆଇସିସିକୁ ଚେତାବନୀ ଦେଲେ ପାକିସ୍ତାନର ପୂର୍ବତନ ଖେଳାଳି

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍ ୨୦୨୪ରେ ଭାରତ ଟାଇଟଲ ଜିତିଛି । ବର୍ତ୍ତମାନ ପରବର୍ତ୍ତୀ ଆଇସିସି ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଖେଳାଯିବ । ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନ ଦ୍ୱାରା ଆୟୋଜିତ ହୋଇଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ବିସିସିଆଇ ତରଫରୁ ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ଟିମ୍ ଇଣ୍ଡିଆ ପାକିସ୍ତାନ ଗସ୍ତ କରିବ କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ଆସିନାହିଁ । ବର୍ତ୍ତମାନ ଏହା ଉପରେ ପାକିସ୍ତାନର ପୂର୍ବତନ ତାରକା ସଲମାନ ବଟ୍ କହିଛନ୍ତି ଯେ ଭାରତ ପାକିସ୍ତାନ ଆସିବା ଆଇସିସିର ଦାୟିତ୍ୱ ହେବ । ୨୦୨୪ ଟି-୨୦ ବିଶ୍ୱକପ୍ ଟାଇଟଲ ଜିତିବା ପରେ ବିସିସିଆଇ ସଚିବ ଜୟ ଶାହା କହିଛନ୍ତି ଯେ ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଏବଂ ଚାମ୍ପିୟନ୍ସ ଟ୍ରଫି । ତେବେ ଚାମ୍ପିୟନ୍ସ ଟ୍ରଫି ସମ୍ପର୍କରେ ଟିମ୍ ଇଣ୍ଡିଆ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରିବ କି ନାହିଁ ତାହା ବିସିସିଆଇ ସଚିବ ସ୍ପଷ୍ଟ କରିନାହାନ୍ତି । ଏହି ସମୟରେ ସଲମାନ ବଟ୍ କହିଛନ୍ତି, ଚାମ୍ପିୟନ୍ସ ଟ୍ରଫି ପାଇଁ ସମସ୍ତ ଦଳ ପାକିସ୍ତାନକୁ ଆଣିବା ଆଇସିସିର ଦାୟିତ୍ୱ । ସେ ଆହୁରି କହିଛନ୍ତି, ଆମେ ସବୁକିଛି ସମ୍ବେଦନଶୀଳ କରିବାକୁ ଚେଷ୍ଟା କରୁଛୁ । କିଛି ରିପୋର୍ଟରେ କୁହାଯାଇଛି ଯେ ଜୟ ଶାହା ଏକ ସକରାତ୍ମକ ସଙ୍କେତ ଦେଇଛନ୍ତି । ତଥାପି ମୁଁ ଭାବୁ ନାହିଁ ଯେ ସେ କୌଣସି ସଙ୍କେତ ଦେଇଛନ୍ତି । ଯଦି ସେ ଆସନ୍ତି, ତେବେ ତାଙ୍କୁ ସ୍ୱାଗତ



କରାଯିବ । ଯଦି ସେ ଆସନ୍ତି ନାହିଁ, ତେବେ ଆଇସିସିକୁ ଏହାର ସାମ୍ନା କରିବାକୁ ପଡ଼ିବ । ଏହା ଦର୍ଶାଇବ ଯେ ନିୟନ୍ତ୍ରକ ଭାବରେ ସେମାନଙ୍କର କେତେ ଅଧିକାର ଅଛି ଏବଂ ସେମାନେ କେତେ ନିରପେକ୍ଷ ।

# ପୁଣି ମାର୍ଚ୍ଚ ୧ରେ ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ !

**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ମାର୍ଚ୍ଚ ୧ରେ ଖେଳାଯିବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି । ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନ କ୍ରିକେଟ ବୋର୍ଡ ଭାରତ ଏବଂ ପାକିସ୍ତାନ ମ୍ୟାଚ୍‌ର ତାରିଖ ଏବଂ ସ୍ଥାନ ସ୍ଥିର କରିଛି । ଲାହୋରରେ ଭାରତ-ପାକ୍ ମ୍ୟାଚ୍ ଆୟୋଜନ କରିବାକୁ ପିସିବି ଯୋଜନା କରିଛି । ତେବେ ଭାରତରେ କ୍ରିକେଟ ବୋର୍ଡ ଅଫ କଣ୍ଟ୍ରୋଲ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇନାହିଁ । ଏଥର ପାକିସ୍ତାନରେ ଚାମ୍ପିଅନ୍ସ ଟ୍ରଫି ଆୟୋଜିତ ହେବାକୁ ଯାଉଛି । କିନ୍ତୁ ଭାରତୀୟ ଦଳ ଯିବ କି ନାହିଁ ସେ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ।

ଚର୍ଚ୍ଚା ହେଉଛି ମାର୍ଚ୍ଚ ୧ରେ ଲାହୋରରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟ ୧୯ ଫେବୃଆରୀରୁ ୯ ମାର୍ଚ୍ଚ



ପର୍ଯ୍ୟନ୍ତ ଖେଳାଯିବ । କିନ୍ତୁ ମାର୍ଚ୍ଚ ୧୦କୁ ରିଜର୍ଭ ଡେ ଭାବରେ ରଖାଯାଇଛି । ମାର୍ଚ୍ଚ ୯ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପିସିବି ସ୍ୱତନ୍ତ୍ର ପ୍ରସ୍ତୁତି କରିଛି ।

ରିପୋର୍ଟ ଅନୁଯାୟୀ, ଟି-୨୦ ବିଶ୍ୱକପ ୨୦୨୪ର ଫାଇନାଲ ମ୍ୟାଚ୍ ପାଇଁ ପିସିବି ଚେୟାରମ୍ୟାନ ମୋହସିନ ନକଭି ବାର୍ବାଡୋସ୍‌ରେ ଥିଲେ । ସେ ଆଇସିସିକୁ ୧୫ଟି ମ୍ୟାଚ୍‌ର କାର୍ଯ୍ୟସୂଚୀ ଦେଇଛନ୍ତି । ଟିମ୍ ଇଣ୍ଡିଆର ସମସ୍ତ ମ୍ୟାଚ୍ ଲାହୋରରେ ଅନୁଷ୍ଠିତ ହେବ । ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ । ଲାହୋରରେ ୭ଟି ମ୍ୟାଚ୍ ଖେଳାଯିବ । ୩ଟି ମ୍ୟାଚ୍ କରାଚିରେ ଅନୁଷ୍ଠିତ ହେବ । ଏହା ସହିତ ରାୱଲପିଣ୍ଡିରେ ପାଞ୍ଚଟି ମ୍ୟାଚ୍ ଖେଳାଯିବ

ଚାମ୍ପିଅନ୍ସ ଟ୍ରଫି ୨୦୨୫ର ପ୍ରଥମ ମ୍ୟାଚ୍ କରାଚିରେ ଅନୁଷ୍ଠିତ ହୋଇପାରେ । ଏହା ସହିତ ଏକ ସେମିଫାଇନାଲ ମ୍ୟାଚ୍ ମଧ୍ୟ ଏଠାରେ ହୋଇପାରେ । ରାୱଲପିଣ୍ଡିରେ ଏକ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଲାହୋରରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇପାରେ । ଏହି ସହରରେ ଟିମ୍ ଇଣ୍ଡିଆକୁ ରଖିବାର ଯୋଜନା ଅଛି ।

ଚାମ୍ପିଅନ୍ସ ଟ୍ରଫି ପାଇଁ ଦୁଇଟି ଗ୍ରୁପ ଗଠନ କରାଯାଇଛି । ଏଥିରେ ଭାରତ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶକୁ ଗ୍ରୁପ୍ ଏରେ ରଖାଯାଇଛି । ଗ୍ରୁପ ବିରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଏବଂ ଆଫଗାନିସ୍ତାନର ଦଳ ରହିବେ ।

# ଟିମ୍ ଇଣ୍ଡିଆର ପୂର୍ବତନ କୋଚ୍ ହସ୍ପିଟାଲରେ ଭର୍ତ୍ତି : ଆର୍ଥିକ ସହାୟତା ଲୋଡ଼ିଲେ ସନ୍ଦୀପ ପାଟିଲ

**କୋଲକାତା**

ଟିମ୍ ଇଣ୍ଡିଆର ପୂର୍ବତନ କୋଚ୍ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମହାନ ବ୍ୟାଟ୍‌ସମ୍ୟାନ ସନ୍ଦୀପ ପାଟିଲ ଏହି କୋଚ୍‌ଙ୍କ ସହାୟତା ପାଇଁ ଅନୁରୋଧ କରିଛନ୍ତି । ଗତ ଏକ ବର୍ଷ ଧରି ରକ୍ତ କର୍କଟ ସହ ସଂଗ୍ରାମ କରୁଥିବା ପୂର୍ବତନ ପ୍ରଶିକ୍ଷକ ଅଂଶୁମାନ ଗାଇକ୍ୱାଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।

ଗାଇକ୍ୱାଡ୍‌ଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସନ୍ଦୀପ ପାଟିଲ କହିଛନ୍ତି, ସେ ଲଣ୍ଡନର କିଙ୍ଗସ କଲେଜ ହସ୍ପିଟାଲକୁ ଯାଇ ୭୧ ବର୍ଷୀୟ ପୂର୍ବତନ ପ୍ରଶିକ୍ଷକଙ୍କୁ ଭେଟିଛନ୍ତି । ପାଟିଲ କହିଛନ୍ତି ଯେ ଗାଇକ୍ୱାଡ ତାଙ୍କୁ ଟଙ୍କାର ଆବଶ୍ୟକତା ବିଷୟରେ କହିଥିଲେ । ଏହା ସହିତ ସନ୍ଦୀପ ପାଟିଲ ମଧ୍ୟ କ୍ରିକେଟ ବୋର୍ଡ ଅଫ ଇଣ୍ଡିଆ (ବିସିସିଆଇ) ଦ୍ୱାରା ଦିଆଯାଇଥିବା ୧୨୫ କୋଟି ଟଙ୍କା ପୁରସ୍କାର ରାଶିର ପ୍ରଶଂସା କରିଛନ୍ତି । ଗାଇକ୍ୱାଡ୍‌ଙ୍କୁ ସାହାଯ୍ୟ କରିବା ପାଇଁ ସେ ବୋର୍ଡକୁ ଅନୁରୋଧ କରିଛନ୍ତି ।

ସନ୍ଦୀପ ପାଟିଲ ମଧ୍ୟ ଏ ବିଷୟରେ ଏକ ସ୍ତମ୍ଭ




ଲେଖିଛନ୍ତି । ସେ ଲେଖିଛନ୍ତି ତାଙ୍କ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ବିଷୟରେ ଅଂଶୁ ମୋତେ କହିଥିଲେ । ମୁଁ ଦିଲୀପ ଭେଙ୍ଗସକର ଏବଂ ବିସିସିଆଇ କୋଷାଧ୍ୟକ୍ଷ ଆଶିଷ ଶେଲାରଙ୍କ ସହ ମଧ୍ୟ ଆଲୋଚନା କରିଛି । ଏହି ପାଣ୍ଠିକୁ ନେଇ ବିଚାର କରିବେ ବୋଲି ଆଶିଷ ଶେଲାର କହିଛନ୍ତି ।

ଗାଇକ୍ୱାଡ୍ ଟିମ୍ ଇଣ୍ଡିଆର ଅଗ୍ରଣୀ ଖେଳାଳି ଥିଲେ । ସେ ୧୯୭୫ ରୁ ୧୯୮୭ ମଧ୍ୟରେ ୧୨ବର୍ଷ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ । ସେ ୪୦ଟି ଟେଷ୍ଟ ଏବଂ ୧୫ଟି ଏକଦିବସୀୟରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ଗାଇକ୍ୱାଡ୍ ଦୁଇଥର ଭାରତର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି । ତାଙ୍କର ପ୍ରଥମ କାର୍ଯ୍ୟକାଳ ୧୯୯୭ରୁ ୧୯୯୯ ମଧ୍ୟରେ ଥିଲା ଏବଂ ଦ୍ୱିତୀୟ କାର୍ଯ୍ୟକାଳ ୨୦୦୦ ମସିହାରେ ହୋଇଥିଲା । ସଚିନ ତେନ୍ଦୁଲକର ତାଙ୍କର ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ଅଧିନାୟକ ଥିଲେ । ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲ ପରେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଥିଲା । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଟିମ୍ ଇଣ୍ଡିଆ ନାମରେ ଅନେକ ସଫଳତା ରହିଛି । ଗାଇକ୍ୱାଡ୍‌ଙ୍କ ପ୍ରଥମ କାର୍ଯ୍ୟକାଳ ମଧ୍ୟରେ ଅନିଲ କୁମ୍ବଲେ ପାକିସ୍ତାନ ବିପକ୍ଷ ଟେଷ୍ଟ ଇନିଂସରେ ୧୦ ୱିକେଟ ନେଇଥିଲେ । ଘରୋଇ ସିରିଜରେ ଭାରତ ଅଷ୍ଟ୍ରେଲିଆକୁ ୨-୧ରେ ପରାସ୍ତ କରିଥିଲା । ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳରେ ୨୦୦୦ରେ ଆଇସିସି ନକ୍‌ଆଉଟ ଫାଇନାଲକୁ ଭାରତ ଯାଇଥିଲା । ୧୯୯୦ ଦଶକରେ ସେ ଜଣେ ଜାତୀୟ ଚୟନକର୍ତ୍ତା ମଧ୍ୟ ଥିଲେ । ବର୍ତ୍ତମାନ ସେ ଭାରତୀୟ କ୍ରିକେଟ ଆସୋସିଏସନର ସଭାପତି ଅଛନ୍ତି ।

# ଅନ୍‌ଫିଟ୍ ଗାଡ଼ି ଚଳାଚଳ ଯୋଗୁଁ ରାଜଧାନୀରେ ଦୁର୍ଘଟଣା ବଢ଼ୁଛି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀରେ ଗଡୁଛି ଅନ୍‌ଫିଟ୍ ଗାଡ଼ି । କେଉଁ ଗାଡ଼ିରୁ ପୁଳାପୁଳା ଧୂଆଁ ବାହାରୁଛି ତ କେଉଁ ଗାଡ଼ିର ଡାଲା ଧଡ଼ଧଡ଼ ହେଉଛି । ସାଧାରଣତଃ ଗାଡ଼ିଗୁଡ଼ିକ ୧୫ ବର୍ଷ ଚାଲିବା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁମତି ମିଳିଥାଏ । ଏହି ୧୫ ବର୍ଷ ବିତିଗଲା ପରେ ଗାଡ଼ି ମାଲିକ ଆବେଦନ କରିବା ପରେ ଗାଡ଼ିକୁ ପୁଣି ଥରେ ଯାଞ୍ଚ କରାଯାଇ ୫ ବର୍ଷ କିମ୍ବା ତାହାଠାରୁ କମ୍ ଦିନ ପାଇଁ ଫିଟ୍‌ନେସ୍ ପ୍ରମାଣପତ୍ର ଦିଆଯାଇଥାଏ । ରାଜଧାନୀରେ ଅନେକ ଲୋକ ଗାଡ଼ି ଅବଧି ଶେଷ ପରେ ମଧ୍ୟ ପୁନଃ ଫିଟ୍‌ନେସ୍ ପାଇଁ ଆବେଦନ ନକରି ଅନ୍‌ଫିଟ୍ ଗାଡ଼ି ଚଳାଉଛନ୍ତି । ପୁରୁଣା ହୋଇଯାଇଥିବାରୁ ଏହି ଗାଡ଼ିଗୁଡ଼ିକରୁ ଧୂଆଁ ବାହାରି ପରିବେଶ ପ୍ରଦୂଷଣ ବଢ଼ାଉଛି । କେତେକ କ୍ଷେତ୍ରରେ ଅନ୍‌ଫିଟ୍ ଗାଡ଼ିଗୁଡ଼ିକ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି । ପରିବେଶ ପ୍ରଦୂଷଣ କମ୍ କରିବାକୁ କିଛିବର୍ଷ ପୂର୍ବେ ପଦକ୍ଷେପ ନିଆଯାଇଥିଲା । ଗାଡ଼ି ଚଳାଇବାକୁ ହେଲେ ପ୍ରଦୂଷଣ ପ୍ରମାଣପତ୍ର ନିହାତି ଆବଶ୍ୟକ ଏବଂ ଯେଉଁମାନେ ପ୍ରଦୂଷଣ ପ୍ରମାଣପତ୍ର ନ କରିବେ ସେମାନଙ୍କ ବିରୋଧରେ ଜରିମାନା କରାଯିବ ବୋଲି ଘୋଷଣା କରାଯାଇଥିଲା । ଏନେଇ ରାଜଧାନୀରେ କିଛିଦିନ ଜୋରଦାର ଗାଡ଼ି ଯାଞ୍ଚ କରାଗଲା । ଗାଡ଼ି ଚାଳକ ଗାଡ଼ିକୁ



ଯାଞ୍ଚ କରାଇ ପ୍ରଦୂଷଣ ପ୍ରମାଣପତ୍ର ହାସଲ କଲେ । ଧୀରେ ଧୀରେ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କୋହଳ ପଡ଼ିଗଲା । ଏହାସହ ଚାଳକମାନେ ପ୍ରଦୂଷଣ ପ୍ରମାଣପତ୍ର ହାସଲ କରିବାକୁ ଭୁଲିଗଲେଣି । ଅନେକ ଗାଡ଼ି ଚାଳକ କେବଳ ଥରେ ମାତ୍ର ପ୍ରଦୂଷଣ ପ୍ରମାଣପତ୍ର ହାସଲ କରିଥିଲେ । ୬ ମାସ ପରେ ଏହାର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେମାନେ କିଛି ବର୍ଷ ହେବ ଏହାର ନବୀକରଣ କରିନଥିବା ଜଣାପଡ଼ିଛି । ଲୋକସଂଖ୍ୟା ରାଜଧାନୀରେ ତୁଳନାରେ ଯାନବାହନ ସଂଖ୍ୟା ଅଧିକ ରହିଛି । ୨୦୧୯ ସୁଦ୍ଧା ୧୦ ଲକ୍ଷ ଲୋକ ସଂଖ୍ୟା ଥିବା ବେଳେ ୧୪ ଲକ୍ଷରୁ ଅଧିକ ପଞ୍ଜିକୃତ ଯାନ ରହିଥିଲା । ପଞ୍ଜିକୃତ ଯାନ ସଂଖ୍ୟା ବାର୍ଷିକ ୩-୫ ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ବେଳେ ଅନେକ ବାହାର ଗାଡ଼ି ମଧ୍ୟ ରାଜଧାନୀକୁ ପ୍ରବେଶ କରୁଛି । ବହୁ ଲୋକଙ୍କ ଘରେ ଏକାଧିକ ଗାଡ଼ି ରହିଛି । ଅନେକଙ୍କ ଦୁଇଚକିଆ ସମେତ ୪ ଚକିଆ ଯାନ ରହିଛି । ଫଳରେ ଲୋକସଂଖ୍ୟା ତୁଳନାରେ ଗାଡ଼ି ସଂଖ୍ୟା ଅଧିକ ରହିଛି । ଏହି କାରଣରୁ ରାସ୍ତାରେ ଯାତାୟାତ କରିବାରେ ନାହିଁନଥିବା ସମସ୍ୟା ଉପୁଜୁଛି । ଅକାଳରେ ଚାଲିଯାଉଛି ଜୀବନ । କେତେବେଳେ ଗାଡ଼ିରେ ନିଆଁ ଲାଗିଯାଉଛି ତ ଆଉ କେତେବେଳେ ଦୁର୍ଘଟଣାରେ ଜୀବନ ଯାଉଛି । ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ହେଉନଥିବାର ଅଭିଯୋଗ ହେଉଛି । ଦୁଇ ଚକିଆ ପୁରୁଣା ମୋଟର ସାଇକଲକୁ ନୂଆରୂପ ଦେଇ ଯୁବପିଢ଼ି ଚଳାଉଛନ୍ତି । ସେହିଭଳି ଚାରି ଚକିଆ ମାଲ୍‌ବୁହା ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନାହିଁ । ସେଗୁଡ଼ିକ ପଥଚାରୀ ଏବଂ ଅନ୍ୟ ଗାଡ଼ି ଚାଳକଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି କରୁଛି । ଏଭଳି ବେଆଇନ୍ ଗାଡ଼ି ଚଳାଚଳ ପାଇଁ ପରିବହନ ବିଭାଗ କଡ଼ା ପଦକ୍ଷେପ ଗ୍ରହଣ କରୁନି ବୋଲି କହନ୍ତି ରାଜଧାନୀବାସୀ ମାନସ କୁମାର ସ୍ୱାଇଁ । ଫିଟ୍‌ନେସ୍ ନଥିବାରୁ ଗତ ଏପ୍ରିଲ୍ ଏବଂ ମେ' ମାସରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ-୨ ପକ୍ଷରୁ ୩୮ଟି ଗାଡ଼ିରୁ ୧ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି । ଆଞ୍ଚଳିକ ପରିବହନ ଅଧିକାରୀ ସନତ କୁମାର ଜେନା କହନ୍ତି, ପ୍ରତିଦିନ ସହରରେ ଗାଡ଼ି ଏବଂ ଗାଡ଼ି ଚାଳକଙ୍କ ଉପରେ ନଜର ରଖାଯାଉଛି । ଗାଡ଼ିଗୁଡ଼ିକ ଯାଞ୍ଚ କରାଯାଇ ଜରିମାନା ଆଦାୟ ହେଉଛି ।

# ବିଏମ୍‌ସିର ଅଭିନବ ନିଷ୍ପତ୍ତି : ଚଳିତ ମୌସୁମୀ ଋତୁରେ ସହରାଞ୍ଚଳରେ ଲଗାଯିବ ଲକ୍ଷେ ଚାରା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସହରାଞ୍ଚଳରେ ଥିବା ଖାଲି ସ୍ଥାନରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ଅଣ୍ଟାଭିଡ଼ିଛି ବିଏମ୍‌ସି । ଚଳିତ ବର୍ଷ ମୌସୁମୀ ବର୍ଷା ସମୟରେ 'ମିଆୱାକୀ' ଶୈଳୀରେ ପାଖାପାଖି ୧ ଲକ୍ଷ ଚାରାରୋପଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ବିଶେଷକରି ଯେଉଁ ସ୍ଥାନଗୁଡ଼ିକ ଖାଲି ରହିଛି ଏବଂ ଭବିଷ୍ୟତରେ ସେହି ଅଞ୍ଚଳରେ କୌଣସି ସରକାରୀ ପ୍ରକଳ୍ପ କରିବାର ସମ୍ଭାବନା ନାହିଁ, ସେହି ଅଞ୍ଚଳକୁ ଚିହ୍ନଟ କରାଯାଉଛି । ବିଏମ୍‌ସିର ପରିବେଶ ବିଭାଗ ପକ୍ଷରୁ ଏହି ଯୋଜନା ପ୍ରସ୍ତୁତ କରାଯାଉଛି । ଚାରାରୋପଣଠାରୁ ଆରମ୍ଭ କରି ଗଛଗୁଡ଼ିକୁ ବଞ୍ଚାଇ ରଖିବା ପାଇଁ ଏକ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରାଯାଉଛି ।

ପୂର୍ବରୁ ୧୯୯୯ ମହାବାତ୍ୟା ଓ ୨୦୧୯ ଫନୀ ବାତ୍ୟା ସମୟରେ ଏହି ଶୈଳୀ ଆପଣାଯାଇ ଗଛ ଲଗାଯାଇ ଥିଲା । ସହରାଞ୍ଚଳରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ପାଇଁ ଏକ ଉତ୍ତମ ମାଧ୍ୟମ ବୋଲି ଜଣାପଡ଼ିଛି । ଏହା ଜଣେ ଜାପାନୀ ବୈଜ୍ଞାନିକ ହେଉଛନ୍ତି 'ଆକିରା ମିଆୱାକୀ' । ତାଙ୍କ ନାମାରୁ ଏହି ଶୈଳୀର ସୃଷ୍ଟି ଏଥିରେ ସ୍ୱଳ୍ପ ବ୍ୟବଧାନରେ ଅଧିକ ଗଛ ଲଗାଯାଇ ତାକୁ ଠିକ୍ ସମୟର ବଡ଼ କରାଯାଇପାରିବ ।

ସହରାଞ୍ଚଳରେ ଲୋକମାନେ ବହୁ ମାତ୍ରାରେ ବାସଗୃହ ନିର୍ମାଣ କରିଥିବାରୁ ଗଛ ଲଗାଇବା ପାଇଁ ସ୍ଥାନାଭାବ ପଡ଼େ । ତେଣୁ ଏହି ପଦ୍ଧତି ମାଧ୍ୟମରେ କମ୍ ଜାଗାରେ ଅଧିକ ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି କରାଯାଇପାରିବ ବୋଲି କୁହାଯାଉଛି । ବିଏମ୍‌ସି ପକ୍ଷରୁ ଏକ ବଡ଼ଧରଣର ବୃକ୍ଷ ଚାରାରୋପଣ କରାଯିବ । ଯେଉଁଥିରେ ୧୦ ପ୍ରକାର ଶକ୍ତ ଗଛର ଚାରାକୁ ବ୍ୟବହାର କରାଯିବ । ଏଥିରେ ଯେଉଁ ଚାରାରୋପଣ ହେବ, ତା' ଯେମିତି ସାଧାରଣ ପବନ ତଥା କାଳବୈଶାଖୀ ଭଳି ବର୍ଷାରେ ଭାଙ୍ଗି ପଡ଼ିବନି । ସେହିଭଳି ମଜଭୁତ୍ ଗଛ ଲଗାଇବା ପାଇଁ ଯୋଜନା କରାଯାଉଛି । ଏଥିପାଇଁ ସିଟି ଫରେଷ୍ଟ ଡିଭିଜନ ପକ୍ଷରୁ ଦୁଇ ସପ୍ତାହ ଭିତରେ ଚାରା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି । ବିଏମ୍‌ସି ପକ୍ଷରୁ ମିଳିଥିବା ସୂଚନାନୁସାରେ, ବର୍ତ୍ତମାନ ଯେଉଁ ସ୍ଥାନରେ ଗଛ ଲାଗିବ, ତାହା ସର୍ବନିମ୍ନ ଅଧ ଏକରରୁ ୧୦ ଏକର ଭିତରେ ହୋଇଥିବା ଆବଶ୍ୟକ । ଏଥିପାଇଁ ଗାଡ଼କଣସ୍ଥିତ ସୈନିକ ସ୍କୁଲ ପାଖରେ ଥିବା ଟିଟିଏସ୍ ନିକଟରେ ସ୍ଥାନ ଚିହ୍ନଟ କରାଯାଇଛି । ଏହି ସ୍ଥାନ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ରହିଛି । ଏ ସମ୍ପର୍କରେ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସହରରେ ପ୍ରଦୂଷଣ ମାତ୍ରା ହ୍ରାସ କରିବା ପାଇଁ ହେଲେ ସବୁଜ ବଳୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଗତ ମୌସୁମୀ ସମୟରେ ୩ ହଜାର ୮ ଶହ ଚାରାରୋପଣ କରାଯାଇଛି । ସହରାଞ୍ଚଳରେ ଥିବା ୮୮ ବିଦ୍ୟାଳୟ ଓ ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଉଥିବା ୨୨ଟି ୱେଲୁ ସେଣ୍ଟରରେ ଏହି ଚାରା ସବୁରୋପଣ କରାଯାଇଥିଲା ବୋଲି ସେ କହିଛନ୍ତି ।

ସେ ଆହୁରି କହିଛନ୍ତି, ଗଛ ବଢ଼ିବା ପାଇଁ ଉପଯୋଗୀ ସ୍ଥାନରେ ଆମେ ପର୍ଯ୍ୟାୟକ୍ରମେ ବୃକ୍ଷରୋପଣ କାର୍ଯ୍ୟ ଜାରି ରଖିଛୁ । ଏଥିପାଇଁ ଆମେ ସହର ଭିତରେ ୨୩ଟି ସ୍ଥାନକୁ ଚିହ୍ନଟ କରିଛୁ । ଯେଉଁଠି ଗଛ ଆବଶ୍ୟକ ରକ୍ଷଣାବେକ୍ଷଣ ପାଇବା ସହ ବୃଦ୍ଧିରେ କୌଣସି ବାଧା ଉପୁଜିବନି । ସହରରେ ଜନସଂଖ୍ୟା ହୁ' ହୁ' ହୋଇ ବଢୁଥିବାରୁ ମାତ୍ରାଧିକ ସବୁଜ ବଳୟର ଆବଶ୍ୟକତା ରହିଛି । ଏହାଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି ।

# ଭଞ୍ଜନଗର କୃଷି ଜିଲ୍ଲାରେ କର୍ମଚାରୀ ଅଭାବ : ଭଗବାନଙ୍କ ଭରସାରେ ଚାଷୀ

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ଶିଳ୍ପବିହୀନ ଗଞ୍ଜାମ ଜିଲ୍ଲାବାସୀଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ । ହେଲେ ଭଞ୍ଜନଗର କୃଷି ଜିଲ୍ଲା ଅଧୀନ ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ଓ ବୁଗୁଡ଼ା ବ୍ଲକରେ ଆବଶ୍ୟକ କୃଷି କର୍ମଚାରୀ ନଥିବାରୁ ଚାଷୀ ବୈଜ୍ଞାନିକ ପରାମର୍ଶ ସହ ଆବଶ୍ୟକ ସୂଚନା ପାଇ ପାରୁନାହାନ୍ତି । ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଏହା ଅଧୀନ ୩ଟି ବ୍ଲକରେ ବ୍ଲକ କୃଷି ଅଧିକାରୀ ପଦବୀ ଖାଲି ପଡ଼ିଥିବାବେଳେ ସହକାରୀ କୃଷି ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି । ସେହିଭଳି ୩୯ଟି ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି । ଜଣେ ଅଧିକାରୀଙ୍କୁ ଦୁଇଟି ଅତିରିକ୍ତ ଦାୟିତ୍ୱ ଦିଆଯିବା ଫଳରେ ସେମାନଙ୍କ ଉପରେ କାର୍ଯ୍ୟ ଚାପ ପଡ଼ିଥିଲେ ମଧ୍ୟ ପଦବୀ ପୂରଣ ଦିଗରେ ସରକାରଙ୍କ ଦୃଷ୍ଟି ପଡୁନି । ଯାହା ଫଳରେ ବୈଜ୍ଞାନିକ ପରାମର୍ଶକୁ ଆଧାର କରି କ୍ଷେତରେ ସୁନାର ଫସଲ ଫଳାଇବାକୁ ଆଶା ବାନ୍ଧିଥିବା ଭଞ୍ଜନଗର କୃଷି ଜିଲ୍ଲାର ଚାଷୀକୁ ଭଗବାନଙ୍କ ଭରସାରେ ରହିବାକୁ ପଡୁଛି । ବର୍ତ୍ତମାନ ସମୟରେ ଖରିଫ୍ ଚାଷ କାମ ଆରମ୍ଭ ହୋଇ ସାରିଛି । ବିହନ ବୁଣି ସାରି ଚାଷୀ ବଡ଼ ବର୍ଷାକୁ ଅପେକ୍ଷା କରି ରହିଛି । ହେଲେ ଭଞ୍ଜନଗର କୃଷି ଜିଲ୍ଲାରେ କର୍ମଚାରୀ ମରୁଡ଼ି ଯୋଗୁ ଚାଷୀ ବୈଜ୍ଞାନିକ ପରାମର୍ଶ ପାଇବା ତ ଦୂରର କଥା ଆବଶ୍ୟକ ସୂଚନା ବି ପାଇ ପାରୁନି । କୃଷି ଜିଲ୍ଲା ଅଧୀନ ୪ଟି ବ୍ଲକରେ କର୍ମଚାରୀ ଓ କୃଷି ଅଧିକାରୀଙ୍କ ସଙ୍କଟ ଯୋଗୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି । ଏଭଳି ଅଚଳାବସ୍ଥା ଚାଷୀଙ୍କୁ ବିମୁଖ କରିଛି । ବର୍ତ୍ତମାନର ଜିଲ୍ଲା କୃଷି ଅଧିକାରୀ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଖରିଫ ଚାଷ କାମ ଆରମ୍ଭ ହୋଇ ଯାଇଥିବାରୁ ସେ ଅଧିକାଂଶ ସମୟ ଜିଲ୍ଲା ମୁଖ୍ୟାଳୟରେ ରହୁଛନ୍ତି । ସେହି ଭଳି ବେଲଗୁଣ୍ଠା, ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକ କୃଷି ଅଧିକାରୀ ପଦ ଖାଲି ପଡ଼ିଛି । ସେଠାରେ ସହକାରୀ କୃଷି ଅଧିକାରୀମାନେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ସେହିପରି ଚାଷୀଙ୍କୁ ପରାମର୍ଶ, ସରକାରୀ ସହାୟତା ସଂକ୍ରାନ୍ତରେ ଅବଗତ କରାଇବା ଏବଂ ଚାଷୀଙ୍କୁ ନୂତନ ଜ୍ଞାନ କୌଶଳ ସଂକ୍ରାନ୍ତରେ ସଚେତନ କରିବା ପାଇଁ ୫୮ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ମାତ୍ର ୧୯ ଜଣ ରହିଛନ୍ତି । ୪ଟି ବ୍ଲକ୍‌ରେ ୩୯ଟି ଭିଏଡବ୍ଲ୍ୟୁ ପଦବୀ ଖାଲି ପଡ଼ିଛି । କୃଷି ଜିଲ୍ଲା କାର୍ଯ୍ୟାଳୟର କିରାଣି ପଦବୀରେ ୪ ଜଣ ବଦଳରେ ଜଣେ ରହିଛନ୍ତି । ୩ ପଦବୀ ଖାଲି ପଡ଼ିଛି । ପିଅନ ଓ ରାତ୍ର ଜଗୁଆଳି ପଦବୀ ମଧ୍ୟ ଖାଲି ପଡିଛି । କୃଷି ବିଭାଗରେ କର୍ମଚାରୀ ଓ କୃଷି ଅଧିକାରୀଙ୍କ ସଙ୍କଟ ଯୋଗୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି । ଏହା ସହ ପିଏମ୍ କିଶାନ, କାଳିଆ, କୃଷକ ପୋର୍ଟାଲ ଭଳି ବିଭିନ୍ନ କାର୍ଯ୍ୟ କୃଷି କର୍ମଚାରୀଙ୍କ ଉପରେ ନ୍ୟସ୍ତ ଥିବାରୁ ସେମାନେ ଚାଷୀଙ୍କୁ ସମୟ ଦେବାରେ ବିଳମ୍ବ ହେଉଛି । ଏଭଳି ସମସ୍ୟାର ପ୍ରତିକାର ପାଇଁ କାହାରି ଦୃଷ୍ଟି ପଡୁ ନଥିବା ବେଳେ ଭଗବାନଙ୍କ ଉପରେ ଭରସା କରି ଚାଷୀମାନଙ୍କୁ ରହିବାକୁ ପଡୁଛି ।

# ସୁଭଦ୍ରା ଯୋଜନାକୁ ନେଇ କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ : ଉପ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସୁଭଦ୍ରା ଯୋଜନାକୁ ନେଇ କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସେ କହିଛନ୍ତି ଯେ, ମୁଁ ପୂର୍ବରୁ କହିଥିଲି



୧୦୦ ଦିନ ମଧ୍ୟରେ ସୁଭଦ୍ରା ଯୋଜନା ଉପରେ ନିଷ୍ପତ୍ତି ନିଆଯିବ । ବର୍ତ୍ତମାନ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ନୋଟିଫିକେସନ ବାହାରିନି । ତେଣୁ ଏଭଳି ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ସେ କହିଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୪ ଜୁଲାଇ, ୨୦୨୪ ଗୁରୁବାର





# ଦର ନିୟନ୍ତ୍ରଣ ଲାଗି ଛୋଟ ଇଞ୍ଜିନ ବଡ଼ ଇଞ୍ଜିନକୁ ସହାୟତା ମାଗୁ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ଓ ପନିପରିବା ଦର ଆକାଶ ଛୁଆଁ ହୋଇଛି। ରାଜ୍ୟରେ ପରିବର୍ତ୍ତନ ଓ ସୁଶାସନ ନାରା ଦେଇ ସରକାରକୁ ଆସିଛି ବିଜେପି। କିନ୍ତୁ ଦରଦାମ ନିୟନ୍ତ୍ରଣ ଲାଗି ପଦକ୍ଷେପ ନେଉନାହାନ୍ତି ବିଜେପି ସରକାର । ପରିବା ଦର ଆମ ହାତରେ ନାହିଁ ବୋଲି କହି ହାତ ଟେକି ଦେଉଛନ୍ତି ଯୋଗାଣ ମନ୍ତ୍ରୀ। ଏନେଇ ବୁଧବାର ଶାସକ ଦଳ ବିଜେପିକୁ ଘେରିଛି ବିଜେଡି। ଦରଦାମ ନିୟନ୍ତ୍ରଣ ଲାଗି ସରକାର ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଓ ଲେଖାଶ୍ରୀ ସାମନ୍ତସିଂହାର । ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ, ପନିପରିବା ଆକାଶ ଛୁଆଁ ରହିଛି। ରାଜ୍ୟରେ ପରିବର୍ତ୍ତନ ଓ ସୁଶାସନ ନାରା ଦେଇ ବିଜେପି ସରକାର ଦରଦାମ ଆକାଶଛୁଆଁ କରିଛନ୍ତି। ସାଧାରଣ ଲୋକ ଆଶା କରୁଛନ୍ତି ଭଲ ଖାଇବେ ଓ ଶସ୍ତାରେ ପାଇବେ। ହେଲେ ରାଜ୍ୟରେ ଚାଉଳ, ଡାଲି, ପନିପରିବା ଦର ହୁ ହୁ ହୋଇ ବୃଦ୍ଧି ହେଉଛି। ରାଜ୍ୟ ସରକାର ଦରଦାମକୁ ନିୟନ୍ତ୍ରଣ କରୁନାହାନ୍ତି। ଯୋଗାଣ ମନ୍ତ୍ରୀ କହୁଛନ୍ତି ପନିପରିବା ଦରଦାମ ନିୟନ୍ତ୍ରଣରେ ସରକାରଙ୍କର ଭୂମିକା ନାହିଁ। ଏହି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସାଧାରଣ ଲୋକ ଆଶା କରିଥିଲେ ବିଜେପି ଶାସନକୁ ଆସିଲେ ମଙ୍ଗଳ କରିବେ। କିନ୍ତୁ ଏବେ କେମିତି ସୁଶାସନ ଆରମ୍ଭ ହେଇଛି, ତାହା ଜଣାପଡୁଛି ।ସାଧାରଣ ଲୋକେ ଭୋଟ ଦେଇଛନ୍ତି ସେମାନଙ୍କୁ ବିଜେପି ସରକାର ଏବେ ସୁଶାସନ ଦେଉ। ସାଧାରଣ ଲୋକ ଅତ୍ୟାବଶ୍ୟକ ସାମଗ୍ରୀ କେମିତି ଶସ୍ତାରେ ପାଇବେ, ସେ ବ୍ୟବସ୍ଥା କରନ୍ତୁ ।ଲୋକେ ଅତିଷ୍ଠ ହୋଇ ପଡିଲେଣି, ସରକାର ପଦକ୍ଷେପ ନିଅନ୍ତୁ। ନହେଲେ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବ । ସେହିପରି ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ଯଦି ବିଜେପିର ବିଜୟ ଉତ୍ସବ ସରିଲାଣି, ତାହେଲେ ଯେଉଁ ଭୋଟରେ ଜିତିଛନ୍ତି ସେ ତାଙ୍କ ହିତ କଥା ଚିନ୍ତା କରନ୍ତୁ।



ଦରଦାମ ହୁହୁ ହୋଇ ବଢୁଛି। ଯୋଗାଣ ମନ୍ତ୍ରୀ ଦାୟିତ୍ୱହୀନ ମନ୍ତବ୍ୟ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଦରଦାମ୍ ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। କିନ୍ତୁ ସରକାରଙ୍କ ଦାୟିତ୍ୱ ଦରଦାମ ନିୟନ୍ତ୍ରଣରେ ରଖିବା। ଯାହାଫଳରେ ଲୋକେ ଜିନିଷ କିଣି ବ୍ୟବହାର କରିପାରିବେ । ରାଜ୍ୟ ସରକାର ହାତ ଟେକି ଦେବା ଦୁର୍ଭାଗ୍ୟଜନକ। ମନ୍ତ୍ରୀ ଦରଦାମକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ବାହାର ରାଜ୍ୟରୁ ପରିବା ଆସୁଛି। ସେଠି ଦର ବଢିଛି ବୋଲି ଏଠି ବଢୁଛି ବୋଲି ମନ୍ତ୍ରୀ କହୁଛନ୍ତି। ଯାହା ସତ୍ୟ ନୁହେଁ। ବ୍ୟବସାୟୀ ସଂଘ କହୁଛି ହୋର୍ଡିଙ୍ଗ ଯୋଗୁଁ ଦର ବଢୁଛି। ଓଡ଼ିଶା ଚାଉଳ ବଳକା ରାଜ୍ୟ। ତାହେଲେ ଏଠି ଚାଉଳ ଦର କେମିତି ବଢୁଛି। ଅର୍ଥାତ ଏଠି ଚାଉଳ ହୋର୍ଡିଙ୍ଗ ହେଉଛି। ଏହାଦ୍ୱାରା ସ୍କୁଲରେ ମିଡ’ ଡେ ମିଲ୍ ପ୍ରଭାବିତ ହେଉଛି। ମିଡ’ ଡେ ମିଲର ଗୁଣାତ୍ମକ ମାନ କମୁଛି। ଅଣ୍ଡା ଦାମ ୭ ଟଙ୍କା। ଦରଦାମ ନିୟନ୍ତ୍ରଣକୁ ନ ଆସିଲେ ପିଲା ଦରଦାମ ବୋଝରେ ରହିବେ। ଦରଦାମ ନିୟନ୍ତ୍ରଣ ଲାଗି ରାଜ୍ୟ ସରକାର କ’ଣ କରୁଛନ୍ତି, ତାହା ସ୍ପଷ୍ଟ କରନ୍ତୁ ।ଅଶ୍ୱିନୀ ଚୌବେ ରାଜ୍ୟସଭାରେ ଦରଦାମ ନିୟନ୍ତ୍ରଣର ଉପାୟ କହିଛନ୍ତି। ଏଠି ଡବଲ ଇଞ୍ଜିନ ସରକାର। ତେଣୁ ଛୋଟ ଇଞ୍ଜିନ, ବଡ଼ ଇଞ୍ଜିନର ସହାୟତା ନିଅନ୍ତୁ । ସହାୟତାର ହାତ ଓ ଷ୍ଟକ ମାଗନ୍ତୁ। ରାଜ୍ୟ ସରକାର ନିଜେ କିଣି ଅତ୍ୟାବଶ୍ୟକୀୟ ଜିନିଷ ଲୋକଙ୍କୁ ଶସ୍ତାରେ ବିକନ୍ତୁ ବୋଲି କହିଛନ୍ତି ଲେଖାଶ୍ରୀ।

# ନୂଆ ସରକାରର ମନ୍ତ୍ରୀମାନଙ୍କୁ ମିଳିଲା ପିଏସ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ପ୍ରଥମ ବିଜେପି ସରକାରର ବିଭିନ୍ନ ମନ୍ତ୍ରୀମାନଙ୍କୁ ବ୍ୟକ୍ତିଗତ ସଚିବ (ପିଏସ୍ ) ଯୋଗାଇ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏହି ବିଜ୍ଞପ୍ତି ଅନୁସାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ବରିଷ୍ଠ ଓଏଏସ୍ ପ୍ରଦୀପ କୁମାର ସାହୁଙ୍କୁ ନିଯୁକ୍ତି ମିଳିଛି। ଶ୍ରୀ ସାହୁ ଏବେ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ଭାବେ ଓଏଏସ୍ ଅଫିସର ବିଶ୍ୱରଂଜନ ରଥଙ୍କୁ ଅବସ୍ଥାପିତ କରାଯାଇଛି । ଶ୍ରୀ ରଥ ଏବେ ବିଡିଏରେ ଯୁଗ୍ମ କମିଶନର ଭାବେ କାର୍ଯ୍ୟ କରୁଛନ୍ତି ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କାର୍ଯ୍ୟାଳୟରେ ଓଏସଡି(ଅଫିସର ଅନ ସ୍ପେଶାଲ ଡ୍ୟୁଟି) ଭାବେ ଓଏଏସ୍ ଅଫିସର ମନୋଜ କୁମାର ବେହେରାଙ୍କୁ ନିଯୁକ୍ତି ମିଳିଛି। ବିଡିଏ ଲ୍ୟାଣ୍ଡ ଅଫିସର ଶ୍ରୀ ବେହେରା ଗତ ସପ୍ତାହରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲେ ।

ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବ୍ୟକ୍ତିଗତ ସଚିବ ଭାବେ ଓଏଏସ୍ ଅଫିସର ସମ୍ବିତ କୁମାର ଗଡ଼ନାୟକଙ୍କୁ ନିଯୁକ୍ତି ମିଳିଛି। ଶ୍ରୀ ଗଡ଼ନାୟକ ଏବେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଭାବେ ନିକୁଞ୍ଜ ବିହାରୀ ଧଳ ଦାୟିତ୍ୱ ନେବା ପରେ ୫ଜଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ସଚିବ ଓ ୨ଜଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଏଏସଡି ଭାବେ ଓଏଏସ ଅଫିସରଙ୍କୁ ଅବସ୍ଥାପିତ କରାଯାଇଛି।

# ଏସ୍‌ଇଏଫଡ଼ି ଓ ଚେତନା ଆଲୁମିନି ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବୁଧବାର ଚେତନା ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଓଏସ୍‌ଇଏଫଡ଼ି ସଂଘ ଓ ଚେତନା ଆଲୁମିନି ଆସୋସିଏସନ ପକ୍ଷରୁ ଚେତନା ଆଲୁମିନି ଆସୋସିଏସନର ସଭାପତି ତଥା ଓଏସ୍‌ଇଏଫଡ଼ି ସଂଘର ଯୁଗ୍ମ ସମ୍ପାଦକ ଆୟୁଷ୍ମାନ ଚୌଧୁରୀଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ, ଗଣଶିକ୍ଷା ଓ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚେତନା ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ବିନୟ ଭୂଷଣ ମହାପାତ୍ର



ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ଓ ପ୍ରଫେସର ନାରାୟଣ ଚନ୍ଦ୍ର ପତି ନିଜର ଅଭିଭାଷଣ ରଖିଥିଲେ। ଓଡ଼ିଶାରେ ୬୪୦୦୦ରୁ ଅଧିକ ସାଧାରଣ ବିଦ୍ୟାଳୟ ଅଛି ଏବଂ ପ୍ରାୟ ୧ ଲକ୍ଷ ୫୦ ହଜାର ବିଶେଷ ଅବଶ୍ୟକ ରଖୁଥିବା ପିଲା ଏହି ବିଦ୍ୟାଳୟ ମାନଙ୍କରେ ନାମ ଲେଖାଇଛନ୍ତି। କିନ୍ତୁ ସେମାନଙ୍କୁ ପଢ଼ାଇବା ପାଇଁ ତାଲିମପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କ ଆବଶ୍ୟକତା ରହିଛି, ଯାହାର କି ସମ୍ପୂର୍ଣ୍ଣ ଅଭାବ ରହିଛି ଏବଂ ଆଜିଯାଏଁ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହି ନିଯୁକ୍ତି ପାଇଁ ପି.ଡବ୍ଲୁ.ଡ଼ି ଆକ୍ଟ ୧୯୯୫, ଆର.ପି.ଡବ୍ଲୁ.ଡ଼ି ଆକ୍ଟ ୨୦୧୬ ଏବଂ ଆର.ଟି.ଇ ଆକ୍ଟ ୨୦୦୯ ରହିଛି। ତତ୍‌ସହିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ୨୦୨୧ ମସିହା ଅକ୍ଟୋବର ୨୮ ତାରିଖ ଡବ୍ଲୁ.ପି (ସି ) ୧୩୨ ଅଫ ୨୦୧୬ ରହିଛି। ସଂଘ ପକ୍ଷରୁ ପୂର୍ବ ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯିବା ସହ ରାଜରାସ୍ତାରେ ଅହୋରାତ୍ର ଧାରଣା ଦେଇଥିଲେ ମଧ୍ୟ ତାହା ସୁଫଳ ମିଳିନଥିଲା। ବର୍ତ୍ତମାନ ଓଡ଼ିଶାର ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଖ୍ୟାତି ଅର୍ଜନ କରିଥିବା ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାର୍ଥି ଉପସ୍ଥିତ ଥିଲେ।

# ମୁହଁ ଖୋଲିଲେ ବାବୁ, କାହିଁକି ଆସିଥିଲେ ଅମରେଶ, ବିରଞ୍ଚି



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେଡି କର୍ପୋରେଟର ଅମରେଶ ଜେନାଙ୍କ ବିଭୀଷଣ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରତାପ ଦେବଙ୍କ ଘରେ ଚାଲିଥିବା ବୈଠକରୁ ବାହାରିବା ପରେ ଅମରେଶ ଦଳରେ ବିଭୀଷଣ ଅଛନ୍ତି ବୋଲି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, କିଛି ଦଳୀୟ ନେତା ବିଜେଡି ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ଦଳରେ ବିଭୀଷଣ ଅଛନ୍ତି। କିନ୍ତୁ ସବୁଠି ବିଜେଡି ଏକଜୁଟ୍ ଅଛି। ଅନ୍ୟପକ୍ଷେ ମଙ୍ଗଳବାର ଏକାମ୍ର ବିଧାୟକ ବାବୁ ସିଂଙ୍କ ପାଖକୁ ଅମରେଶ, ବିରଞ୍ଚି ଆସିଥିବା ଚର୍ଚ୍ଚା ହୋଇଥିଲା। ଏ ନେଇ ବାବୁ ବୁଧବାର ନିଜର ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଅମରେଶ, ବିରଞ୍ଚି ତାଙ୍କ ପାଖକୁ ଆସିଥିଲେ। ଉଭୟ ନିଜ ଅଞ୍ଚଳରେ ଉନ୍ନତି ପାଇଁ ଆଲୋଚନା କରିବାକୁ ଆସିଥିବା ସେ କହିଛନ୍ତି। ବୁଧବାର ପ୍ରତାପ ଦେବଙ୍କ ବାସଭବନରେ ବିଜେଡି ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ, ପ୍ରମିଳା ମଲ୍ଲିକ, ବିଧାୟକ ସୁଶାନ୍ତ ରାଉତଙ୍କ ସହ କିଛି କର୍ପୋରେଟର ମଧ୍ୟ ଉପସ୍ଥିତ ଥିଲେ।

## ୭୨ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ : ତାରା ବାହିନୀପତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେପି ଯୁବ ମୋର୍ଚ୍ଚା ଓ କଂଗ୍ରେସ କର୍ମୀ ପିଟାପିଟି ହେବା ଘଟଣାରେ ଘଟଣାରେ ଆକ୍ରମଣକାରୀଙ୍କୁ ୭୨ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଦାବି କରିଛନ୍ତି। ଏହା କରାନଗଲେ ସାରା ରାଜ୍ୟରେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି। ଆବଶ୍ୟକ ପଡ଼ିଲେ ୨୦ ହଜାର ଯୁବ ଛାତ୍ରଙ୍କ ସହ ବିଜେପି ପାର୍ଟି ଅଫିସରେ ଜୋର ଜବରଦସ୍ତ ପଶିବୁ ବୋଲି କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି। ସୂଚନାଯୋଗ୍ୟ, ରାହୁଲ ଗାନ୍ଧୀ ସଂସଦରେ ହିନ୍ଦୁ ଧର୍ମକୁ ନେଇ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ମଙ୍ଗଳବାର ଅପରାହ୍ନରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାହୁଲଙ୍କ କୁଶପୁତଳିକା ଦାହ ସହ କଂଗ୍ରେସ ଭବନ ସମ୍ମୁଖରେ ଲାଗିଥିବା ରାହୁଲ ଗାନ୍ଧୀଙ୍କ ଫଟୋ ଉପରକୁ ଗୋବର ମାରିଥିଲେ। ଏହାପରେ କଂଗ୍ରେସ ଭବନରେ ଥିବା କିଛି ଯୁବ ଓ ଛାତ୍ର କଂଗ୍ରେସର ନେତା ଏହାର ପ୍ରତିବାଦ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ହାତାହାତି ହୋଇଥିଲା।

# ଯୌନ ନର୍ଯାତନା ଅଭିଯୋଗରେ ବୁଦ୍ଧ ଅବତାରୀ ନେପାଳୀ ଯୁବକଙ୍କୁ ୧୦ ବର୍ଷ ଜେଲ୍

**କାଠମାଣ୍ଡୁ**

ଲୋକମୁଖରେ ଭଗବାନ ବୁଦ୍ଧଙ୍କ ଅବତାର ବୋଲି କୁହାଯାଉଥିବା ଜଣେ ନେପାଳୀ ଯୁବକଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ସେଠାକାର ଏକ ଅଦାଲତ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ କରିଛନ୍ତି। ନାବାଳିକା ଯୌନ ନିର୍ଯାତନା ଅଭିଯୋଗରେ ରାମ ବାହାଦୁର ବମଜାନ ନାମକ ଏହି ଯୁବକଙ୍କୁ ନେପାଳର ସରଲାହି ଜିଲ୍ଲା କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୩,୭୫୦ ଆମେରିକୀୟ ଡଲାର ଦେବାକୁ ସଂପୃକ୍ତ କୋର୍ଟ ବମଜାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜାନୁଆରୀ ମାସରେ କାଠମାଣ୍ଡୁ ଉପକଣ୍ଠସ୍ଥିତ ଏକ ଘରୁ ବମଜାନଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣା ପରେ ବୁଦ୍ଧଙ୍କ ଅବତାରକୁ ନେଇ ୩୩ ବର୍ଷୀୟ ବମଜାନଙ୍କ ଉପରେ ଲୋକଙ୍କ ଯେଉଁ ଧାରଣା ରହିଥିଲା ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଦଣ୍ଡାଦେଶ ବିରୋଧରେ ବମଜାନ ହାଇକୋର୍ଟରେ ଆବେଦନ କରିବେ ବୋଲି ତାଙ୍କ ଓକିଲ ଦିଲ୍ଲୀପ କୁମାର ଝା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୦୫ ମସିହାରେ ବମଜାନ ଚର୍ଚ୍ଚାକୁ ଆସିଥିଲେ ଯେତେବେଳେ ଜଣେ ୧୫ ବର୍ଷର ବାଳକ ଭାବେ ସେ ୧୦ ମାସ ଧରି ଜଙ୍ଗଲରେ ଏକ ଗଛ ତଳେ ବସି ତପସ୍ୟା କରୁଛନ୍ତି ବୋଲି ଖବର ପ୍ରସାରିତ ହୋଇଥିଲା। ଏହାପରେ କିଛି ଲୋକ ତାଙ୍କୁ ବୁଦ୍ଧଙ୍କ ଅବତାର ବୋଲି ବିବେଚନା କରିବା ସହିତ ତାଙ୍କ ଅନୁଗାମୀ ହୋଇଯାଇଥିଲେ।

# ଷ୍ଟେଟ୍ ବ୍ୟାଙ୍କ ବାରିପଦା ସିଟି ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ନୂତନ ଶାଖା ବାରିପଦା ସ୍ଥିତ ୱାର୍ଡ ନଂ ୧୫ ବାଘଡ଼ା ରୋଡ଼ଠାରେ ଦିନେଶ ପରୁଥି, ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍. ପୋଉମବଲମ ମହା ପ୍ରବନ୍ଧକ, ଶୈଳେଶ କୁମାର ସିହ୍ନା ଉପ-ମହାପ୍ରବନ୍ଧକ ବାଲେଶ୍ୱର ଅଞ୍ଚଳ, ଶ୍ରୀ ଜଗନ୍ନାଥ ଶ୍ରୀଚନ୍ଦନ ନାୟକ କ୍ଷେତ୍ରୀୟ ପ୍ରବନ୍ଧକ ଆଦି ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ବାରିପଦା ସିଟି ଶାଖା ମୟୂରଭଞ୍ଜ ଜିଲ୍ଲାରେ ଷ୍ଟେଟ୍ ବ୍ୟାଙ୍କର ୩୩ତମ ଶାଖା ଅଟେ। ଏହି



ଅବସରରେ ଏଭରେଷ୍ଟ ପର୍ବତାରୋହୀ ଓ ଅବସର ପ୍ରାପ୍ତ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପ୍ରସନ୍ନ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ସାମ୍ପ୍ରଦାୟିକ ପ୍ରତିକ୍ରିୟାଶୀଳ ମନ୍ତବ୍ୟ ଯୋଗୁଁ

# ରାହୁଲଙ୍କ ଭାଷଣର ଅନେକାଂଶ ରେକର୍ଡରୁ ହଟାଗଲା

**ନୂଆଦିଲ୍ଲୀ**

ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ଧନ୍ୟବାଦ ପ୍ରସ୍ତାବ ବିତର୍କରେ ଭାଗନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଦନରେ ବିଜେପି, ଆରଏସ୍‌ଏସ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସରକାରକୁ ଟାର୍ଗେଟ୍ କରି ନିୟମ-ସଂଜମ-ସୀମା-ନିୟନ୍ତ୍ରଣ ବିବର୍ଜିତ ଯେଉଁ ତୁମୁଳ ଆକ୍ରମକ ଭାଷଣ ଦେଇଥିଲେ ତାହାର ଅନେକାଂଶକୁ ବାଚସ୍ପତି ଓମ୍ ବିର୍ଲାଙ୍କ ନିର୍ଦ୍ଦେଶକ୍ରମେ ଗୃହ ବିବରଣୀରୁ ହଟାଇ ଦିଆଯାଇଛି। ଶାସକ ଦଳର ନେତାମାନେ ସାମ୍ପ୍ରଦାୟିକ ବିଭେଦ ସୃଷ୍ଟି କରୁଥିବା ନେଇ ରାହୁଲଙ୍କ ବିବୃତିକୁ ଗୃହ ବିବରଣୀରୁ ହଟାଯାଇଛି। ରାହୁଲଙ୍କ ହିନ୍ଦୁ, ବିଜେପି-ଆରଏସ୍‌ଏସ୍- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସଂଖ୍ୟାଲଘୁ, ନିଟ୍ ପ୍ରଶ୍ନପତ୍ର ପ୍ରଘଟ ବିଭ୍ରାଟ, ଅଗ୍ନିବୀର ସ୍କିମ୍, ଶିଳ୍ପପତି ଆଦାନି-ଅମ୍ବାନି ଆଦି ନେଇ ବିବୃତି ଓ ମନ୍ତବ୍ୟଗୁଡ଼ିକୁ ମଧ୍ୟ ଗୃହ ବିବରଣୀରୁ ହଟାଯାଇଛି। ପ୍ରତିକ୍ରିୟାରେ ରାହୁଲ କହିଛନ୍ତି, ମୋଦିଙ୍କ ଜଗତରେ ସତ୍ୟକୁ ହଟାଇ ଦିଆଯାଇ ଥାଏ। କିନ୍ତୁ ବାସ୍ତବତା ହେଉଛି ସତ୍ୟକୁ କେବେ ହଟାଯାଇ ନ ପାରେ। ଲୋକସଭାରେ ତାଙ୍କର ଯାହା କହିବାର ଥିଲା, ସେ କହିଛନ୍ତି ଓ ତାହା ସତ୍ୟ। ଗୃହ ବିବରଣୀରୁ ଯାହା ପାରୁଛନ୍ତି ହଟାନ୍ତୁ। ସତ୍ୟ ହିଁ ସତ୍ୟ। ରାହୁଲ ଗାନ୍ଧୀ ତାଙ୍କ ଭାଷଣର ହଟାଯାଇଥିବା ଅଂଶଗୁଡ଼ିକୁ ଗୃହ ବିବରଣୀରେ ଯୋଡ଼ିବା ନିମନ୍ତେ ଅନୁରୋଧ କରି ବାଚସ୍ପତି ବିର୍ଲାଙ୍କୁ ପତ୍ର ଲେଖିଛନ୍ତି। ଅଭିବ୍ୟକ୍ତି ପରିପ୍ରକାଶର ଅଧିକାର ସମ୍ବିଧାନ ସମସ୍ତ ନାଗରିକଙ୍କୁ ଦେଇଥିବା ଦର୍ଶାଇ ରାହୁଲ ବାଚସ୍ପତିଙ୍କୁ ଜଣାଇଛନ୍ତି ଯେ ତାଙ୍କ ଭାଷଣରେ ଯେଉଁ ଅଂଶସବୁ କଟାଯାଇଛି ତାହା ରୁଲ ୩୮୦ ପରିସରଭୁକ୍ତ ହୋଇନଥିବାରୁ କଟାଯିବା କଥା ନୁହେଁ। ଆରଜେଡି ନେତା ମନୋଜ ଝା, ଆପ୍ ନେତା ସଞ୍ଜୟ ସିଂହ, ଶିବସେନା (ଉଦ୍ଧବ ଗୋଷ୍ଠୀ) ନେତା ସଞ୍ଜୟ ରାଉତ, କଂଗ୍ରେସ ନେତା ଶଶି ଥରୁର ପ୍ରମୁଖ କହିଛନ୍ତି, ରାହୁଲ ତାଙ୍କ ଭାଷଣରେ କିଛି ଭୁଲ କହିନାହାନ୍ତି।

# ଗୋଠଛଡ଼ା ଦନ୍ତାହାତୀମାନେ ଏବେ ଜନବସତି ମୁହାଁ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଗୋଠ ଛଡ଼ା ଦନ୍ତାହାତୀ ବୁଲୁଛନ୍ତି। ଏକଲାପଣ ଯୋଗୁଁ ଏହି ଦନ୍ତାମାନେ ବିଭିନ୍ନ ସ୍ଥାନରେ ଜନବସତି ମୁହାଁ ହେବା ସହ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ଏହି ହାତୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ମାନସିକ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ବନ ବିଭାଗ ଯୋଜନା କରିଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟରେ ଥିବା ୩୦୦ରୁ ଅଧିକ ଦନ୍ତା ହାତୀ ମଧ୍ୟରୁ ୧୨ଟି ଗୋଠଛଡ଼ା ଦନ୍ତା ଚିହ୍ନଟ ହୋଇଛନ୍ତି ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ରାଉରକେଲା, ବାରିପଦା, ଭୁବନେଶ୍ୱର ଓ ଅନୁଗୁଳ ଆଦି ୪ ସର୍କଲରେ ଏଭଳି ୩ଟି ଲେଖାଏଁ ଦନ୍ତା ହାତୀ ଚିହ୍ନଟ ହୋଇଛନ୍ତି। ଏହି ଦନ୍ତାଙ୍କୁ ଚିହ୍ନଟ କରି ସେମାନଙ୍କଠାରେ ରେଡ଼ିଓ କଲାର ଲଗାଇ ବିଭିନ୍ନ ଅଭୟାରଣ୍ୟରେ ଛଡ଼ାଯିବାକୁ ନିଷ୍ପତ୍ତି ହୋଇଛି। ଏହି ରେଡିଓ କଲାର ଲାଗିବା ଦ୍ୱାରା ହାତୀମାନଙ୍କର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇପାରିବ। ଅନ୍ୟପଟେ ଏହି ପଦକ୍ଷେପ ପରେ ଯଦି ସେମାନଙ୍କ ବ୍ୟବହାର ପରିବର୍ତ୍ତନ ନ ହୁଏ, ତେବେ ସେମାନଙ୍କୁ ହାତୀ ସୁଧାର କେନ୍ଦ୍ରରେ ରଖାଯିବାକୁ ବ୍ୟବସ୍ଥା କରାଯିବ ବୋଲି ପିସିସିଏଫ୍ କହିଛନ୍ତି। ଚନ୍ଦକାର ଦୁଇଟି ଓ ଖୋର୍ଦ୍ଧା ଚନ୍ଦକାରେ ବୁଲୁଥିବା ମାଖନାକୁ ଟ୍ରାଙ୍କୁଲାଇଜ କରିବାକୁ ଅନୁମତି ଦିଆସରିଛି। ଏମାନଙ୍କୁ ଶୀଘ୍ର ଚନ୍ଦକାର ହାତୀ ସୁଧାର କେନ୍ଦ୍ରକୁ ନିଆଯିବ ବୋଲି ବନ୍ୟପ୍ରାଣୀ ପିସିସିଏଫ କହିଛନ୍ତି। ସେହିପରି ଅନ୍ୟ ୯ଟି ହାତୀ କେତେ ଘର ଭାଙ୍ଗିଛନ୍ତି ଓ ଲୋକଙ୍କ ଜୀବନ ନେଇଛନ୍ତି, ତାହାର ରିପୋର୍ଟ ଡିଏଫଓମାନଙ୍କୁ ମଗାଯାଇଛି ବୋଲି ସେ କହିଛନ୍ତି।

# ସଙ୍କଟରେ ନେପାଳର ପ୍ରଚଣ୍ଡ ସରକାର

**କାଠମାଣ୍ଡୁ**

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ଓରଫ ପ୍ରଚଣ୍ଡଙ୍କ ସରକାର ପାଇଁ ପୁଣି ସଙ୍କଟ ସୃଷ୍ଟି ହୋଇଛି। ଚୀନ୍ ସମର୍ଥକ କେ.ପି. ଶର୍ମା ଓଲିଙ୍କ ଦଳ ସିପିଏନ-ୟୁଏମଏଲ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ନେଇଛି। ସିପିଏନ-ୟୁଏମଏଲ ଏବେ ନେପାଳୀ କଂଗ୍ରେସ ସହ ମେଣ୍ଟ କରିବାକୁ ନିଷ୍ପତ୍ତି ନେଇଛି। ୪ ମାସ ତଳେ ଶେର ବାହାଦୁର ଦେଓବାଙ୍କ ନେପାଳୀ କଂଗ୍ରେସଠାରୁ ମେଣ୍ଟ ଭାଙ୍ଗି ଓଲି ପ୍ରଚଣ୍ଡଙ୍କୁ ସମର୍ଥନ ଦେଇ ଥିଲେ। ଏବେ ସରକାରଙ୍କ ପାଖରେ ବହୁମତ ନାହିଁ ବୋଲି ଓଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଦେଓବାଙ୍କୁ ଭାରତର ସମର୍ଥକ ଧରାଯାଏ। ସେହିପରି ଓଲି ଚୀନ୍‌ର ଘନିଷ୍ଠ। ରବିବାର ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ପଦକୁ ନେଇ ଚର୍ଚ୍ଚା ହୋଇଥିଲା। ଏବେ ନେପାଳରେ ଦୁଇ ବର୍ଷରେ ତୃତୀୟ ଥର ପାଇଁ ସରକାର ବଦଳିବାକୁ ଯାଉଛି। ରିପୋର୍ଟ ଅନୁଯାୟୀ ନୂଆ ସରକାରରେ ଓଲି ଦେଢ଼ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହେବେ। ଓଲି ଚୀନ୍ କଥାରେ ଏଭଳି କରୁଛନ୍ତି ବୋଲି ଅଭିଯୋଗ ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗରିବୀ ଦୂରୀକରଣରେ...

ପ୍ରଚାର କରୁଛନ୍ତି ସେମାନଙ୍କ ପାଖରେ ସତ୍ୟ ଶୁଣିବାର ଶକ୍ତି ନାହିଁ। ସେମାନେ ଉପର ଗୃହ(ରାଜ୍ୟସଭା)କୁ ଅପମାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ୧୦୦ ଦିନର କାର୍ଯ୍ୟ ...

ନୂଆ ଚେହେରା ସ୍ଥାନ ପାଇଥିବାରୁ ସେମାନେ ଯେଭଳି ପ୍ରଭାବଶାଳୀ ଢଙ୍ଗରେ କାମ କରିବେ ତା’ ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବିଶେଷକରି ତୃଣମୂଳସ୍ତରରେ ଯୋଜନା ପଂହଚିବା ଉପରେ ମୁଖ୍ୟମନ୍ତ୍ରୀ ଫୋକସ କରିଛନ୍ତି। ନୂଆ ସରକାର ଶପଥ ନେବାର ମାତ୍ର ୩ ସପ୍ତାହ ହୋଇଛି ଆଉ ନୂଆ ମନ୍ତ୍ରୀ ନିଜ ନିଜ ବିଭାଗର ସମୀକ୍ଷା କରି ତଥ୍ୟ ନେଇଛନ୍ତି। ଏବେ ଆଗକୁ ବିଜେପି ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବାକୁ ବଡ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି।

### ବଦଳିବ ‘ମୋ’ ବସ୍’...

ସେଥି ମଧ୍ୟରୁ ଭୁବନେଶ୍ୱର ଓ କଟକ ପାଇଁ ଶହେ ଲେଖାଏଁ ବସ୍ ରହିବ । ଅବଶିଷ୍ଟ ବସଗୁଡ଼ିକୁ ଅନ୍ୟାନ୍ୟ ସହର ପାଇଁ ଦିଆଯିବ ବୋଲି କହିଛନ୍ତି ମନ୍ତ୍ରୀ । ମୋ’ ବସ୍ ଡ୍ରାଇଭରଙ୍କ ବେପରୱା ଗାଡ଼ି ଚାଳନା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ତେଣୁ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନିଆଯିବ । ମଝିରେ ମଝିରେ ଚେକିଂ କରାଯିବ । ଯେପରି ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାନ୍ତି ତାହା ଉପରେ କଡ଼ା ନଜର ରଖାଯିବ । ଏଥିସହ ଟ୍ରାଫିକ ସୁପରିଚାଳନା ଉପରେ ବି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ମନ୍ତ୍ରୀ । ମୋ’ ବସରେ ଚୋରି ମାମଲା ବଢୁଥିବା ନେଇ ଅଭିଯୋଗ ହେଉଥିବା ବେଳେ ଏହାକୁ ଗୁରୁତର ସହ ନେବୁ ବୋଲି ସେ କହିଛନ୍ତି। ମୋ’ ବସ୍ କର୍ମଚାରୀ ଯାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଆଗକୁ ଯେପରି ଏପରି ଭୁଲର ପୁନରାବୃତ୍ତି ନ ହୁଏ, ଯାତ୍ରୀଙ୍କୁ ଆନ୍ତରିକତାର ସହ ସ୍ୱାଗତ କରିବାକୁ ବସ୍ କର୍ମଚାରୀଙ୍କୁ କୁହାଯାଇଛି।

### ମାଲକାନଗିରିର ପୂର୍ବତନ...

ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ସୂଚନା ଅନୁସାରେ ଆଦିତ୍ୟ ମାଢ଼ୀଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯୋଗୁଁ ଏକ ବର୍ଷ ହେଲା ଅସୁସ୍ଥ ଥିଲେ। ନିକଟରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ସୂଚନାଯୋଗ୍ୟ, ଭାରତୀୟ ଜନତା ପାର୍ଟି (ବିଜେପି) ଟିକେଟରେ ଆଦିତ୍ୟ ମାଢ଼ୀ ଷୋଡ଼ଶ ବିଧାନସଭାକୁ ୨୦୧୪ରେ ନିର୍ବାଚିତ ହୋଇଥିଲେ। ସ୍ୱର୍ଗତ ଆଦିତ୍ୟ ମାଢୀ ଜଣେ ପରୋପକାରୀ, ଧର୍ମପରାୟଣ, ଶିକ୍ଷାବିତ ଏବଂ ଜଣେ ସ୍ୱୟଂ ସେବକ ଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଶୋକ :** ମାଲକାନଗିରିର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାଲକାନଗିରିର ବିକାଶ ରେ ବିଧାୟକ ଭାବେ ଆଦିତ୍ୟ ମାଢ଼ୀଙ୍କ ବଳିଷ୍ଠ ଯୋଗଦାନ ରହିଥିଲା। ଏଥିସହିତ ମାଲକାନଗିରି ଜିଲ୍ଲାରେ ଦଳକୁ ମଜଭୁତ୍ କରିବାରେ ମଧ୍ୟ ସେ ପ୍ରମୁଖ ଭୂମିକା ତୁଲାଇଥିଲେ। ଜଣେ ଲୋକପ୍ରିୟ ରାଜନେତା ଭାବେ ଜିଲ୍ଲାବାସୀଙ୍କ ନିକଟରେ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । **ବରୋଧୀ ଦଳ ନେତାଙ୍କ ଶୋକ :** ମାଲକାନଗିରିର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କ ଦେହାନ୍ତରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ସୋସିଆଲ ସାଇଟ୍ ଏକ୍ସରେ ସେ ଲେଖିଛନ୍ତି ମାଲକାନଗିରିର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜନପ୍ରତିନିଧି ଭାବେ ଲୋକଙ୍କ କଲ୍ୟାଣ ପାଇଁ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି। ତାଙ୍କର ବିୟୋଗରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ମାନସ ମାଡକାମୀ, ଜିଲ୍ଲା ବିଜେପି ସଭାପତି ନିମାଇଁ ପାଲ, ସାଧାରଣ ସଂପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ସଂଜୟ ସରକାର ସମେତ ସମସ୍ତ ରାଜନୈତିକ ଦଳର ନେତା ଓ କର୍ମୀମାନେ ଶୋକ ପ୍ରକାଶ କରିଛନ୍ତି।

### ମହିଳାଙ୍କୁ ଗର୍ଭାଶୟ ...

ଯେ ମହିଳାମାନେ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇପାରୁନାହାନ୍ତି । ଯେତେବେଳେ ସେମାନେ ହସ୍ପିଟାଲରେ ପହଞ୍ଚନ୍ତି, ସେତେବେଳେ ତାଙ୍କର ଗର୍ଭାଶୟ କର୍କଟ ତୃତୀୟ କିମ୍ବା ଚତୁର୍ଥ ପର୍ଯ୍ୟାୟରେ ଥାଏ । ସେମାନଙ୍କୁ ବଞ୍ଚାଇବା କଷ୍ଟକର ହୋଇଯାଏ । ତାଙ୍କ ବାପା କହୁଥିଲେ ମହିଳାମାନେ ପରିବାରର କେନ୍ଦ୍ର । ମହିଳାଙ୍କ ମୃତ୍ୟୁ ପରେ ସ୍ୱାମୀଙ୍କୁ ତ ଆଉ ଏକ ପତ୍ନୀ ମିଳିଯାଏ, କିନ୍ତୁ ପିଲାମାନେ ଅନ୍ୟ ମାଆ ପାଇପାରନ୍ତିନାହିଁ । ଏହା ବ୍ୟତୀତ ସୁଧାମୂର୍ତ୍ତି କହିଛନ୍ତି ଯେ ଲୋକମାନେ ଅଜନ୍ତା, ଏଲୋରା, ତାଜମହଲକୁ ଦେଖିବାକୁ ଯାଆନ୍ତି। କିନ୍ତୁ ଦେଶରେ ୪୨ଟି ଐତିହ୍ୟ ସ୍ଥାନ ଅଛି, ଯାହାର ଅଧିକ ପ୍ରଚାର କରାଯାଇ ନାହିଁ କିମ୍ବା ଲୋକମାନେ ସେମାନଙ୍କ ବିଷୟରେ ଅବଗତ ନୁହଁନ୍ତି । ଏହା ଆମର ଦେଶ । ଏହାର ସଂସ୍କୃତି ବିଷୟରେ ଆମେ ଜାଣିବା ଉଚିତ୍ ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/40245589/2024, ତା.26.06.2026 ରିଖ

ଟେଣ୍ଡର ସଂ. 40245589

ସାମଗ୍ରୀଗୁଡ଼ିକର ବିବରଣୀ : 160KVA, 3-ଫେଜ୍ ଟ୍ରାନ୍ସଫର୍ମର ଇତ୍ୟାଦିର ଯୋଗାଣ ।

ଟେଣ୍ଡର ମୂଲ୍ୟ (₹) : 44,84,000.00, EMD @ 2% (₹) : 89,680.00 ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.07.2024 ରିଖ 1500 ଘଟିକାରେ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର

PR-265/P/24-25



OFFICE OF SUPERINTENDING ENGINEER
MINOR IRRIGATION DIVISION, CUTTACK
A-111
Letter No. 2463 / Dt. 02.07.2024
GOVERNMENT OF ODISHA e-Procurement Notice
Bid Identification No. on line SECMID- 03 / 2024-25
eemidcuttack@yahoo.co.in

1. Name of work : - Renovation to MIPs in MI Sub-Division Tigiria.
2. Total Number of work :- 1(One) nos.
3. Estimated cost : - Rs. 58.13 lakhs
4. Tender paper Cost(Online) :- Rs.10,000/-
5. Bid Security (Online) :- As per DTCN
6. Period of Completion :- As per DTCN
7. Availability of Bid Document:- From 16.07.2024, 10.00 AM to 29.07.2024, 5.00 PM in website (www.tendersorissa.gov.in)
8. Last date & Time of receipt of:- 29.07.2024at 5.00 PM through online Bid through online
9. Date of opening of Technical Bid: - 30.07.2024 at 11.00 A.M in the office of the SE, M.I. Division, Cuttack Documents.
10. Date of opening of Financial Bid:- 02.08.2024 at 11.00 A.M in the office of the SE, M.I. Division, Cuttack Documents.
11. Date of Lottery, if required :- 17.08.2024 at 11.00AM in the office of the SE, M.I. Division, Cuttack
12. Name and address of the OIT :- Superintending Engineer, M.I. Division, Cuttack
P.O :- Nayabazar, Cuttack
Phone :- 0671-2443622
PINCODE :- 753004

Further details can be seen from the Government of Odisha Web-Sitewww.tendersorissa.gov.in

Sd/- Superintending Engineer
M.I Division, Cuttack
OIPR-32121/11/0002/2425



UTKAL BALASHRAM, GAJAPATI
g-35
Address: O/o- the Dist. Child Protection Unit, Gajapati
At-Room No.303, 2nd Floor,Collectorate,Po- Paralakhemundi,
PIN- 761200, Dist-Gajapati
e-mail ID: utkalbalashram.gajapati@gmail.com
(Societies Act 1860 Regd.No-42/2022-23 and JJ (C&PC) Act 2015 Regd. No.35/GJP/2023)

Letter No.193 /UB/Gpt Date:02-07 - 2024

**Advertisement**

Applications are invited from the eligible candidates for different posts in Utkal Balashram, Paralakhemundi, Gajapati in the prescribed forms. Following the process of engagement as laid down in the Resolution No. 10102/WCD-CW-MISC-0023-2020, dt- 15-09-2020 issued by The Women & Child Development Department, Govt. of Odisha.

| Sl. No. | Name of the Post | No. of Position |
|---|---|---|
| 01 | Counselor | 01 |
| 02 | House Father | 02 |
| 03 | Para Medical Staff | 01 |
| 04 | Cook | 01 |
| 05 | Helper | 01 |
| 06 | House Keeper | 01 |

The posts are purely temporary, contractual, time bound and co-terminous with the scheme or depending on the satisfactory performance whichever is earlier and remuneration/honorarium will be paid as per the norms of Mission Vatsalya under the W&CD Department, Govt. of Odisha and other details of eligibility, criteria, application form, other term and conditions are available in the website **gajapati.odisha.gov.in.**

Applicants must have the essential qualification along with adequate experience in the related field. The applicant must have good writing, speaking and reading knowledge in Odia.

The application with all required enclosures complete in every respect should be submitted to ***The President, Utkal Balashram, O/o the District Child Protection Unit, Room No. 303, 2nd floor, Collectorate, Paralakhemundi, Dist- Gajapati, PIN- 761200*** through online mode via **e-mail id: utkalbalashram.gajapati@gmail.com** on or **before 18-07-2024.by 5.30PM.** The candidates who are interested to apply more than one post they should make separate application against each post. Application received after due date or time will be rejected. No other mode of application will be accepted. The undersigned is not responsible for any delay and authority may cancel the advertisement without assigning any reason thereof.

Addl. District Magistrate (Rev.)-cum- President,
Utkal Balashram, Gajapati.
OIPR-33024/11/0003/2425

ଭୁବନେଶ୍ୱର
୪ ଜୁଲାଇ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ରତ୍ନଭଣ୍ଡାର ଖୋଲାଯିବା ଏକ ବଡ କଥା : ଗଜପତି ମହାରାଜା

**ପୁରୀ,୩।୭ ନ୍ୟୁଜ ବ୍ୟୁରୋ**

ରତ୍ନଭଣ୍ଡାର ଖୋଲାଯିବା ନେଇ ଗଜପତି ମହାରାଜା ଦିବ୍ୟସିଂହ ଦେବ ବୁଧବାର ତାଙ୍କର ପ୍ରତିକ୍ରିୟା ଦେଇଛନ୍ତି। ଏହି ପ୍ରତିକ୍ରିୟାରେ ମହାରାଜା କହିଛନ୍ତି, ଦୀର୍ଘ ୪୫ ବର୍ଷ ହେଲା ବନ୍ଦ ରହିଛି ଭିତର ରତ୍ନଭଣ୍ଡାର। ମରାମତି ନିହାତି ଆବଶ୍ୟକ ବୋଲି ଏଏସ୍ଆଇ କହିଛି। ରତ୍ନଭଣ୍ଡାର ଖୋଲିବା ନେଇ ସରକାରୀ ପ୍ରସ୍ତୁତି ଚାଲିଛି, ଏହା ଆନନ୍ଦର କଥା'। ରତ୍ନଭଣ୍ଡାର ଖୋଲି ମରାମତି ସହ ଗଣତି ମଣତି ନିହାତି ଆବଶ୍ୟକ ବୋଲି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି। ସୂଚନା ଅନୁଯାୟୀ, ଚଳିତ ମାସ ୮ ତାରିଖଠାରୁ ୨୭ତାରିଖ ପର୍ଯ୍ୟନ୍ତ ଅର୍ଥାତ ୨୦ ଦିନ ଧରି ରତ୍ନଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାରଗୁଡ଼ିକୁ ଗଣତିମଣତି କରାଯାଇପାରେ।



ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ଚଳିତ ମାସ ୫ତାରିଖରେ ରତ୍ନଭଣ୍ଡାର ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇପାରେ। ତେଣୁ କମିଟି ଅଧକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ୪ ତାରିଖରେ ଓଡ଼ିଶା ଆସୁଥିବା ସୂଚନା ମିଳିବା ପରେ ୫ତାରିଖରେ ବୈଠକ ବସି ରତ୍ନଭଣ୍ଡାର ଖୋଲିବା ନେଇ ଆଲୋଚନା କରାଯିବା ସହ ଅଳଙ୍କାର ଗଣତିମଣତି ନେଇ ନିଷ୍ପତ୍ତି ହୋଇପାରେ ବୋଲି ଅନୁମାନ କରାଯାଉଛି। ତେବେ ଏନେଇ ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଅପରପକ୍ଷରେ ପୂର୍ବରୁ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ୮ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ନେଇ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଥିଲେ, ଯାହାକୁ ପରେ ଆଇନମନ୍ତ୍ରୀ ଖଣ୍ଡନ କରିଥିଲେ। ସରକାରଙ୍କ ପକ୍ଷରୁ ଅନେକ ସମୟରେ କୁହାଯାଇଛି କି, ଉପଯୁକ୍ତ ସମୟରେ ରତ୍ନଭଣ୍ଡାର ଖୋଲାହେବ। ମାତ୍ର କେଉଁ ସମୟରେ ଖୋଲାହେବ ସେ ନେଇ କୌଣସି ସୂଚନା ପ୍ରଦାନ କରାଯାଉନାହିଁ।

## ସୁସ୍ଥ ହୋଇସାରିଲେଣି ଚତୁର୍ଦ୍ଧାମୂର୍ତ୍ତି

# ରାଜପ୍ରାସାଦ ବିଜେ ନୀତି ନେଇ ଗଜପତିଙ୍କୁ କରାଗଲା ଅବଗତ

**ପୁରୀ, ୩/୭ ନ୍ୟୁଜ ବ୍ୟୁରୋ**

ଅଣସରର ବୁଧବାର ଦ୍ୱାଦଶୀ ତିଥି । ବୁଧବାର ଶ୍ରୀଜିଉଙ୍କର ଅନୁଷ୍ଠିତ ହୋଇଛି ରାଜପ୍ରାସାଦ ବିଜେ ନୀତି । ଶ୍ରୀମନ୍ଦିରରେ ସକାଳଧୂପ ନୀତି ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଫିଟିବା ସହ ଶ୍ରୀମନ୍ଦିରରୁ ଶ୍ରୀନହରକୁ ରାଜପ୍ରସାଦ ବିଜେ କରାଯାଇଛି । ମଙ୍ଗଳବାର ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଖଳି ଲାଗି ଓ ନାଲି ବସ୍ତ୍ର ଲାଗି କରାଯାଇଥିବା ବେଳେ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ଔଷଧ ମଧ୍ୟ ମହାପ୍ରଭୁଙ୍କୁ ଲାଗି କରାଯାଇଥିଲା । ପରମ୍ପରା ଅନୁସାରେ, ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ



ଏହି ସୂଚନା ଗଜପତି ମହାରାଜାଙ୍କୁ ସୂଚିତ କରାଇବା ପାଇଁ ଦଇତାପତି ଓ ବିଦ୍ୟାପତି ଶ୍ରୀଜୀଉଙ୍କ ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ରକୁ ନେଇ ଶ୍ରୀମନ୍ଦିରରୁ ଶ୍ରୀନହରକୁ ବିଜେ କରିଥିଲେ । ସେପଟେ ଆଉ ମାତ୍ର ତିନିଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଥିବାରୁ ତିନିରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ରଥଯାତ୍ରାରେ ପ୍ରବଳ ଭକ୍ତଙ୍କ ସମାଗମ ହେବାକୁ ଥିବାବେଳେ ରାଷ୍ଟ୍ରପତି ମଧ୍ୟ ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ୍ ହେବାକୁ ଯାଉଛନ୍ତି । ତେଣୁ ଜିଲ୍ଲା ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ପ୍ରସ୍ତୁତିକୁ ଜୋରଦାର କରାଯାଉଛି । ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା । ଚଳିତବର୍ଷ ଗୁଣ୍ଡିଚା ଯାତ୍ରା ଦିନ ନେତ୍ରୋତ୍ସବ, ନବଯୌବନ ଦର୍ଶନ ପଡୁଛି । ତେଣୁ ନୀତି ଅଧିକ ଥିବାରୁ ଚଳିତ ନବଯୌବନ ଦର୍ଶନକୁ ଭକ୍ତଙ୍କ ପାଇଁ ବନ୍ଦ କରାଯାଇଛି । ଚଳିତ ରଥଯାତ୍ରା ଦୁଇ ଦିନ ଅନୁଷ୍ଠିତ ହେବ । ୭ତାରିଖ ଅପରାହ୍ନ ୫ଟାରେ ରଥ ଟାଣିବେ ଭକ୍ତ । ପରଦିନ ଅର୍ଥାତ ୮ ତାରିଖରେ ମଧ୍ୟ ପୁଣି ଭକ୍ତ ରଥ ଟାଣିବେ ।

# ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦେଲେ ସେବାୟତ



**ସାକ୍ଷୀଗୋପାଳ,୩।୭ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର ସରକାରୀ ବାସଭବନରେ ବୁଧବାର ଶ୍ରୀ ସାକ୍ଷୀଗୋପାଳ ମନ୍ଦିର ସେବାୟତମାନେ ସାକ୍ଷାତ କରିଛନ୍ତି। ଠାକୁରଙ୍କ ଚନ୍ଦନ ତୁଳସୀ, ଭୋଗ ସହିତ ଖଣ୍ଡୁଆପାଟ ଓ ଫୁଲମାଳ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ ପାଇଁ ସେବାୟତ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା ସହ ବହୁବିଧ ସମସ୍ୟା ଥିବା ସାକ୍ଷୀଗୋପାଳ ମନ୍ଦିର ବିକଶିତ କରିବା ନେଇ ଏକ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନର ସାକ୍ଷୀ ଦେବାକୁ ସାକ୍ଷୀଗୋପାଳ ମନ୍ଦିରକୁ ପ୍ରତିଦିନ ତୀର୍ଥଯାତ୍ରୀମାନଙ୍କର ସମାଗମ ଲାଗିଛି। ଗମନାଗମନଠାରୁ ତୀର୍ଥଯାତ୍ରୀ ମନ୍ଦିର ନିକଟରେ ମୌଳିକ ସୁବିଧା ଯୋଗାଇ ଦେବା ଏବଂ ସୁବ୍ୟବସ୍ଥିତ ପରିଚାଳନା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ସମୟରେ ସ୍ଥାନୀୟ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସହିତ ସେବାୟତ ବିଶ୍ୱନାଥ ମହାପାତ୍ର, ରାମଚନ୍ଦ୍ର ନନ୍ଦ, ପ୍ରତାପ ମହାପାତ୍ର, ଉମେଶ ନନ୍ଦ, ଶ୍ୟାମସୁନ୍ଦର ମହାପାତ୍ର, ରାଜକିଶୋର ମହାପାତ୍ର, ରବିନାରାୟଣ ପତ୍ରୀ, ବାବୁ ମେକାପଙ୍କ ସହିତ ପୁରାଣ ପଣ୍ଡିତ ବାଳକୃଷ୍ଣ ମହାପାତ୍ର ଉପସ୍ଥିତ ରହିଥିଲେ।

## ହାଇକୋର୍ଟରେ ସତ୍ୟପାଠ ଦାଖଲ

# ରଥଯାତ୍ରା ବେଳେ ପୁରୀ ବଡ଼ଦାଣ୍ଡରେ ବ୍ୟବସାୟିକ ଷ୍ଟଲ ମନା

**କଟକ, ୩/୭ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ବେଳେ ପୁରୀ ବଡଦାଣ୍ଡରେ ବ୍ୟବସାୟ ଷ୍ଟଲ ଲଗାଇବା ମନା । ଏନେଇ ପୁରୀ ପୌରପାଳିକା ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ମଧ୍ୟ ଦାଖଲ କରାଯାଇଛି । କେବଳ ଜନହିତକାରୀ ଷ୍ଟଲଗୁଡିକ ଅସ୍ଥାୟୀ ଭାବରେ ନିର୍ମାଣ କରାଯିବ ବୋଲି ସତ୍ୟପାଠରେ ଦାଖଲ କରିଛି ପୌରପାଳିକା । ରଥଯାତ୍ରା ବେଳେ ବଡ଼ଦାଣ୍ଡରେ ପୌରପାଳିକା ପକ୍ଷରୁ ନିୟମ ଖିଲାପ କରି ଅସ୍ଥାୟୀ ଷ୍ଟଲ ନିର୍ମାଣ ପ୍ରସଙ୍ଗରେ ଦାୟର ମାମଲାରେ ହାଇକୋର୍ଟ ଜବାବ ତଲବ କରିଥିଲେ । ଏନେଇ ସତ୍ୟପାଠ ଦାଖଲ ପାଇଁ ପୁରୀ ପୌରପାଳିକାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରଜତ କୁମାର ସାହୁଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଥିଲେ ।



ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଅଢେଇ କିଲୋମିଟର ବଡ଼ଦାଣ୍ଡକୁ ୨୦୨୨ ମସିହାରେ ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଥିଲା । ଅତୀତରେ ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ବ୍ୟବସାୟୀଙ୍କୁ ଅସ୍ଥାୟୀ ଦୋକାନ ପାଇଁ ଅନୁମତି ଦିଆଯିବାକୁ ନେଇ ବିବାଦ ଦେଖାଦେଇଥିଲା । ଏନେଇ ୨୦୧୬ରେ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା । ଜାତୀୟ ରାଜପଥ ଘୋଷଣା କରାଯାଇଥିବା ବଡ଼ଦାଣ୍ଡରେ କୌଣସି ଭେଣ୍ଡିଂ ଜୋନ୍ ବା ଦୋକାନ ପାଇଁ ଅନୁମତି ଦିଆଯାଉନାହିଁ ବୋଲି ସେତେ ବେଳେ ପୁରୀ ପୌରପାଳିକା ତରଫରୁ ହାଇକୋର୍ଟରେ ଦର୍ଶାଯାଇଥିଲା । ଜାତୀୟ ରାଜପଥ ଘୋଷଣା କରାଯାଇଥିବା ଅଞ୍ଚଳରେ ବ୍ୟବସାୟ ପାଇଁ କାହାକୁ ଲାଇସେନ୍ସ ଦିଆଯିବ ନାହିଁ ଓ କୌଣସି ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରାଯିବ ନାହିଁ ବୋଲି ପୁରୀ ପୌରପାଳିକା ପକ୍ଷରୁ ହାଇକୋର୍ଟରେ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଚଳିତ ବର୍ଷ ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ମଧ୍ୟରେ ପୁରୀ ପୌରପାଳିକା କେତେକ ଅସ୍ଥାୟୀ ଷ୍ଟଲ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ନିକଟରୁ ଅନୁମତି ଲୋଡ଼ିଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରି ବଡ଼ଦାଣ୍ଡରେ ଷ୍ଟଲ ନିର୍ମାଣ ପାଇଁ ପୌରପାଳିକା ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର କରାଯାଇଥିଲା । ଏହି ମାମଲାର ଶୁଣାଣି ବେଳେ ପୁରୀ ପୌରପାଳିକା ପକ୍ଷରୁ ଅଭିଯୋଗକୁ ଅସ୍ୱୀକାର କରାଯାଇଥିଲା । ପୌରପାଳିକା ତରଫରୁ ଦର୍ଶାଯାଇଥିଲା ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ବଡ଼ଦାଣ୍ଡର ଜାତୀୟ ରାଜପଥ ଉପରେ କୌଣସି ସ୍ଥାୟୀ ବା ଅସ୍ଥାୟୀ ନିର୍ମାଣ କରାଯାଉନାହିଁ । ବଡ଼ଦାଣ୍ଡ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଜନସାଧାରଣଙ୍କ ସୁବିଧା ପାଇଁ ତଥା ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଗ୍ନିଶମ, ଆଇନସେବା, ଖାଦ୍ୟ ଓ ଜଳ ବଣ୍ଟନ, ଫାଷ୍ଟଏଡ୍ ଓ ଅନ୍ୟ ଜନସେବା ସଂପର୍କିତ ଷ୍ଟଲ କରିବା ପାଇଁ ଯୋଜନା ରହିଛି । ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ଓ ଜାତୀୟ ରାଜପଥ ପ୍ରାଧିକରଣ ଅନୁମତିରେ ସବୁ କାର୍ଯ୍ୟ କରାଯାଉଛି ବୋଲି ପୁରୀ ପୌରପାଳିକା ଦର୍ଶାଇଛି । ହାଇକୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ ପୌରପାଳିକାକୁ ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଥିଲେ ।

## ତାରିଖ ପରେ ତାରିଖ ଗଡ଼ିବ ନାହିଁ କେସ୍

# ନୂଆ ଆଇନରେ ଲୋକଙ୍କୁ ମିଳିବ ତୁରନ୍ତ ନ୍ୟାୟ : ଡିଜିପି

**ଭୁବନେଶ୍ୱର, ୩/୭ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଲାଗୁ ହୋଇଛି ନୂଆ ଅପରାଧିକ ଆଇନ। ପୂର୍ବରୁ ବ୍ରିଟିଶ ସମୟରୁ ପ୍ରଚଳିତ ଆଇନ ଇତିହାସ ପାଲଟିଛି । ନୂତନ ଆଇନରେ ଦଣ୍ଡ ବଦଳରେ ନ୍ୟାୟ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ନୂଆ ଆଇନ ଲାଗୁ ପରେ କେବଳ ସାଧରଣ ଜନତା ନୁହେଁ ପୋଲିସ ମଧ୍ୟ ସମୀକ୍ଷା କରିଛନ୍ତି । ଏହି ନୂଆ ଆଇନ ସମ୍ବନ୍ଧରେ ୧୭ଟି ଏସଓପି ଜାରି କରାଯାଇଥିବା ଡିଜିପି କହିଛନ୍ତି । ଡ଼ିଜିପି ଅରୁଣ ଷଡଙ୍ଗୀ କହିଛନ୍ତି, 'ନୂଆ ଆଇନରେ ବୈପ୍ଲବିକ ପରିବର୍ତ୍ତନ ଦେଖାଯାଇଛି ଏଥିପାଇଁ ପ୍ରଶିକ୍ଷଣ ନେବାର ଆବଶ୍ୟକତା ରହିଛି । ଏନେଇ ୧୪୦ଟି ଟ୍ରେନିଂ କରାଯାଇଛି । ୬ହଜାର ୭୦୦ଜଣ ଇନଭେଷ୍ଟିଗେସନ ଅଫିସରଙ୍କୁ ତାଲିମ ଦିଆସରିଛି । ଏଥିସହ ନ୍ୟାସନାଲ ଲ' ୟୁନିଭରସିଟି ସହ ଯୋଗାଯୋଗ ରହି ତାଲିମ ନେଇ ମଧ୍ୟ ବ୍ୟବସ୍ଥା ହୋଇଛି । ୧୦୦ଟି ମାଷ୍ଟର ଟ୍ରେନର ତିଆରି କରାଯାଇଛି ଯେଉଁମାନେ ବିଭିନ୍ନ ଜିଲ୍ଲାରେ ଟ୍ରେନିଂ ଦେଉଛନ୍ତି । ସମସ୍ତ ତଦନ୍ତକାରୀ ଅଧିକାରୀ ଟ୍ରେନିଂ ପାଇ ସାରିଛନ୍ତି । ଯଦି କାହାର ସମସ୍ୟା ରୁହେ ହେଲ୍ପ ଡେସ୍କ ତିଆରି କରିଛୁ ।



 କ୍ରାଇମ ଆଣ୍ଡ୍ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମକୁ ଷ୍ଟେଟ କ୍ରାଇମ୍ ରେକର୍ଡ ବ୍ୟୁରୋ ମଧ୍ୟ ମନିଟର କରୁଛି । ଏଥିସହ ଏଥିରେ ଏକ ପ୍ରମୁଖ ଭୂମିକା ଫରେନ୍ସିକର ଥିବାରୁ ସେ ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ନୂଆ ଆଇନ ଅନୁଯାୟୀ ଏବେ ଯେକୌଣସି ଥାନାରେ ଅଭିଯୋଗ ଦାୟର କରିପାରିବେ । ସମସ୍ତ ପୋଲିସ ଷ୍ଟେସନ କେସ ରେଜିଷ୍ଟର କରି ଅନ୍ୟତ୍ର ଅର୍ଥାତ୍ ଯେଉଁଠି ଅପରାଧ ଘଟିଥିବା ସେଠାକୁ ସ୍ଥାନାନ୍ତର କରାଯିବାର ପ୍ରାବଧାନ ରହିଛି । ଫଳରେ ସାଧାରଣ ଲୋକଟିଏ ଗୋଟିଏ ସ୍ଥାନରେ ଠକେଇର ଶିକାର ହେଲେ ଯେଉଁଠି ସେ ଚାହୁଁଛି ରିପୋର୍ଟ ଦେବାକୁ ସେଠାରେ ଜଣାଇପାରିବେ । ଏଥିସହ ଇ-ଏଫ୍ଆଇଆର ମଧ୍ୟ ଲାଗୁ ହୋଇଛି । ଅନଲାଇନରେ ମଧ୍ୟ ଅଭିଯୋଗ ଦେଇପାରିବେ । ଏଫ୍ଆଇଆର ରେଜିଷ୍ଟର ପାଇଁ ଆପଣଙ୍କୁ ତିନିଦିନ ମଧ୍ୟରେ ଆସି ଦସ୍ତଖତ କରି ଏଫଆଇଆର ନେଇପାରିବେ । ୨୧ଟି ନୂଆ ଧର୍ତ୍ତବ୍ୟ ଅପରାଧ ପାଇଁ ଆଇନ: ସଂଗଠିତ ଅପରାଧ କୁ ଗୁରୁତରଭାବେ ନିଆଯାଇଛି। ଅର୍ଥାତ୍ ଗ୍ୟାଙ୍ଗଷ୍ଟାର, ଡକାୟତି ବା ରାହାଜାନି ଭଳି ସଂଗଠିତ ଭାବେ ଅପରାଧ କରି ଲୋକଙ୍କୁ କ୍ଷତି ପହଞ୍ଚାଇବା ଭଳି ମାମଲାରେ ଅଧିକ ଦଣ୍ଡ ବ୍ୟବସ୍ଥା ସହ ନୂତନ ଭାବେ ଆଇନ ହୋଇଛି। ସେହିପରି ଛିନତାଇ , ଭିଡ଼ ହିଂସା ବା ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଭଳି ଅପରାଧକୁ ଗୁରୁତର ଭାବେ ନିଆଯାଇଛି । ରାଷ୍ଟ୍ର ବିରୋଧି ମନ୍ତବ୍ୟ ମଧ୍ୟ ଦେଲେ ନୂଆ ଆଇନରେ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା ରହିଛି । ଦୁର୍ନୀତି ଘଟଣାର ତଦନ୍ତ ମଧ୍ୟ ପୋଲିସକୁ ମିଳିଛି । ଯାହା ଆଗରୁ କେବଳ ଭିଜିଲାନ୍ସ ପକ୍ଷରୁ କରାଯାଉଥିଲା । ଲୁଟ, ଆତଙ୍କବାଦ ବା ଦେଶଦ୍ରୋହମାମଲାକୁ ମଧ୍ୟ ଗୁରୁତର ଭାବେ ନିଆ ଯାଇଛି । ସେହିପରି ଦୁର୍ଘଟଣା ଘଟାଇ ସେଠାରୁ ଖସି ପଳାଇଲେ ଦଣ୍ଡ ଦୁଇ ଗୁଣା ହେବାର ନିୟମ ରହିଛି । ଅନ୍ୟପଟେ ଯଦି ଦୁର୍ଘଟଣା ଘଟାଇଥିବା ବ୍ୟକ୍ତି ସେଠାରେ ଦୁର୍ଘଟଣାଗ୍ରସ୍ତ ଲୋକକୁ ସାହାଯ୍ୟ କରିବେ ତେବେ ଦଣ୍ଡ କମ ରହିଛି । ନାବାଳିକା ଫେରାର ଘଟଣାକୁ ନିଖୋଜ ମାମଲା ନୁହେଁ ବରଂ ଅପହରଣ ମାମଲାରେ ତଦନ୍ତ ହେବ । ମାନବ ଚାଲାଣ ଭଳି ମାମଲାକୁ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯାଇଛି । ମହିଳା ଓ ଶିଶୁ ଅପରାଧ ଆଇନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଇ- ସାକ୍ଷ୍ୟ ଆପ୍: ଯେହେତୁ ଏହି ଆଇନରେ ଜବତ ଓ ସର୍ଚ୍ଚ ଅପରେସନ ବେଳେ ଡିଜିଟାଲ ଏଭିଡେନ୍ସକୁ ଗୁରୁତ୍ୱ ଦିଆଯାଇଛି । ଏନେଇ ଏକ ଇ-ସାକ୍ଷ୍ୟ ଆପ୍ ତିଆରି ହୋଇଛି । ଯାହା ଜରିଆରେ ଅଫିସର କେଉଁଠି କେଉଁ କେସରେ ସର୍ଚ୍ଚ ବା ତଦନ୍ତ କରୁଛନ୍ତି ଏହି ଆପ ଜରିଆରେ ଫଟୋ ବା ଭିଡିଓ ଉତ୍ତୋଳନ କରି ତଦନ୍ତରେ ସହଯୋଗ କରିପାରିବେ । ସମସ୍ତ ତଦନ୍ତକାରୀ ଅଧିକାରୀଙ୍କୁ ଏହି ଡିଜିଟାଲ ପ୍ରମାଣ ସଂଗ୍ରହ ଆଦି ଦିଗରେ ସହଜ ହେବ । ଫରେନସିକ ରିପୋର୍ଟକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଆଗରୁ ୫୧୧ଟି ସେକ୍ସନ ରହିଥିବା ବେଳେ ନୂତନ ଆଇନରେ କିନ୍ତୁ ୩୪୮ଟି ଧାରା ରହିଛି ।

## ଲାଞ୍ଚ ନେବାବେଳେ ଧରାପଡିଲେ ତହସିଲଦାର

**ନୟାଗଡ଼,୩।୭ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଖଣ୍ଡପଡା ତହସିଲଦାର ଧୋବେଇ ନାୟକ ଛନ୍ଦି ହୋଇ ପଡିଛନ୍ତି। ବାଲିଗାଡି ଛାଡିବା ପାଇଁ ଦଲାଲ ମାଧ୍ୟମରେ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଦଲାଲ ମୋହରି ପ୍ରସନ୍ନ ସାହୁଙ୍କୁ ନୟାଗଡ଼ ଭିଜିଲାନ୍ସ ଗିରଫ କରିଛି। ତେବେ ଧୋବେଇଙ୍କ ଭାପୁର ଏବଂ ଭୁବନେଶ୍ୱରର ଘରେ ଭିଜିଲାନ୍ସ ଚଢଉ ଜାରି ରହିଛି । ନୟାଗଡ ଜିଲ୍ଲା ସିଦ୍ଧାମୁଳା ନିକଟ ମହାନଦୀରୁ ବାଲି ବୋଝେଇକରି ହାଇୱା ଗାଡ଼ିରେ ବିଭିନ୍ନ ସ୍ଥାନକୁ ବେଆଇନ ଭାବେ ନିଆଯାଇଥାଏ । କୌଣସି କାରଣରୁ ଚନ୍ଦନ ଜେନାଙ୍କ ବାଲି ବୋଝେଇ ଗାଡ଼ିକୁ ଖଣ୍ଡପଡା ତହସିଲଦାର ଧୋବେଇ ନାୟକ ଅଟକ ରଖିଥିଲେ । ଗାଡ଼ି ଛାଡିବା ପାଇଁ ତହସିଲଦାର ଗାଡିମାଲିକଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ମଙ୍ଗଳବାର ରାତିରେ ଗାଡିମାଲିକଙ୍କ ଠାରୁ ଟଙ୍କା ନେଉଥିବାବେଳେ ପ୍ରସନ୍ନଙ୍କୁ ନୟାଗଡ ଭିଜିଲାନ୍ସ ଟିମ ତାଙ୍କୁ ଧରିଥିଲା। ପ୍ରସନ୍ନ ତହସିଲଦାରଙ୍କ ପାଇଁ ଟଙ୍କା ନେଉଥିବା ସ୍ୱୀକାର କରିବାପରେ ଭିଜିଲାନ୍ସ ଟିମ ଧୋବେଇ ନାୟକଙ୍କ ଭାପୁର ଏବଂ ଭୁବନେଶ୍ୱର ଘରେ ଚଢ଼ଉ ଜାରି ରଖିଥିବା ଜଣାପଡିଛି ।



ଭୁବନେଶ୍ୱର : ରାଜ୍ୟ ଅତିଥି ଭବନ ଠାରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓସ୍ୱାସରେ ଫାଇଲ୍ କାମ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)


## ପ୍ରକାଶ ଅପେକ୍ଷାରେ...
## 'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା
**ସମକାଳର କଥା :** ଜି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର - ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା - ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)




ରବିବାସରୀୟ କଳିକା
ହାରିଯାଇଥିବା ହକ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ୍ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ାଗଲା

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଭୁବନେଶ୍ୱରରେ ବର୍ବରକାଣ୍ଡ

# ଋଣ ପାଇଁ ବାପାଙ୍କୁ ଛୁରୀ ଭୁସି ହତ୍ୟା କଲା ପ୍ରଫେସର ପୁଅ



**ଭୁବନେଶ୍ୱର, ୩/୭ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ରକ୍ତାକ୍ତ ହେଲା ରକ୍ତସମ୍ପର୍କ । ନିଜ ବାପାଙ୍କୁ ଛୁରୀ ଭୁସି ନିର୍ମମ ଭାବେ ହତ୍ୟା କଲା ଉଚ୍ଚଶିକ୍ଷିତ ପୁଅ । ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆର ଏକ ଆପାର୍ଟମେଣ୍ଟରେ ଘଟିଛି ଏହି ଜଘନ୍ୟକାଣ୍ଡ । ହତ୍ୟାକାରୀ ପୁଅର ନାମ ଅନିରୁଦ୍ଧ ଚୌଧୁରୀ, ସେ ଜଣେ ଘରୋଇ ଲ' କଲେଜର ପ୍ରଫେସର । ସେ ନିଜର ୬୮ ବର୍ଷୀୟ ବୃଦ୍ଧ ବାପା ସୁନୀଲ ଚୌଧୁରୀଙ୍କୁ ହତ୍ୟା କରିଥିଲେ । ତେବେ ଋଣ ବୋଝ ଯୋଗୁଁ ସେ ଏଭଳି ନାରକୀୟ କାଣ୍ଡ ଘଟାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ, ରଙ୍ଗମାଟିଆ ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ଏହି ହତ୍ୟାକାଣ୍ଡ ଘଟିଛି । ମୃତକ ସୁନୀଲ ଚୌଧୁରୀ ନିଜର ପୁଅ ଅନିରୁଦ୍ଧ ଏବଂ କେୟାରଟେକର ସହ ଆପାର୍ଟମେଣ୍ଟରେ ରହୁଥିଲେ । ମଙ୍ଗଳବାର ରାତିରେ ପୁଅ ସୁନୀଲ ଚୌଧୁରୀଙ୍କୁ ଛୁରାମାଡ କରିଥିଲେ । ଏଥିରେ ସେ ଗୁରୁତର ହୋଇଥିବା ବେଳେ ତାଙ୍କର କେୟାରଟେକର ତାଙ୍କୁ ହସ୍ପିଟାଲକୁ ନେଇଥିଲେ । ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି। ଘଟଣାସ୍ଥଳରୁ ଛୁରୀ, ରକ୍ତଲଗା କପଡା ଜବତ କରିଛି ପୋଲିସ। ଏଥିସହ ଅଭିଯୁକ୍ତ ପୁଅକୁ ଗିରଫ କରିଥିବା ଜଣାପଡିଛି । ତେବେ ରାଜଧାନୀରେ ଜଣେ ଉଚ୍ଚଶିକ୍ଷିତ ପୁଅର ଏଭଳି ଜଘନ୍ୟକାଣ୍ଡ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଏନେଇ ଭୁବନେଶ୍ୱର ଡିସିପି କହିଛନ୍ତି ଯେ, ଋଣଗ୍ରସ୍ତ ହୋଇ ପୁଅ ଅନିରୁଦ୍ଧ ଚୋଧୁରୀ ତାଙ୍କର ୬୮ ବର୍ଷୀୟ ବୃଦ୍ଧ ବାପାଙ୍କୁ ହତ୍ୟା କରିଛନ୍ତି । ଅନିରୁଦ୍ଧ ଲକ୍ଷାଧିକ ଟଙ୍କାର ଋଣବୋଝ ତଳେ ଦବିଥିଲେ । ଋଣ ଟଙ୍କା ସୁଝିବା ପାଇଁ ବାପାଙ୍କୁ ଟଙ୍କା ମାଗୁଥିଲେ । ସେ ନଦେବାରୁ ମଙ୍ଗଳବାର ରାତିରେ ଘରର ପରିବା କଟା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ । କେୟାରଟେକର ଗୁରୁତର ଅବସ୍ଥାରେ ମେଡିକାଲ ନେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ନୂଆ ଆଇନ ବିଏନ୍ଏସ୍ ୧୦୩ରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ପୋଲିସ ଘଟଣାସ୍ଥଳରୁ ପାରିପାର୍ଶ୍ୱିକ ପ୍ରମାଣ ସଂଗ୍ରହ ସହ ସାଇଣ୍ଟିଫିକ ଟିମ୍ ଜରିଆରେ ତଦନ୍ତ କରିଛି । ଆପାର୍ଟମେଣ୍ଟର ୧୦୮ ନଂ ଫ୍ଲାଟରେ ସୁନୀଲ ଚୌଧୁରୀ କେବଳ ନିଜ ପତ୍ନୀ ସହ ରହୁଥିଲେ । ଦୁଇ ଦିନ ହେବ ପୁଅ ଅନିରୁଦ୍ଧ ଆସି ତାଙ୍କ ପାଖରେ ରହୁଥିଲେ । ଋଣ ସୁଝିବାକୁ ଟଙ୍କା ଦରକାର ଥିବାରୁ ବାପାଙ୍କୁ ମାଗିବାକୁ ଆସିଥିଲେ । ହତ୍ୟା ଦିନ ରାତିରେ ବାପ-ପୁଅ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ଏଥିରେ ଅନିରୁଦ୍ଧ ହିତାହତ ଜ୍ଞାନ ହରାଇ ମାଆ ଆଖି ଆଗରେ ବାପାଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ । ମାଆ ବିରୋଧ କରିବାକୁ ତାଙ୍କୁ ଧକ୍କା ଦେଇ ତଳେ ପକାଇ ଦେଇଥିଲେ । ଏହାପରେ ମାଆ ନିଜର କେୟାରଟେକରକୁ ଡାକିବା ପରେ ସେ ଆସି ସୁନୀଲଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ । ମୃତକ ସୁନିଲ ଚୋଧୁରୀ ନାଲକୋର ଜଣେ ରିଟାର୍ଡ ଉଚ୍ଚପଦସ୍ଥ ଅଧିକାରୀ ଥିଲେ । ତାଙ୍କ ପାଖରେ ଅନେକ ଧନ ସମ୍ପତ୍ତି ଥିଲା । ତାଙ୍କର ପୁଅବୋହୂ ଅଲଗା ରହୁଥିଲେ ।